CMYK

• Vol.- 46, Issue No. 41
• Tuesday, 12 May 2026
• ମଙ୍ଗଳବାର, ୧୨ ମଇ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

**ରାକ୍ଷସ ସାଜିଲେ ମାଙ୍କଡ଼ା ମାଫିଆ**

ଛିଣ୍ଡାଇଦେଲେ ଦୁଇହାତ, କାଟିଲେ ପାପୁଲି

# ଯୁବକଙ୍କୁ ବୀଭତ୍ସ ହତ୍ୟା

■ ଖଣ୍ଡାରେ ପକାଇଲେ ୫୦ଚୋଟ ■ ୪ ଗିରଫ ■ ତଦନ୍ତ ଜାରି

ନୟାଗଡ଼,୧୧।୫(ନିପ୍ର): ନୟାଗଡ଼ ଜିଲ୍ଲା ଓଡଗାଁରେ ବର୍ବର ହତ୍ୟାକାଣ୍ଡ ଘଟିଛି । ଅତି ଅମାନୁଷିକ ଭାବେ ଜଣେ ଯୁବକଙ୍କୁ ହାତ ଗୋଡ଼ ହାଣି ହତ୍ୟା କରାଯାଇଥିବା ଘଟଣା ଏଠାରେ ଆଲୋଡ଼ନ ସୃଷ୍ଟି କରିଛି । ସୂଚନା ଅନୁଯାୟୀ ବିଳମ୍ବିତ ରାତିରେ ରୋହିବାଙ୍କରୁ ଓଡ଼ଗାଁକୁ ମାଙ୍କଡା ବ୍ୟବସାୟୀମାନେ ବେଆଇନ ଭାବେ ମାଙ୍କଡା ପଥର ଚୋରା ଚାଲାଣ କରୁଥିବା ସମୟରେ ଓଡଗାଁ ଥାନା ଖେଳପଡ଼ିଆ ସାହି ଅଞ୍ଚଳର ଜଣେ ଯୁବକ ବିରୋଧ କରିଥିଲେ । ଫଳରେ ଅପରପକ୍ଷର ୬ରୁ ୭ଜଣ ମିଶି ଅତି ନିର୍ମମ ଭାବେ ଓଡ଼ଗାଁ କଦଳୀ ବନ୍ଧ ଛକ ଠାରେ ତାଙ୍କୁ ହତ୍ୟା କରି ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତି । ମୃତକ ଜଣକ ହେଲେ ଅଜିତ ସାହୁ । ଏକ ସୂତ୍ରରୁ ପ୍ରକାଶ ଯେ, ଏହି ମାଫିଆମାନେ ଯୁବକ ଜଣକ ଦୁଇହାତ କାଟିବା ସହ ପାପୁଲି ମଧ୍ୟ କାଟି ଦେଇଛନ୍ତି । ଅନ୍ୟୁନ ଖଣ୍ଡାରେ ସେମାନେ ୫୦ ଚୋଟ ବସାଇଛନ୍ତି । ଏପରି ବର୍ବରତା ବିରଳ ବୋଲି କୁହାଯାଉଛି । ପୋଲିସ ୪ଜଣ ସନ୍ଦିଗ୍ଧଙ୍କୁ ଧରି ତଦନ୍ତ କରିବା ପରେ ଗିରଫ କରିଥିବା ଏକ ସୂତ୍ରରୁ ପ୍ରକାଶ । ଏପଟେ ମୃତକଙ୍କ ପରିବାର ପକ୍ଷରୁ ଦୀର୍ଘ ୯ ଘଣ୍ଟାଧରି ରାସ୍ତାରୋକ କରାଯାଇଥିଲା । ଫଳରେ ଦୀର୍ଘ ସମୟ ପାଇଁ ଉତ୍ତେଜନା ଦେଖା ଯାଇଥିଲା । ଖବର ପାଇ ଘଟଣା ସ୍ଥଳରେ ଓଡଗାଁ ପୋଲିସ, ଏସଡିପିଓ, ଉପ ଆରକ୍ଷୀ ଅଧୀକ୍ଷକ ଏପରି କି ସେଣ୍ଟ୍ରାଲ ଆଇଜି କଟକ ପହଞ୍ଚି ଘଟଣା ତଦନ୍ତ କରିବା, ବୁଝାସୁଝା କରିଥିଲେ । କୁହାଯାଉଛି ଯେ ପରିବାର ଲୋକଙ୍କ ଦାବି ଅନୁସାରେ ଲିଖିତ ଦେବା ପରେ ରାସ୍ତା ରୋକ ହଟିଥିଲା । ପରେ ଓଡ଼ଗାଁ ପୋଲିସ ଶବ ଜବତ କରି ନୟାଗଡ଼ ମୁଖ୍ୟ ଚିକିତ୍ସାଳୟର ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ । ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି ।



## ଖଇରାରେ ମହିଳାଙ୍କୁ ହତ୍ୟା

ବାଲେଶ୍ୱର,୧୧।୫: ବାଲେଶ୍ୱର ଜିଲ୍ଲାର ଖଇରା ଥାନା ସୀମା ଅନ୍ତର୍ଗତ ହରିପୁର ଗ୍ରାମରେ ଛାତ ନିର୍ମାଣ କାମକୁ ନେଇ ଏକ ହିଂସାତ୍ମକ ବିବାଦ ଘଟିବାରୁ ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି ।ମୃତକଙ୍କ ନାମ କମଳା ସେଠି (୩୯) । ତାଙ୍କ ଭାଉଜ ସକୁନ୍ତଳା ସେଠିଙ୍କୁ ଗୁରୁତର ଅବସ୍ଥାରେ କଟକର ଏସସିବି ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ସେ ଜୀବନ ପାଇଁ ସଂଘର୍ଷ କରୁଛନ୍ତି । ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡିଛି । ରବିବାର ସକାଳେ ସୁରେନ୍ଦ୍ରଙ୍କ ପରିବାର ସେମାନଙ୍କ ନିର୍ମାଣାଧୀନ ଘରର ଛାତ ପାଇଁ ସେଣ୍ଟ୍ରିଂ କାମ କରୁଥିବା ସମୟରେ ଏହି ଘଟଣା ଘଟିଥିଲା । ଛାତ ନିର୍ମାଣକୁ ନେଇ ପଡ଼ୋଶୀଙ୍କ ସହ ବିବାଦ ଆରମ୍ଭ ହୋଇଥିଲା, ଯାହା ଶୀଘ୍ର ହିଂସାତ୍ମକ ହୋଇଯାଇଥିଲା । ତାଙ୍କ ପଡ଼ୋଶୀ ଭାରତ ଜେନା ଏବଂ ତାଙ୍କ ପରିବାର ସଦସ୍ୟମାନେ ବିବାଦୀୟ ଜମିରେ ନିର୍ମାଣ କାହିଁକି କରୁଛନ୍ତି ବୋଲି ପଚାରିବାରୁ ଯୁକ୍ତିତର୍କ ଶୀଘ୍ର ଉଗ୍ର ହୋଇଯାଇଥିଲା । ଭାରତ ଜେନା, ତାଙ୍କ ସ୍ତ୍ରୀ ଭାରତୀ, ପୁଅ ମାନସ ଏବଂ ପରିବାରର ଅନ୍ୟ ଜଣେ ସଦସ୍ୟ ମିନତୀ ଧାରୁଆ ଅସ୍ତ୍ର ବ୍ୟବହାର କରି ସୁରେନ୍ଦ୍ରଙ୍କ ପରିବାର ଉପରେ ଭୟଙ୍କର ଆକ୍ରମଣ କରିଥିଲେ ବୋଲି ଅଭିଯୋଗ ହୋଇଛି ।

ବେଲପାହାଡ଼: କାର୍‌ରେ ଆସି ହାଣିଲେ, ଜଣେ ମୃତ

## ୩ ଅଭିଯୁକ୍ତ ଗିରଫ



ଝାରସୁଗୁଡା,୧୧।୫: ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଫାଟକ ନିକଟରେ ସୋମବାର ସ୍ୱଚ୍ଛ ଦିବାଲୋକରେ ହତ୍ୟାକାଣ୍ଡ ଘଟିଛି । କିଛି ଦୁର୍ବୃତ୍ତ କାର୍ ଯୋଗେ ଆସି ଦୁଇ ଜଣଙ୍କ ଉପରେ ଭୁଜାଲି ମାଡ଼ କରିଥିଲେ । ଫଳରେ ଉଭୟଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ଅଛନ୍ତି । ମୃତକ ଜଣକ ରାହୁଲ ମହତ ଓ ଆହତ ଜଣକ ଆକାଶ ସାହୁ ବୋଲି ଜଣା ପଡିଛି । ଉଭୟ ବେଲପାହାଡ଼ ଜୁନାଡିହି କଲେଜ ପଡାର । ପ୍ରାଥମିକ ସୂଚନା ଅନୁସାରେ, ଉଭୟ ରାହୁଲ ଓ ଆକାଶ ବାଟରେ ଯାଉଥିବା ବେଳେ କିଛି ଦୁର୍ବୃତ୍ତ ଏକ କାର୍‌ରେ ଆସି ସେମାନଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲେ । ଦୁର୍ବୃତ୍ତଙ୍କ ଭୁଜାଲି ଆକ୍ରମଣରେ ରାହୁଲଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା । ସେହିପରି ଆକାଶଙ୍କୁ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଲଖନପୁର ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ଏବଂ ପରେ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ହେବାରୁ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । ଖବର ଝାରସୁଗୁଡା ଏସପି, ବ୍ରଜରାଜନଗର ଏସଡିପିଓ, ବେଲପାହାଡ଼ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ କାରରେ ପ୍ରାୟ ୪ ଜଣ ବ୍ୟକ୍ତି ଥିଲେ । ପୋଲିସ କ୍ରାଇମ ସ୍ଥଳୀକୁ ଆବଦ୍ଧ କରି ରଖିଛି । ହତ୍ୟାକାଣ୍ଡ କାହିଁକି ହୋଇଛି ତାହା ସ୍ପଷ୍ଟ ହୋଇ ନଥିବାବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହତ୍ୟା କାଣ୍ଡ ଘଟିଥିବା ସନ୍ଦେହ କରାଯାଇଛି । ପୋଲିସ ମୃତ ଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଛି । ଘଟଣାରେ ୩ ଜଣ ଅଭିଯୁକ୍ତ ଗିରଫ ହୋଇଥିବା ଏକ ସୂତ୍ରରୁ ପ୍ରକାଶ ।

## ହିମାନ୍ତ ଆଜି ନେବେ ଶପଥ



ଗୁଆହାଟି,୧୧।୫: ହିମନ୍ତ ବିଶ୍ୱ ଶର୍ମା ମଙ୍ଗଳବାର ଆସାମରେ ଲଗାତାର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିବେ । ରାଜ୍ୟର ଜଣେ ଅଣ-କଂଗ୍ରେସ ନେତାଙ୍କ ଦ୍ୱାରା ଏହା ପ୍ରଥମ ।ଆସାମ ଗଣ ପରିଷଦର ନେତା ପ୍ରଫୁଲ୍ଲ କୁମାର ମହନ୍ତ ମଧ୍ୟ ଦୁଇଥର ଆସାମ ମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ, ଯଦିଓ ଲଗାତାର ନୁହେଁ । ତାଙ୍କର ଦୁଇଟି କାର୍ଯ୍ୟକାଳ ୧୯୮୫ ରୁ ୧୯୯୦ ଏବଂ ୧୯୯୬ ରୁ ୨୦୦୧ ପର୍ଯ୍ୟନ୍ତ ଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଗୃହମନ୍ତ୍ରୀ ଅମିତ ଶାହ ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ହିମାନ୍ତଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗଦେଉଥିବା ନେଇ ସୂଚନା ରହିଛି ।

## ମୌସୁମୀ ପାଇଁ ପାଗ ଅନୁକୂଳ

ଭୁବନେଶ୍ୱର,୧୧।୫: ମୌସୁମୀ ପାଇଁ ପାଗ ଅନୁକୂଳ ରହିଛି । ଚଳିତ ସପ୍ତାହର ଶେଷ ଆଡ଼କୁ ଦକ୍ଷିଣ ବଙ୍ଗୋପସାଗରକୁ ଦକ୍ଷିଣପଶ୍ଚିମ ମୌସୁମୀ ବାୟୁ ଛୁଇଁବା ଆଶା ରହିଛି ।ଏକ୍ସ'ରେ ଏନେଇ ସୂଚନା ଦେଇ ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ ଲେଖିଛନ୍ତି ଚଳିତ ସପ୍ତାହର ଶେଷ ଆଡକୁ ଦକ୍ଷିଣ ବଙ୍ଗୋପସାଗର, ଆଣ୍ଡାମାନ ସାଗର ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର କିଛି ଅଞ୍ଚଳକୁ ଦକ୍ଷିଣପଶ୍ଚିମ ମୌସୁମୀ ବାୟୁ ଅଗ୍ରସର ହେବା ପାଇଁ ପାଗ ଅନୁକୂଳ ହେବାର ସମ୍ଭାବନା ରହିଛି ।

## ଚାଷୀ ମାଗିଲେ ଇଚ୍ଛାମୃତ୍ୟୁ

ବରଗଡ଼,୧୧।୫: ବରଗଡ଼ରେ ଆରମ୍ଭ ହୋଇଛି ରବି ଧାନ କିଣା । ଏହାରି ଭିତରେ ଚକିତ ଖବର ଆସିଛି । ଜଣେ ଚାଷୀ ଇଚ୍ଛାମୃତ୍ୟୁ ପାଇଁ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି । ଖରିଫ ଧାନ ବିକ୍ରିରେ ବଞ୍ଚିତ ହୋଇଥିବାରୁ ଏପରି ନିଷ୍ପତ୍ତି ନେଇଛନ୍ତି ଚାଷୀ ଜଣଙ୍କ । ଅନ୍ୟ ଚାଷୀମାନେ ଖରିଫ ଧାନ କିଣା ସମୟରେ ଯେପରି ଚିନ୍ତିତ ଥିଲେ, ସେପରି ସମସ୍ୟା ନେଇ ପୁଣି ଆଶଙ୍କା କରିଛନ୍ତି ।ବରଗଡ଼ ଜିଲ୍ଲାରେ ସୋମବାରଠାରୁ ଆରମ୍ଭ ହୋଇଛି ରବି ଧାନ କିଣା । ଗତ ଖରିଫ ଋତୁରେ ଧାନ ବିକ୍ରି କରିବାରୁ ବଞ୍ଚିତ ଚାଷୀ ରୋହିତ ଭୋଇ ଜିଲ୍ଲାପାଳଙ୍କୁ ଚିଠି ଲେଖି ଇଚ୍ଛା ମୃତ୍ୟୁ ମାଗିଛନ୍ତି । ଧାନ ବିକ୍ରି ହୋଇନଥିବାରୁ ଟଙ୍କା ନାହିଁ, ବାପାଙ୍କ ଔଷଧ କିଣି ପାରୁନାହାନ୍ତି, ପୁଅ ଝିଅଙ୍କ ପାଠପଢ଼ା ଭଳି ମୌଳିକ ଆବଶ୍ୟକତା ପୂରଣ କରିପାରୁନାହାନ୍ତି । ଏପରି ସ୍ଥିତିରେ ଇଚ୍ଛା ମୃତ୍ୟୁ ପାଇଁ ସେ ଚିଠି ଲେଖିଛନ୍ତି ।

## ଦେଶରେ ପେଟ୍ରୋଲ, ଡିଜେଲ ପର୍ଯ୍ୟାପ୍ତ ଉପଲବ୍ଧ

### ଏଲ୍‌ପିଜି ଯୋଗାଣ ଜାରି : ସରକାର

ନୂଆଦିଲ୍ଲୀ, ୧୧।୫; କେନ୍ଦ୍ର ସରକାର ସୋମବାର କହିଛନ୍ତି ଯେ ପଶ୍ଚିମ ଏସିଆରେ ଚାଲିଥିବା ସଙ୍କଟ ସତ୍ତ୍ୱେ ଦେଶରେ ପେଟ୍ରୋଲ ଏବଂ ଡିଜେଲର ପର୍ଯ୍ୟାପ୍ତ ଷ୍ଟକ୍ ଉପଲବ୍ଧ ଅଛି ଏବଂ ଘରୋଇ ରୋଷେଇ ଆବଶ୍ୟକତା ପାଇଁ ଏଲପିଜି ଯୋଗାଇ ଦିଆଯାଉଛି । ଏଥିସହିତ କେବଳ ଗତ ତିନିଦିନ ମଧ୍ୟରେ, ୧.୨୬ ନିୟୁତ ବୁକିଂ ତୁଳନାରେ ୧୧୪ ନିୟୁତ ଘରୋଇ ରନ୍ଧନ ଗ୍ୟାସ୍ (ଏଲପିଜି) ବିତରଣ କରାଯାଇଛି । ଆମର ବିଶୋଧନାଗାରଗୁଡ଼ିକ ସେମାନଙ୍କର ପୂର୍ଣ୍ଣ କ୍ଷମତାରେ କାର୍ଯ୍ୟ କରୁଛନ୍ତି ବୋଲି ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା ଏକ ଆନ୍ତଃମନ୍ତ୍ରିସ୍ତରୀୟ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଦେଶରେ କୌଣସି ଖୁଚୁରା ଦୋକାନରେ ଷ୍ଟକ୍ ଶେଷ ହେବାର କୌଣସି ଖବର ନାହିଁ । ଏଲପିଜି ବିତରକମାନେ ମଧ୍ୟ ସୁଚାରୁ ରୂପେ କାର୍ଯ୍ୟ କରୁଛନ୍ତି ଏବଂ କେଉଁଠି ବି ଷ୍ଟକ୍ ଶେଷ ହେବାର କୌଣସି ଖବର ନାହିଁ । ସେ ସୂଚନା ଦେଇଛନ୍ତି ଯେ ଗତ ତିନି ଦିନ ମଧ୍ୟରେ ୧୭,୦୦୦ ଟନ୍ରୁ ଅଧିକ ବାଣିଜ୍ୟିକ ଏଲପିଜି ବିକ୍ରି ହୋଇଛି । ୭୬୨ ଟନରୁ ଅଧିକ ଅଟୋ ଏଲପିଜି ମଧ୍ୟ ବିକ୍ରି ହୋଇଛି । ଏହା ବ୍ୟତୀତ, ଏହି ସମୟ ମଧ୍ୟରେ ୧,୪୦,୦୦୦ରୁ ଅଧିକ ୫ କିଲୋଗ୍ରାମର ସିଲିଣ୍ଡର ବିକ୍ରି ହୋଇଛି । ତୈଳ ବିପଣନ କମ୍ପାନୀଗୁଡ଼ିକ ଦ୍ୱାରା ପ୍ରାୟ ୯୩ଟି ଶିବିର ଆୟୋଜନ କରାଯାଇଥିଲା, ଯେଉଁଥିରେ ୨,୧୦୦ରୁ ଅଧିକ ସିଲିଣ୍ଡର ବିକ୍ରି ହୋଇସାରିଛି ।

■ ସୋମନାଥ ଅମୃତ ପର୍ବରେ ପ୍ରଧାନମନ୍ତ୍ରୀ ମୋଦି

# କୌଣସି ଶକ୍ତି ଆମକୁ ନୁଆଁଇ ପାରିବନି

**ଅମୃତ ପର୍ବ ହଜାର ବର୍ଷ ପାଇଁ ପ୍ରେରଣା**

ନୂଆଦିଲ୍ଲୀ,୧୧।୫:ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମନାଥ ଅମୃତ ପର୍ବ ପାଳନ ଅବସରରେ ଗୁଜରାଟର ସୋମନାଥ ମନ୍ଦିରରେ ସୋମବାର ପ୍ରାର୍ଥନା ଏବଂ ପୂଜା କରିଛନ୍ତି । ପୁନରୁଦ୍ଧାର ହୋଇଥିବା ମନ୍ଦିରର ଉଦ୍‌ଘାଟନର ୭୫ ବର୍ଷ ପୂର୍ତ୍ତି ଏହି ମହାପୂଜାରେ ସଂପନ୍ନ ହୋଇଛି । ପରେ କୁମ୍ଭାଭିଷେକ ଏବଂ ପତାକା ଉତ୍ତୋଳନ କରାଯାଇଥିଲା । ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ସୋମନାଥ ମନ୍ଦିର ଅଟଳ ବିଶ୍ୱାସ, ଦିବ୍ୟତା ଏବଂ ଦେଶର ଅନନ୍ତ ଆତ୍ମାର ଏକ ପବିତ୍ର ପ୍ରତୀକ ଭାବରେ ଠିଆ ହୋଇଛି । ସେ କହିଥିଲେ ଯେ ସୋମନାଥ ଅମୃତ ପର୍ବ କେବଳ ଅତୀତକୁ ପାଳନ କରିବା ପାଇଁ ଏକ ପର୍ବ ନୁହେଁ, ବରଂ ଆଗାମୀ ଏକ ହଜାର ବର୍ଷ ପାଇଁ ଦେଶର ପ୍ରେରଣା ହେବ । ସୋମନାଥ ଲୋକମାନଙ୍କୁ ମନେ ପକାଇ ଦିଏ ଯେ ଯେକୌଣସି ଜାତି କେବଳ ତା'ର ମୂଳ ସହିତ ଜଡିତ ରହିଲେ ହିଁ ଦୀର୍ଘ ସମୟ ପାଇଁ ଶକ୍ତିଶାଳୀ ରହିପାରିବ । ବିଶ୍ୱର କୌଣସି ଶକ୍ତି ଭାରତକୁ ନତ କିମ୍ବା ଦମନ କରିପାରିବ ନାହିଁ । ପ୍ରଧାନମନ୍ତ୍ରୀ ଭାରତର ସାଂସ୍କୃତିକ ଐତିହ୍ୟ, ଆତ୍ମବିଶ୍ୱାସ ଏବଂ ଜାତୀୟ ଶକ୍ତି ବିଷୟରେ ଏକ ଶକ୍ତିଶାଳୀ ବାର୍ତ୍ତା ଦେଇଛନ୍ତି । ସେ କହିଥିଲେ, ଆକ୍ରମଣକାରୀମାନେ ସୋମନାଥକୁ କେବଳ ଏକ ଭୌତିକ ଢାଞ୍ଚା ବୋଲି ଭାବିଥିଲେ, ଏବଂ ଏହାକୁ ବାରମ୍ବାର ଧ୍ୱଂସ କରିଥିଲେ । କିନ୍ତୁ ପ୍ରତ୍ୟେକ ଥର, ସୋମନାଥ ପୁଣି ଠିଆ ହୋଇଥିଲେ କାରଣ ଏହାକୁ ଧ୍ୱଂସ କରିଥିବା ଲୋକମାନେ ଭାରତର ବୈଚାରିକ ଶକ୍ତିକୁ ବୁଝିପାରି ନଥିଲେ । ଭାରତୀୟ ସଂସ୍କୃତି ଭୌତିକ ଶରୀରକୁ ନଶ୍ୱର ବୋଲି ମାନିଥାଏ, କିନ୍ତୁ ଏହା ମଧ୍ୟରେ ଥିବା ଆତ୍ମାକୁ ଅମର ବୋଲି ମାନିଥାଏ । ଶିବ ହେଉଛନ୍ତି ପରମାତ୍ମା, ଏବଂ ଏହା ଭାରତର ଅନନ୍ତ ଚେତନାର ସର୍ବଶ୍ରେଷ୍ଠ ଶକ୍ତି । ଇତିହାସରେ ଅନେକ ଆକ୍ରମଣକାରୀ ସୋମନାଥ ମନ୍ଦିର ଉପରେ ଆକ୍ରମଣ କରି ଏହାର ବୈଭବକୁ ନଷ୍ଟ କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ସେମାନେ କେବେ ସଫଳ ହୋଇ ନ ଥିଲେ । ଏହା ସହ ପ୍ରଧାନମନ୍ତ୍ରୀ କହିଥିଲେ, ଆଜିର ଦିନ ଆଉ ଏକ କାରଣରୁ ସ୍ୱତନ୍ତ୍ର ରହିଛି । ଆଜିର ଦିନରେ ପୋଖରାନରେ ପରମାଣୁ ପରୀକ୍ଷଣ କରାଯାଇଥିଲା । ଆମ ବୈଜ୍ଞାନିକ ଭାରତର ସାମର୍ଥ୍ୟ ଏବଂ କ୍ଷମତାକୁ ଦୁନିଆ ଆଗରେ ରଖିଥିଲେ । ସାରା ଦୁନିଆରେ ଝଡ ସୃଷ୍ଟି ହୋଇଥିଲା ।



ଲିଙ୍ଗରାଜ ପୀଠରେ 'ସୋମନାଥ ସ୍ୱାଭିମାନ ପର୍ବ': କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ

# ପୂର୍ବର ଅଜେୟ ଶକ୍ତି ଲିଙ୍ଗରାଜ



● ଏକାମ୍ର କ୍ଷେତ୍ରର ବିକାଶ ପାଇଁ ୩୩୦ କୋଟି
● ଶ୍ରୀଜଗନ୍ନାଥ ସଂଗ୍ରହାଳୟ ପାଇଁ ୧୦୦୦ କୋଟି

ଭୁବନେଶ୍ୱର, ୧୧।୫(ନିପ୍ର):ସୋମନାଥ ମନ୍ଦିର ପୁନରୁଦ୍ଧାରର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ସୋମବାର ଏକାମ୍ର କ୍ଷେତ୍ରସ୍ଥ ପ୍ରଭୁ ଲିଙ୍ଗରାଜଙ୍କ ପୀଠରେ 'ସୋମନାଥ ସ୍ୱାଭିମାନ ପର୍ବ' ଏକ ଆଧ୍ୟାତ୍ମିକ ପରିବେଶରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ଅଭିଭାଷଣରେ ସୋମନାଥ ଓ ଲିଙ୍ଗରାଜଙ୍କ ମଧ୍ୟରେ ଥିବା ଏକ ଅଦୃଶ୍ୟ ଓ ଗଭୀର ସମ୍ପର୍କ ଉପରେ ଆଲୋକପାତ କରି କହିଥିଲେ ସୋମନାଥ ଯଦି ଭାରତର ପଶ୍ଚିମ ପ୍ରହରୀ, ତେବେ ଲିଙ୍ଗରାଜ ହେଉଛନ୍ତି ପୂର୍ବର ଅବିଚଳିତ ଶକ୍ତି । ଆଜି ଏକାମ୍ର ପୀଠରେ ଏକ ବିଶେଷ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା, ଯେତେବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁଜରାଟର ପ୍ରଭାସ ପାଟନସ୍ଥିତ ସୋମନାଥ ମନ୍ଦିରରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପରିଚାଳିତ ଭବ୍ୟ ସମାରୋହର ସିଧାପ୍ରସାରଣ ଦେଖିଥିଲେ । ଗୁଜରାଟରୁ ଶ୍ରୀ ସୋମନାଥ ମନ୍ଦିର ଟ୍ରଷ୍ଟର ଅଧ୍ୟକ୍ଷ ଭାବେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ଓ ପୂଜାର୍ଚ୍ଚନା କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଶ୍ରଦ୍ଧାର ସହ ଦେଖିବା ସହିତ ଲିଙ୍ଗରାଜ ପୀଠର ଶ୍ରଦ୍ଧାଳୁମାନଙ୍କ ସହ ସେହି ମୁହୂର୍ତ୍ତକୁ ବାଣ୍ଟିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ବିକାଶ ଭି, ବୀରାସତ ଭି' ନୀତି ଅନୁଯାୟୀ ଓଡ଼ିଶା ସରକାର ୩୩୦ କୋଟି ଟଙ୍କା ବିନିଯୋଗରେ ଏକାମ୍ର କ୍ଷେତ୍ରର ବିକାଶ ଏବଂ ୧୦୦୦ କୋଟି ଟଙ୍କା ବ୍ୟୟରେ ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଭଳି ପ୍ରକଳ୍ପ ଓଡ଼ିଶାକୁ ଭାରତର ସାଂସ୍କୃତିକ ରାଜଧାନୀ ଭାବେ ପ୍ରତିଷ୍ଠା କରିବ ବୋଲି ସେ ପ୍ରକାଶ କରିଛନ୍ତି । ଏହାସହ 'ଅରେଞ୍ଜ ଇକୋନୋମି' ବା ସଂସ୍କୃତି ଭିତ୍ତିକ ଅର୍ଥନୀତିକୁ ପ୍ରୋତ୍ସାହନ ଦେଇ ପର୍ଯ୍ୟଟନ ମାଧ୍ୟମରେ ସ୍ଥାନୀୟ ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି କରିବା ତାଙ୍କ ସରକାରର ମୂଳ ଲକ୍ଷ୍ୟ । କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ, ଏକାମ୍ର ବିଧାୟକ ବାବୁ ସିଂ, ସଂସ୍କୃତି ସଚିବ ଡ. ବିଜୟ କେତନ ଉପାଧ୍ୟାୟ ଏବଂ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ ପ୍ରମୁଖ ଉପସ୍ଥିତ ଥିଲେ ।

## ଦେଶରେ ଜୁଲାଇ ପହିଲାରୁ ଲାଗୁ ହେବ ଭିବି-ଜି ରାମ ଜି

ନୂଆଦିଲ୍ଲୀ,୧୧।୫: କେନ୍ଦ୍ର ସରକାରଙ୍କ ବିକଶିତ ଭାରତ-ନିଶ୍ଚିତ ରୋଜଗାର ଏବଂ ଆଜୀବନ ମିଶନ (ଗ୍ରାମୀଣ) ବା ଭିବି-ଜି ରାମ୍ ଜି ଆଇନ ୨୦୨୫ ଲାଗୁ କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଆସନ୍ତା ଜୁଲାଇ ପହିଲାରେ ଦେଶ ବ୍ୟାପୀ ଭିବି-ଜି ରାମ୍ ଜି ଲାଗୁ ହେବ । କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ଏହା ଲାଗୁ ହେବ । ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ନୂତନ ନିୟମ ଅନୁଯାୟୀ, ଗ୍ରାମୀଣ ପରିବାର ପ୍ରତ୍ୟେକ ବୟସ୍କ ସଦସ୍ୟମାନେ ସ୍ୱେଚ୍ଛାକୃତ ଭାବରେ ଅଣକୁଶଳୀ ହସ୍ତଗତ କାର୍ଯ୍ୟ କରିବାକୁ ଚାହାନ୍ତି ସେମାନେ ଭିବି-ଜି ରାମ ଜିରେ ନାମ ପଂଜୀକରଣ କରିପାରିବେ । ସେମାନେ ପ୍ରତି ଆର୍ଥିକ ବର୍ଷରେ ୧୨୫ ଦିନର ମଜୁରି ନିଯୁକ୍ତିର ଏକ ବୈଧାନିକ ଗ୍ୟାରେଣ୍ଟି ପାଇବାକୁ ହକଦାର ହେବେ । ମନ୍ତ୍ରାଳୟ ସ୍ପଷ୍ଟ କରିଛି ଭିବି-ଜି ରାମ ଜି ଆଇନ କାର୍ଯ୍ୟକାରୀ ହେବା ସହିତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଆଇନ ବା ମନରେଗା ୨୦୦୫କୁ ତତ୍କାଳ ସ୍ୱରୂପ ଉଚ୍ଛେଦ କରାଯିବ । ସେହିପରି ମନ୍ତ୍ରାଳୟ ଆହୁରି ସ୍ପଷ୍ଟ କରିଛି ଯେ ଇ-କେୱାଇସି କରିଥିବା ସମସ୍ତ ମନରେଗା କାର୍ଡ ମଧ୍ୟ ନୂତନ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି କାର୍ଡ ବୈଧ ରହିବ । ଏହା ସହିତ ଯେଉଁମାନଙ୍କର ଇ-କେୱାଇସି ଜାରି ରହିଛି ସେମାନଙ୍କ ପାଇଁ ମଧ୍ୟ ଏହି ନିୟମ ଲାଗୁ ହେବ । ଗ୍ରାମ ପଞ୍ଚାୟତ ଜରିଆରେ ଜବ୍ କାର୍ଡ ପାଇଁ ଆବେଦନ ଜାରି ରଖିବେ ।

VB-GRAM G Act
— Viksit Bharat 2047 —

CMYK


## ଦେବଦେବୀଙ୍କୁ ଆଳତି ପୂର୍ବକ ପ୍ରସନ୍ନ

ଦେବୀଙ୍କୁ ଭକ୍ତିରେ ପ୍ରସନ୍ନ କରିବା ପାଇଁ ଅନେକ ପ୍ରକାର ଉପାୟ ରହିଛି। ସେଥିମଧ୍ୟରୁ ଦେବଦେବୀଙ୍କୁ ଆଳତି ପୂର୍ବକ ପ୍ରସନ୍ନ କରିବା ହେଉଛି ଅନ୍ୟତମ। ଆଳତି କରିବା ସମୟରେ ଦେବଦେବୀଙ୍କ ସ୍ତୁତି କରିବା ଉଚିତ୍। ତେବେ ଏହି ସ୍ତୁତିକୁ ଅତି ମଧୁର କଣ୍ଠରେ ଗାନ କରିବା ଆହୁରି ମହତ୍ତ୍ୱପୂର୍ଣ୍ଣ ଅଟେ। ମଧୁର କଣ୍ଠରେ ସ୍ୱରକରି ଆଳତି ଗାନର କେବଳ ଯେ ଧାର୍ମିକ କାରଣ ରହିଛି ତାହା ନୁହେଁ, ଏହାର ବୈଜ୍ଞାନିକ କାରଣ ମଧ୍ୟ ରହିଛି। ଆଳତି କରିବା ସମୟରେ ମଧୁର କଣ୍ଠରେ ଦେବଦେବୀଙ୍କ ସ୍ତୁତି କରିବା ଦ୍ୱାରା ଭଗବାନ ଶୀଘ୍ର ପସନ୍ନ ହୋଇଥାନ୍ତି ବୋଲି ଧାର୍ମିକ ଦୃଷ୍ଟିରେ କୁହାଯାଇଛି। ସେହିପରି ବୈଜ୍ଞାନିକ ଦୃଷ୍ଟିକୋଣରୁ ଦେଖିଲେ ବି ସଙ୍ଗୀତ ହେଉଛି ମନକୁ ଆନନ୍ଦ ପ୍ରଦାନ କରୁଥିବା ଏକ ମାଧ୍ୟମ। ଆହୁରି ପୂର୍ବରୁ ରହିଆସିଛି ଯେ, ଆଳତି ସମୟରେ ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର(ଘଣ୍ଟ, ଢ଼ୋଲ, ମୃଦଙ୍ଗ, କାହାଳୀ, ବଇଁଶୀ ଏହିପରି ଅନେକ) ବଜାଇ ସ୍ୱରକରି ସ୍ତୁତି ଗାନ କଲେ ତାହା ଶୀଘ୍ର ଦେବଦେବୀଙ୍କ ନିକଟରେ ପହଞ୍ଚିପାରିଥାଏ। ପ୍ରତିଦିନ ତେଣୁ ସକାଳ ସମୟରେ ସୁରତାଳ ସହିତ ଭଗବାନଙ୍କ ଆଳତି କରିବା ଶୁଭ ହୋଇଥାଏ। ଏହାଦ୍ୱାରା ସ୍ୱାସ୍ଥ୍ୟ ମଧ୍ୟ ଭଲ ରହେ। ଉଚିତ ଭାବେ ଗାଇଲେ ପୂରା ଶରୀର ପ୍ରଭାବିତ ହୁଏ। ଶରୀରକୁ



ଶକ୍ତି ମିଳେ। କଣ୍ଠ ମଧ୍ୟ ସଫା ଏବଂ ସୁରିଲା ହୁଏ। ଏହାକୁ ଏକ ପ୍ରକାର ଯୋଗ ମଧ୍ୟ କୁହାଯାଇପାରେ। ଗଳା ସମ୍ପର୍କିତ କୌଣସି ରୋଗ ହୁଏ ନାହିଁ। ତେଣୁ ଯେତେବେଳେ ଆଳତି କରୁଛନ୍ତି ଚେଷ୍ଟା କରନ୍ତୁ ଉଚିତ ସୁରତାଳରେ ଲହରାଇ ଗାଇବାକୁ। ତେବେ ଠାକୁର ଶୀଘ୍ର ପ୍ରସନ୍ନ ହେବା ସହିତ ସୁସ୍ୱାସ୍ଥ୍ୟର ରହିଛି ସଂପର୍କ।

## ବୈଭବର ଜ୍ୱାଳା



ଆତ୍ରେୟ ଥିଲେ ମହର୍ଷି ଅତ୍ରିଙ୍କ ପୁତ୍ର। ଏକଦା ଦେବଲୋକର ରାଜଧାନୀ ଅମରାବତୀ ଗଲେ। ସେଠାର ଐଶ୍ୱର୍ଯ୍ୟ, ବୈଭବ, ଚାକଚକ୍ୟ ଦେଖି ଏଭଳି ହତଚକିତ ହୋଇଯାଇଥିଲେ ଯେ ଆଶ୍ରମକୁ ଫେରିବା ପରେ ସର୍ବଦା ତାଙ୍କର ମନ ଭିତରେ ଝଲସି ଉଠୁଥିଲା ଅମରାବତୀର ସେହି ଅପରୂପ ବୈଭବ। ଦିବାନିଶି ଏହି ଭାବନା କାରଣରୁ ଧ୍ୟାନ-ଧାରଣା, ଜପ-ତପାଦି ନିତ୍ୟନୈମିତ୍ତିକ କ୍ରିୟାରେ ମନ ଲାଗିଲା ନାହିଁ। ବିହିତ କର୍ମ (ଜପ-ତପାଦି) ସୁଚାରୁରୂପେ ପୂର୍ବ ଭଳି ସମ୍ପାଦନ କରିବା ଲାଗି ପତ୍ନୀ ବହୁତ ବୁଝାଇଥିଲେ। ହେଲେ ଏହା ନିଷ୍ଫଳ ଥିଲା। ପତ୍ନୀ ଶେଷରେ ତ୍ୱଷ୍ଟା ନାମକ ଜଣେ ସିଦ୍ଧତପା ଋଷିଙ୍କ ନିକଟକୁ ଯାଇ ତାଙ୍କର ପରାମର୍ଶ ଗ୍ରହଣ ପାଇଁ ପ୍ରବର୍ତ୍ତାଇବାରେ ସଫଳ ହୋଇଥିଲେ। ଆତ୍ରେୟ ତ୍ୱଷ୍ଟାଙ୍କ ନିକଟକୁ ଯାଇ ନିଜ ଇଚ୍ଛା ପ୍ରକଟ କରିଥିଲେ। ତ୍ୱଷ୍ଟା ଦିବ୍ୟଦୃଷ୍ଟି ବଳରେ ଜାଣିପାରିଲେ- ଆତ୍ରେୟଙ୍କ ମନ ବିଚଳିତ ଅଛି। ଥରେ ଅମରାବତୀର ସୁଖ ଭୋଗ ନକଲେ ସେ ସ୍ୱାଭାବିକ ଅବସ୍ଥାକୁ ଆସିବେ ନାହିଁ। ଆତ୍ରେୟଙ୍କୁ ଆଶ୍ୱାସନା ଦେଇ କହିଥିଲେ- 'ବତ୍ସ ! ମୁଁ ତୁମର ବାସନା ପୂର୍ତ୍ତିରେ ସହାୟତା କରିବି। ଏବେ ନିଜ ଆଶ୍ରମକୁ ଫେରିଯାଅ।' ଆତ୍ରେୟ ଆଶ୍ରମରେ ପହଞ୍ଚିବା ବେଳକୁ ତାଙ୍କୁ ଲାଗିଲା ସେ ଇନ୍ଦ୍ରଭୁବନରେ ପହଞ୍ଚି ଯାଇଛନ୍ତି। ନିଜକୁ ଇନ୍ଦ୍ର ଏବଂ ପତ୍ନୀଙ୍କୁ ଇନ୍ଦ୍ରାଣୀ ମନେ କଲେ। ଇନ୍ଦ୍ରପୁରୀର ସୁଖ ସମ୍ଭୋଗ ଭିତରେ ରହିବାର ଦିନ କେଇଟା ଭିତରେ ଦେବ ଅରି ଅସୁରମାନଙ୍କୁ ସୂଚନା ମିଳିଗଲା ଯେ ମର୍ତ୍ତ୍ୟଲୋକରେ ମଧ୍ୟ ଗୋଟିଏ ଇନ୍ଦ୍ରଭୁବନ ଅଛି। ସେଠାରେ ଜଣେ ଇନ୍ଦ୍ର ଅଛନ୍ତି। ନିଷ୍ପତ୍ତି ନେଲେ ଅବିଳମ୍ବେ ଯାତ୍ରା କରି ସେହି ଇନ୍ଦ୍ରକୁ ହଟାଇ ସିଂହାସନ ଦଖଲ କରିବାକୁ। ରେରେକାର ଧ୍ୱନିରେ ଚତୁର୍ଦ୍ଦିଗ ପ୍ରକମ୍ପିତକରି ଅସୁରମାନେ ଆତ୍ରେୟଙ୍କ ତଥାକଥିତ ଅମରାବତୀ ଅବରୋଧ କଲେ। ଦେବଲୋକର ଇନ୍ଦ୍ର ସର୍ବଶକ୍ତିସମ୍ପନ୍ନ ଥିଲେ। ତାଙ୍କ ନିକଟରେ ଯଥେଷ୍ଟ ଦେବସୈନ୍ୟ ଥିଲେ ଯେଉଁମାନେ ଖୁବ୍ ବଳଶାଳୀ। ହେଲେ ଆତ୍ରେୟ ! ସେ ତ ସଂସାର ବୈରାଗୀ ଜଣେ ସନ୍ନ୍ୟାସୀ। ତାଙ୍କ ନିକଟରେ ନା ଥିଲା ସୈନ୍ୟବଳ ନା ଅସ୍ତ୍ର ବଳ। ପ୍ରାଣରକ୍ଷା ନିମିତ୍ତ ସବୁ ଛାଡ଼ି ଏକମୁହାଁ ହୋଇ ଧାଇଁଥିଲେ ତ୍ୱଷ୍ଟାଙ୍କ ନିକଟକୁ। ପଛେପଛେ ତାଙ୍କ ସ୍ତ୍ରୀ ତ୍ୱଷ୍ଟାଙ୍କ ନିକଟରେ ପହଞ୍ଚି ଜୀବନଭିକ୍ଷା କରି କହିଥିଲେ- 'ଅମରାବତୀର ଐଶ୍ୱର୍ଯ୍ୟ, ସୁଖ ମୋର ଲୋଡ଼ା ନାହିଁ। ମୋର ପ୍ରାଣ ସଂକଟରେ, ଏ ସଂକଟକୁ ମୁଁ ଆମନ୍ତ୍ରଣ କରି ଆଣିଛି। ମୋତେ ଏଥିରୁ ଉଦ୍ଧାର କରନ୍ତୁ। ଆଶ୍ରମର ସୁଖ, ଐଶ୍ୱର୍ଯ୍ୟ ଏହାଠାରୁ ଶତଗୁଣ ଭଲ। ତପସ୍ୱୀର ତ୍ୟାଗପୂତ ଜୀବନ ଅମରାବତୀର ଐଶ୍ୱର୍ଯ୍ୟଠାରୁ ଶ୍ରେୟସ୍କର।' ତ୍ୱଷ୍ଟା ହସିହସି କହିଥିଲେ- 'ଅମରାବତୀର ସୁଖ-ଐଶ୍ୱର୍ଯ୍ୟ କ'ଣ ଏତେ ଶୀଘ୍ର ତୁଚ୍ଛ ହୋଇଗଲା ? ବାହ୍ୟ ଚାକଚକ୍ୟ ବୈଭବ କେତେ ଦୁଃଖଦାୟକ ତାହା ଅନୁଭବ କଲ ତ ? ଯେଉଁମାନେ ବର୍ତ୍ତମାନକୁ ନେଇ ଖୁସି ନ ହୋଇ ଅବିମୃଶ୍ୟକାରୀ ଭାବରେ ସୁଖ ସମ୍ଭୋଗ ଭିତରେ ରହିବାକୁ କାମନା କରିଥାନ୍ତି, ସେମାନେ ତୁମ ଭଳି ଏହାର ଜ୍ୱାଳା ଭୋଗ କରିଥାନ୍ତି। ଯାଅ, ଏବେ ତପୋବନରେ ପୂର୍ବ ଭଳି ତପସ୍ୱୀର ଜୀବନ ଅତିବାହିତ କର।'

**ଦେବଲୋକର ଇନ୍ଦ୍ର ସର୍ବଶକ୍ତିସମ୍ପନ୍ନ ଥିଲେ। ତାଙ୍କ ନିକଟରେ ଯଥେଷ୍ଟ ଦେବସୈନ୍ୟ ଥିଲେ ଯେଉଁମାନେ ଖୁବ୍ ବଳଶାଳୀ...**





## ସୁଦୂରପ୍ରସାରୀ ହୋଇପାରୁନି ବନାଟି

**ବନାଟି କ'ଣ:** ଆସନ୍ତୁ ସର୍ବ ପ୍ରଥମେ ଜାଣିବା। ଏକ ଦଉଡିର ଦୁଇ ପାର୍ଶ୍ୱରେ ଦୁଇଟି ପେଣ୍ଡୁ ଆକୃତିର ପଦାର୍ଥ ଥାଏ। ଯାହା କପଡ଼ାରେ ତିଆରି ହୋଇ ଦୁଇ ପାର୍ଶ୍ୱରେ ବନ୍ଧା ଯାଇଥାଏ। ଏହାକୁ ଗୋଟିଏ କିମ୍ବା ଦୁଇ ହାତରେ ଧରି ବୁଲାଯାଏ। ଏହା ଦୁଇ ପ୍ରକାର। ପ୍ରଥମଟି ହେଉଛି ପିଣ୍ଡୁଳା ବନାଟି ଓ ଅନ୍ୟଟି ହେଉଛି ହୁଳା ବନାଟି। ପିଣ୍ଡୁଳା ବନାଟିରେ ଅଗ୍ନି ସଂଯୋଗ ହୋଇ ନଥାଏ। କିନ୍ତୁ ହୁଳା ବନାଟିରେ ଅଗ୍ନି ସଂଯୋଗ ହୋଇଥାଏ। ଏହାକୁ ଅଭ୍ୟାସ କରିଥିବା ଜଣେ ପ୍ରତିଯୋଗୀ ଗୋଟିଏ କିମ୍ବା ଦୁଇ ହାତରେ ବୁଲାଇଥାନ୍ତି। ଏହି ଖେଳ ଦ୍ୱାରା ଶାରୀରିକ ବ୍ୟାୟାମ ହୋଇଥାଏ ଓ ଶରୀର ସୁସ୍ଥ ରହିଥାଏ।



ବନାଟି ଖେଳ ଏକ ସମର କଳା। ବ୍ୟୂହ ଯୁଦ୍ଧ ସମୟରେ ଏହାକୁ ପ୍ରୟୋଗ କରାଯାଏ। ଶତ୍ରୁ ପକ୍ଷରୁ ଆସୁଥିବା ତେଣ୍ଟା, ବର୍ଚ୍ଛା, ତୀର ଓ ଅନ୍ୟାନ୍ୟ ଅସ୍ତ୍ର ଏହାଦ୍ୱାରା ପ୍ରତିହତ ହୋଇଥାଏ। ଯାହା ଶତ୍ରୁକୁ ମୁକାବିଲା କରିବାରେ ସାହାଯ୍ୟ କରିଥାଏ। ପୁରାଣ ଯୁଗରେ ଅସୁରଙ୍କ ସେନାପତି ରାହୁ ଓ ଦେବତାଙ୍କ ସେନାପତି କାର୍ତ୍ତିକ ଏହି କୌଶଳକୁ ଯୁଦ୍ଧ ସମୟରେ ଅଧିକ ପ୍ରୟୋଗ କରୁଥିଲେ ବୋଲି କିମ୍ବଦନ୍ତୀର ତଥ୍ୟ ରହିଛି। ଏହି କ୍ରୀଡ଼ା ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି। ପୁରୀରେ ଏହି କ୍ରୀଡ଼ା ବହୁଳ ଭାବେ ଦେଖିବାକୁ ମିଳୁଥିବାବେଳେ ଅନ୍ୟ ଜିଲ୍ଲାଗୁଡ଼ିକରେ କାଁ ଭାଁ ଦେଖିବାକୁ ମିଳୁଛି। ରାଜ୍ୟ ସରକାର ଏଥିପ୍ରତି ଧ୍ୟାନ ଦେଉ ନ ଥିବାରୁ ଏହା ଜନମାନସରୁ ଉଭେଇ ଯିବାକୁ ଲାଗିଲାଣି କହିଲେ କିଛି ଭୁଲ ହେବ ନାହିଁ। ଏହି ଖେଳକୁ ସୁଦୂର ପ୍ରସାରୀ କରିବାପାଇଁ ଓଡ଼ିଶା ବନାଟି ଆସୋସିଏସନ ପକ୍ଷରୁ ଦେବଗଡ଼, କଟକ, ଖୋର୍ଦ୍ଧା, ଭଦ୍ରକ, ଜଗତ୍‌ସିଂହପୁର, ଢ଼େଙ୍କାନାଳ, ଗଞ୍ଜାମ ଇତ୍ୟାଦି ଜିଲ୍ଲାରେ ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦିଆଯାଉଛି। ଅନ୍ୟ ଜିଲ୍ଲା ଚାହିଁଲେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କୁ ଏହି ଶିକ୍ଷା ବିନା ଅର୍ଥରେ ପ୍ରଦାନ କରାଯାଇପାରିବ ବୋଲି ଆସୋସିଏସନ ପକ୍ଷରୁ କୁହାଯାଇଛି।

ଏହି କଳାର ଲୋକପ୍ରିୟତା ଯୋଗୁଁ ୨୦୦୭ରେ କେରଳରେ ଅନୁଷ୍ଠିତ ଜାତୀୟ ସଂହତି କ୍ୟାମ୍ପରେ ଓଡ଼ିଶା ପକ୍ଷରୁ ଏହା ପ୍ରଦର୍ଶିତ କରାଯାଇଥିଲା। ସେହିପରି ୨୦୦୯ରେ ପଞ୍ଜାବର ଅମୃତସର, ୨୦୧୦ରେ ଭୁବନେଶ୍ୱର, ୨୦୧୨ରେ ମାଙ୍ଗାଲୋରରେ ଅନୁଷ୍ଠିତ ଜାତୀୟ ଯୁବ ଉତ୍ସବରେ ପୁରୀର ପ୍ରତିଯୋଗୀମାନେ ଏହି କଳା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ। ବନାଟି କେବଳ ପୁରୀ ଓ ନିର୍ଦ୍ଦିଷ୍ଟ କେତୋଟି ଜିଲ୍ଲାରେ ସୀମିତ ଅଛି। ଯଦି ଏହା ବିଭିନ୍ନ ରାଜ୍ୟ ଓ କେତେକ ଦେଶରେ ପ୍ରଚଳିତ ହେବ ତାହାଲେ ଏହାକୁ କ୍ରୀଡ଼ାର ମାନ୍ୟତା ଦିଆଯିବା ପାଇଁ ସରକାର ଚିନ୍ତା କରିବେ। ଏହି କଳାକୁ କ୍ରୀଡ଼ା ବିଭାଗରେ ସାମିଲ କରିବା ପାଇଁ ରାଜ୍ୟ ସରକାରଙ୍କୁ ସବୁ ମହଲରୁ ଅନୁରୋଧ ହେଉଛି।

*-ଗୋପୀନାଥ ଦାଶ*
*ଦୂରଭାଷ : ୮୮୯୫୨୯୬୧୬୭*

## ମନ୍ଦିରରେ ତାଳା ପଡ଼ିଲେ ଭଗବାନଙ୍କ ଉପରେ ଚଢ଼ୁଛି ସତେଜ ଫୁଲ



ମହାଭାରତର ଜଣେ ଯୋଦ୍ଧା ଅଶ୍ୱତ୍ଥାମା କ'ଣ ଏବେ ବି ଜୀବିତ ଅଛନ୍ତି ? ଯାହା ଏବେ ଅନେକ ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏହା ବିଶ୍ୱାସ କରାଯାଏ ଯେ ଭଗବାନ ଶ୍ରୀକୃଷ୍ଣ ଅଶ୍ୱତ୍ଥାମାଙ୍କୁ ଅଭିଶାପ ଦେଇଥିଲେ ଯେ ସେ ଯୁଗ ଯୁଗ ଧରି ଏକାକୀ ବୁଲିବେ, ପ୍ରଚୁର ରକ୍ତସ୍ରାବ କରିବେ, ମୃତ୍ୟୁ କାମନା କରିବେ କିନ୍ତୁ କେବେ ମୋକ୍ଷ ପାଇବେ ନାହିଁ । ମଧ୍ୟପ୍ରଦେଶର ବୁରହାନପୁର ଜିଲ୍ଲାର ଅସୀରଗଡ଼ ଦୁର୍ଗରେ ଏକ ରହସ୍ୟମୟ କିମ୍ବଦନ୍ତୀ ରହିଛି । ଯାହା ଚିରବ୍ୟାପୀ । ଅଶ୍ୱତ୍ଥାମା ଏବେ ବି ଦୁର୍ଗ ଭ୍ରମଣ କରୁଛନ୍ତି ବୋଲି ବିଶ୍ୱାସ ରହିଛି । ସେହି ଦୁର୍ଗ ଭିତରେ ପ୍ରାଚୀନ ଶିବ ବନ୍ଦିର ରହିଛି । ଯେଉଁଠାରେ ମନ୍ଦିରର ତାଲା ଖୋଲାଯିବା ପୂର୍ବରୁ ଶିବଲିଙ୍ଗଙ୍କ ଉପରେ ସତେଜ ଫୁଲ ଚଢାଯାଇଥିବା ଦେଖିବାକୁ ମିଳୁଛି । ଏହି ଫୁଲଗୁଡ଼ିକୁ କିଏ ଅର୍ପଣ କରେ ତାହା ଆଜି ପର୍ଯ୍ୟନ୍ତ ଏକ ରହସ୍ୟ ହୋଇ ରହିଛି । ଅନେକ ଗ୍ରାମବାସୀ ଦାବି କରନ୍ତି ଯେ ସେମାନେ ଜଣେ ଅସାଧାରଣ ଲମ୍ବା ବ୍ୟକ୍ତିଙ୍କୁ ଦେଖିଛନ୍ତି ଯାହାଙ୍କ କପାଳରେ ଗଭୀର କ୍ଷତ ଅଛି । ଏଥିସହ ସେ ତେଲ ଓ ହଳଦୀ ମଧ୍ୟ ମାଗୁଛନ୍ତି । ସେହି ବ୍ୟକ୍ତି ଜଣକ ଅଶ୍ୱତ୍ଥାମା ବୋଲି ବିଶ୍ୱାସ କରାଯାଉଛି । ଯିଏ କି ଏବେ ବି ତାଙ୍କ କର୍ମର ପରିଣାମ ଭୋଗୁଛନ୍ତି ଏବଂ ମୁକ୍ତି ପାଇବାକୁ ଚାହୁଁଛନ୍ତି । ଏତେ ଯନ୍ତ୍ରଣା ପାଉଥିଲେ ମଧ୍ୟ ଏହି ଅଭିଶାପ ତାଙ୍କୁ ଅମର କରି ରଖିଛି । ତେବେ ଆସନ୍ତୁ ଭଗବାନ ଶ୍ରୀକୃଷ୍ଣ କାହିଁକି ଅଶ୍ୱତ୍ଥାମାଙ୍କୁ ଅଭିଶାପ ଦେଇଥିଲେ ସେ ସମ୍ପର୍କରେ ଜାଣିବା । ଅଶ୍ୱତ୍ଥାମା ଏକ ଏପରି ନାମ ଯାହା ରହସ୍ୟ ଏବଂ ଶକ୍ତି ଉଭୟର ପ୍ରତୀକ । ସେ ମହାନ ଗୁରୁ ଦ୍ରୋଣାଚାର୍ଯ୍ୟ ଏବଂ ତାଙ୍କ ପତ୍ନୀ କୃପିଙ୍କ ପୁତ୍ର ଥିଲେ । ଦ୍ରୋଣାଚାର୍ଯ୍ୟ ସନ୍ତାନ ପାଇବା ପାଇଁ କଠୋର ତପସ୍ୟା କରିଥିଲେ ଏବଂ ଏଥିରେ ଖୁସି ହୋଇ ଭଗବାନ ଶିବ ତାଙ୍କୁ ଏକ ଉଜ୍ଜ୍ୱଳ ଏବଂ ଶକ୍ତିଶାଳୀ ପୁତ୍ର ପ୍ରଦାନ କରିଥିଲେ । ଏହି ପୁତ୍ର ପରବର୍ତ୍ତୀ ସମୟରେ ଅଶ୍ୱତ୍ଥାମା ନାମରେ ପରିଚିତ ହୋଇଥିଲେ । ଅଶ୍ୱତ୍ଥାମା ପିଲାଦିନରୁ ଯୁଦ୍ଧରେ ପାରଙ୍ଗମ । ସେ ତାଙ୍କ ପିତାଙ୍କଠାରୁ ଧନୁର୍ବିଦ୍ୟା ଏବଂ ଦିବ୍ୟ ଅସ୍ତ୍ରଶସ୍ତ୍ର ଶିକ୍ଷା କରିଥିଲେ । ତାଙ୍କୁ ମହାଭାରତର ସବୁଠାରୁ ଶକ୍ତିଶାଳୀ ଯୋଦ୍ଧାମାନଙ୍କ ମଧ୍ୟରୁ ଜଣେ ବୋଲି ବିବେଚନା କରାଯାଏ । ମହାଭାରତ ଯୁଦ୍ଧ ସମୟରେ କୌରବଙ୍କ ପକ୍ଷରୁ ଦ୍ରୋଣାଚାର୍ଯ୍ୟ ଯୁଦ୍ଧ କରିଥିଲେ । ଯେତେବେଳେ ଭୀଷ୍ମ ପିତାମହ ନିଷ୍କ୍ରିୟ ହୋଇଗଲେ ସେ କୌରବ ସେନାର ନେତୃତ୍ୱ ଗ୍ରହଣ କରିଥିଲେ । ତାଙ୍କର ରଣନୀତି ଏବଂ ଶକ୍ତି ପାଣ୍ଡବମାନଙ୍କ ପାଇଁ ବିଜୟୀ ହେବା କଷ୍ଟକର କରିଦେଇଥିଲା । ସେହି ସମୟରେ ଭଗବାନ ଶ୍ରୀକୃଷ୍ଣ ଏକ ମାୟା ରଚନା କରିଥିଲେ । "ଅଶ୍ୱତ୍ଥାମାଙ୍କୁ ହତ୍ୟା କରାଯାଇଛି" ବୋଲି ଯୁଦ୍ଧ ସମୟରେ ବ୍ୟାପିଯାଇଥିଲା । କିନ୍ତୁ ପ୍ରକୃତରେ ଭୀମ ଏକ ହାତୀକୁ ହତ୍ୟା କରିଥିଲେ । ଯାହାର ନାମ ମଧ୍ୟ ଅଶ୍ୱତ୍ଥାମା ଥିଲା । ଏହି ଖବର ଶୁଣିବା ପରେ ଦ୍ରୋଣାଚାର୍ଯ୍ୟ ଦୁଃଖରେ ଭାରାକ୍ରାନ୍ତ ହୋଇ ତାଙ୍କ ଅସ୍ତ୍ରଶସ୍ତ୍ର ପରିତ୍ୟାଗ କରିଦେଇଥିଲେ । ସେହି ମୁହୂର୍ତ୍ତର ସୁଯୋଗ ନେଇ ଧୃଷ୍ଟଦ୍ୟୁମ୍ନ ତାଙ୍କୁ ହତ୍ୟା କରିଥିଲେ । ପିତାଙ୍କ ମୃତ୍ୟୁର ସତ୍ୟ ଜାଣିବା ପରେ ଅଶ୍ୱତ୍ଥାମା କ୍ରୋଧିତ ହୋଇ ପାଣ୍ଡବମାନଙ୍କ ପ୍ରତିଶୋଧ ନେବାକୁ ସ୍ଥିର କରିଥିଲେ। ଯୁଦ୍ଧ ସମୟରେ, ସେ ନାରାୟଣାସ୍ତ୍ର ସମେତ ଶକ୍ତିଶାଳୀ ଅସ୍ତ୍ର ବ୍ୟବହାର କରିଥିଲେ । ମହାଭାରତ ଯୁଦ୍ଧ ଶେଷ ହେବା ପରେ ମଧ୍ୟ, ଅଶ୍ୱତ୍ଥାମାଙ୍କ କ୍ରୋଧ ଅତୁଟ ରହିଥିଲା । ରାତିରେ ସେ ପାଣ୍ଡବଙ୍କ ଶିବିର ଉପରେ ଆକ୍ରମଣ କରିଥିଲେ । ସେ ଧୃଷ୍ଟଦ୍ୟୁମ୍ନଙ୍କୁ ହତ୍ୟା କଲେ ଏବଂ ଅନ୍ଧାରରେ, ଦ୍ରୌପଦୀଙ୍କ ପୁତ୍ରମାନଙ୍କୁ ପାଣ୍ଡବ ଭାବି ସେମାନଙ୍କୁ ହତ୍ୟା କରିଥିଲେ । ଏହା ବ୍ୟତୀତ, ସେ ଅର୍ଜୁନଙ୍କ ବଂଶକୁ ଶେଷ କରିବା ଉଦ୍ଦେଶ୍ୟରେ ଉତ୍ତରାଙ୍କ ଗର୍ଭକୁ ନଷ୍ଟ କରିବାକୁ ମଧ୍ୟ ଚେଷ୍ଟା କରିଥିଲେ । ଏହି ଘଟଣା ପରେ କ୍ରୋଧିତ ହୋଇ ଭଗବାନ କୃଷ୍ଣ ଅଶ୍ୱତ୍ଥାମାଙ୍କୁ ଅଭିଶାପ ଦେଇ କହିଥିଲେ ଯେ, ସେ ଯୁଗ ଯୁଗ ଧରି ପୃଥିବୀରେ ବୁଲିବେ । ତାଙ୍କ ଶରୀରରେ ଥିବା କ୍ଷତ କେବେ ଶୁଖିବ ନାହିଁ, ସେ ଦୁଃଖ ଭୋଗ କରିବେ ଏବଂ ମୁକ୍ତି ପାଇଁ ଆକୁଳ ହେବେ । ହେଲେ ସେ ମୃତ୍ୟୁ ମଧ୍ୟ ପାଇବେ ନାହିଁ। ଏହି କାରଣରୁ ଅଶ୍ୱତ୍ଥାମାଙ୍କୁ ମହାଭାରତର ଏକ ଚରିତ୍ର ଭାବରେ ବିବେଚନା କରାଯାଏ । ଯିଏ ଅମର ହେବା ସତ୍ତ୍ୱେ, ଯନ୍ତ୍ରଣାର ଜୀବନ ବିତାଉଛନ୍ତି । ଜଣଙ୍କର କର୍ମ ନିଶ୍ଚିତ ଭାବରେ ଫଳପ୍ରଦ ହୁଏ ବୋଲି ଏହି ଉଦାହରଣ ଦର୍ଶାଉଛି ।



## ଓଲଟା ଝୁଲୁଛନ୍ତି କଣ୍ଢେଇ

**ଜୁଲିଆନ୍ ପାଖ ଅଞ୍ଚଳରୁ ଭଙ୍ଗା କଣ୍ଢେଇ ସଂଗ୍ରହ କରି ଗଛରେ ଟାଙ୍ଗି ଦେଉଥିଲେ । ସେ ରାତିରେ ପାଦ ଶବ୍ଦ, ଫୁସ୍‌ଫୁସ୍ କଥା ହେବା ଏବଂ କାନ୍ଦ ଶୁଣିବାକୁ ମିଳୁଥିବା ଦାବି କରିଥିଲେ । ସେ ବିଶ୍ୱାସ କରୁଥିଲେ ଯେ ଏଗୁଡ଼ିକ ଝିଅଟିର ଆତ୍ମାର ପ୍ରଭାବ**

ବିଶ୍ୱରେ ଅନେକ ସ୍ଥାନ ରହିଛି, ଯାହା ନିଜର ସୌନ୍ଦର୍ଯ୍ୟ ପାଇଁ ଜଣାଶୁଣା । କିଛି ସ୍ଥାନ ନିଜର ରହସ୍ୟ ଏବଂ ଭୟଙ୍କର କାହାଣୀ ପାଇଁ ଜଣା ଯାଇଥାଏ । କିନ୍ତୁ କେବେ ଡଲ୍ ଆଇଲ୍ୟାଣ୍ଡ ବା କଣ୍ଢେଇ ଦ୍ୱୀପ ବିଷୟରେ ଶୁଣିଛନ୍ତି । ଆଜ୍ଞା ହଁ ଏହି ଆଇଲ୍ୟାଣ୍ଡ ମେକ୍ସିକୋ ସହରର ଜୋଚିମିଲକୋ ଅଞ୍ଚଳରେ ଅବସ୍ଥିତ । ଏହା ଡଲ୍ସ ଆଇଲ୍ୟାଣ୍ଡ ଭାବରେ ଜଣାଶୁଣା। ଏହାର ଭୟଙ୍କର ଏବଂ ରହସ୍ୟମୟ ପ୍ରତିଛବି ସାରା ବିଶ୍ୱର ପର୍ଯ୍ୟଟକଙ୍କୁ କରେ ଆକର୍ଷିତ । ପରିଦର୍ଶକମାନେ ଏପରି ଅନୁଭବ କରନ୍ତି ଯେପରି ସେମାନେ କୌଣସି ଭୟଙ୍କର ଫିଲ୍ମ ସେଟରେ ଅଛନ୍ତି। ତେବେ ଏହି ଆଇଲ୍ୟାଣ୍ଡକୁ କେଉଁଠୁ ଆସିଲା ଏତେ ଓଲଟା ଝୁଲୁଥିବା କଣ୍ଢେଇ ? ଏହା ପଛରେ କଣ ରହିଛି କାରଣ ? ଆଇଲ୍ୟାଣ୍ଡର ଗଛ ଏବଂ ବୁଦାରେ ଝୁଲୁଛନ୍ତି ଶହ ଶହ କଣ୍ଢେଇ । କିନ୍ତୁ ଏଗୁଡ଼ିକ କୌଣସି ନୂଆ କିମ୍ବା ସୁନ୍ଦର ନୁହେଁ ବରଂ ପୁରୁଣା, ଭଙ୍ଗା ଏବଂ ଭୟଙ୍କର କଣ୍ଢେଇ । କିଛି କଣ୍ଢେଇ ହାତଗୋଡ ଭାଙ୍ଗି ଯାଇଛି ତ, ଆଉ କିଛିର ଆଖି ଫୁଟି ଯାଇଛି ଏବଂ ଅନେକ କଣ୍ଢେଇର ମୁଣ୍ଡ ନାହିଁ । ଏହି କଣ୍ଢେଇ ଗୁଡିକୁ ଦେଖିଲେ କାହାର ବି ଭୟରେ ଦେହ ଥରି ଉଠିବ । ଏହି ସ୍ଥାନର କାହାଣୀ ୧୯୫୦ ଦଶକର । କୁହାଯାଏ କି ଡନ୍ ଜୁଲିଆନ୍ ସେଣ୍ଟାନା ବୈରେରା ତାଙ୍କ ସ୍ତ୍ରୀ ଏବଂ ପିଲାମାନଙ୍କୁ ଛାଡି ଏହି ଆଇଲ୍ୟାଣ୍ଡରେ ରହିବାକୁ ଆସିଥିଲେ । ତାଙ୍କର ଏଠାକୁ ଆସିବାର କାରଣ ସମସ୍ତେ ଅନେକ କାହାଣୀ କୁହାଯାଏ । କେତେକ ବିଶ୍ୱାସ କରନ୍ତି ଯେ ତାଙ୍କୁ ଏକ ଆତ୍ମା ଏଠାକୁ ଟାଣି ଆଣିଥିଲା। ଆଉ ଆଇଲ୍ୟାଣ୍ଡରେ ପହଞ୍ଚିବା ପରେ ସେ କେନାଲରେ ବୁଡ଼ି ଯାଇଥିବା ଜଣେ ଯୁବତୀଙ୍କ ମୃତଦେହ ଦେଖିଥିଲେ । ଝିଅଟି ପାଖରେ ଏକ କଣ୍ଢେଇ ମଧ୍ୟ ଭାସି ଆସିଥିଲା। ଜୁଲିଆନ୍ କଣ୍ଢେଇଟିକୁ ଉଠାଇ ସମ୍ମାନର ପ୍ରତୀକ ଭାବେ ଗଛରେ ଟାଙ୍ଗି ଦେଇଥିଲେ । ଧିରେ ଧୀରେ ଏହି ଗୋଟିଏ ପୁତୁଳି ଶହ ଶହ ହୋଇଯାଇଥିଲା। ଜୁଲିଆନ୍ ପାଖ ଅଞ୍ଚଳରୁ ଭଙ୍ଗା କଣ୍ଢେଇ ସଂଗ୍ରହ କରି ଗଛରେ ଟାଙ୍ଗି ଦେଉଥିଲେ । ସେ ରାତିରେ ପାଦ ଶବ୍ଦ, ଫୁସ୍‌ଫୁସ୍ କଥା ହେବା ଏବଂ କାନ୍ଦ ଶୁଣିବାକୁ ମିଳୁଥିବା ଦାବି କରିଥିଲେ । ସେ ବିଶ୍ୱାସ କରୁଥିଲେ ଯେ ଏଗୁଡ଼ିକ ଝିଅଟିର ଆତ୍ମାର ପ୍ରଭାବ । ତାକୁ ଶାନ୍ତ କରିବା ଏବଂ ତା'ର ଆତ୍ମାକୁ ସାନ୍ତ୍ୱନା ଦେବା ପାଇଁ ଜୁଲିଆନ୍ କଣ୍ଢେଇଗୁଡ଼ିକୁ ଟାଙ୍ଗି ଚାଲିଥିଲେ। ତେବେ ବୁଡ଼ି ମରି ଯାଇଥିବା ସେହି ଝିଅଟିର କୌଣସି ସରକାରୀ ରେକର୍ଡ କେବେ ମିଳିନାହିଁ । ଏହି କାରଣରୁ କେତେକ ବିଶ୍ୱାସ କରନ୍ତି ଯେ ଏହି କାହାଣୀ ଜୁଲିଆନ୍‌ଙ୍କ କଳ୍ପନା ହୋଇପାରେ । ଜୁଲିଆନ୍ ତାଙ୍କ ଜୀବନର ଶେଷ ପର୍ଯ୍ୟନ୍ତ ଏହି ଆଇଲ୍ୟାଣ୍ଡରେ ଏକା ରହୁଥିଲେ । ୨୦୦୧ରେ ସେ ସେହି କେନାଲରେ ବୁଡ଼ି ମୃତ୍ୟୁବରଣ କରିଥିଲେ । ଯେଉଁଠାରେ ଝିଅଟିର ମୃତଦେହ ମିଳିଥିଲା । ତାଙ୍କ ମୃତ୍ୟୁ ପରେ ଏହି ସ୍ଥାନଟି ଆହୁରି ରହସ୍ୟମୟ ହୋଇଗଲା ଏବଂ ଲୋକମାନେ ଏହାକୁ ଦେଖିବା ପାଇଁ ଦୂର ଦୂରାନ୍ତରୁ ଆସିବାକୁ ଲାଗିଲେ।

## ଅତ୍ୟାଚାରୀ ହେଲେ ରାଜା ଦୁଃଖ ପାଆନ୍ତି



ଥରେ ଭଗବାନ ବୁଦ୍ଧ ଭ୍ରମଣ କରୁ କରୁ ଗୋଟିଏ ରାଜ୍ୟରେ ଯାଇ ପହଞ୍ଚିଲେ । ସେହି ରାଜ୍ୟବାସୀ ନିଜ ରାଜାଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇପଡ଼ିଥିଲେ । ଭଗବାନ ବୁଦ୍ଧ ଆସିବା ଖବର ପାଇଁ ଅତ୍ୟାଚାରୀ ରାଜା ତାଙ୍କ ନିକଟକୁ ଆସିଲେ । ବୁଦ୍ଧ ଦେବଙ୍କୁ ସେହି ରାଜା କହିଲେ, 'ମହାଭାଗ, ମୋତେ ଏମିତି ଉପଦେଶ ଦିଅନ୍ତୁ, ଯାହାଦ୍ୱାରା ମୋ ମନ ଶାନ୍ତି ପାଇବ । ଭଗବାନ ବୁଦ୍ଧ କହିଲେ, 'ରାଜନ୍ ମୁଁ ତୁମକୁ ଏକ ଗପ ଶୁଣାଉଛି । ଗୋଟିଏ ରାଜ୍ୟରେ ଜଣେ ଅତ୍ୟାଚାରୀ ରାଜା ଥିଲେ । ତାଙ୍କ ଅତ୍ୟାଚାରରେ ରାଜ୍ୟବାସୀ ତ୍ରାହି ତ୍ରାହି ଡାକୁଥିଲେ ସାରା ରାଜ୍ୟରେ ସବୁବେଳେ ଅବ୍ୟବସ୍ଥା ଲାଗି ରହିଥିଲା । ଏହା ଦେଖି ଦେବରାଜ ଇନ୍ଦ୍ର ସେହି ଅତ୍ୟାଚାରୀ ରାଜାଙ୍କୁ ପାନେ ଚଖାଇବା ଲାଗି ଚିନ୍ତା କଲେ । ଇନ୍ଦ୍ର ଏକ ଶିକାରୀ ବେଶ ଧରି ସେହି ରାଜ୍ୟରେ ପହଞ୍ଚିଲେ । ତାଙ୍କ ସହ ଗୋଟିଏ ଭୟଙ୍କର କୁକୁର ଥିଲା । କୁକୁରଟି ଖୁବ୍‌ଜୋର୍‌ରେ ଭୁକୁଥିଲା । କୁକୁର ଭୁକିବା ଶବ୍ଦ ଶୁଣି ଅତ୍ୟାଚାରୀ ରାଜା ବାହାରକୁ ଚାଲିଆସିଲେ । କହିଲେ, ଏ ଶିକାରୀ ତୁମ କୁକୁର କାହିଁକି ଏମତି ଭୁକୁଛି । ଶିକାରୀରୂପୀ ଇନ୍ଦ୍ର ଜବାବ ଦେଲେ, ମୋ କୁକୁର ଭୋକିଲା ଅଛି, ସେଥିପାଇଁ ସେ ଏମିତି ଭୁକୁଛି । ଏଥର କୁକୁରଟିକୁ ଖାଇବାକୁ ଦେବା ଲାଗି ରାଜା ନିଜ ପାରିଷଦବର୍ଗଙ୍କୁ ନିର୍ଦ୍ଦେଶ ଦେଲେ । କୁକୁରଟି ଖାଇ ଖାଇ ରାଜାଙ୍କ ଭଣ୍ଡାରର ସବୁ ଖାଦ୍ୟ ସାରିଦେଲା । ହେଲେ ତା' ଭୋକ ବନ୍ଦ ହେଲା ନାହିଁ । ଏଥର ଅତ୍ୟାଚାରୀ ରାଜା ପୁଣି ପଚାରିଲେ, କୁକୁରଟି କାହିଁକି ଭୁକିବା ବନ୍ଦ କରୁନାହିଁ । ଶିକାରୀ କହିଲେ, ଯେ ପର୍ଯ୍ୟନ୍ତ ଏହି ରାଜ୍ୟରେ ସାଧାରଣ ଲୋକ ଅତ୍ୟାଚାରୀଙ୍କ ଦାଉରେ କାଳାତିପାତ କରୁଥିବେ ସେପର୍ଯ୍ୟନ୍ତ ମୋ କୁକୁର ଭୁକି ଚାଲିଥିବ ।' ଭଗବାନ ବୁଦ୍ଧଙ୍କ ଠାରୁ ଏହି କାହାଣୀ ଶୁଣିବା ପରେ ଅତ୍ୟାଚାରୀ ରାଜା ନିଜ ଭୁଲ୍ ବୁଝିପାରିଲେ । ସେବେଠାରୁ ସେ ନିଜ ସ୍ୱଭାବରେ ପରିବର୍ତ୍ତନ ଆଣିବା ସହ ରାଜ୍ୟରେ ଶାନ୍ତି ପ୍ରତିଷ୍ଠା ଦିଗରେ ଅଗ୍ରସର ହେଲେ ।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ୧୮୯ ଜଣ ପଞ୍ଜୀକୃତ

ନିମାପଡ଼ା,(ନି.ପ୍ର.): ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ନିମାପଡ଼ା ପଞ୍ଚାୟତ ସମିତି ଓ ଅନ୍ୟତମ ସାମାଜିକ ଅନୁଷ୍ଠାନ ପିଙ୍ଗଳାକ୍ଷୀ ପବ୍ଲିକ୍ ୱେଲଫେୟାର ଅର୍ଗାନାଇଜେସନ୍ ସହଯୋଗରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ନିମାପଡ଼ା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି । ସମିତି ଅଧ୍ୟକ୍ଷ ଶଙ୍କର ଭୋଇ ଶିବିରକୁ ଉଦ୍‌ଘାଟନ କରି ସମସ୍ତ ଭିନ୍ନ ବ୍ୟକ୍ତି ବିଶେଷ ଏହି ଶିବିରର ସୁଯୋଗ ନେବା ଦିଗରେ ଆଗ୍ରହ ପ୍ରକାଶ କରି ସରକାରୀ ସୁବିଧା ହାସଲ ପାଇଁ ନିବେଦନ କରିଥିଲେ । ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ବରାଳ, ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ସାଂସଦ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ଅନୁଷ୍ଠାନ ସଂପାଦକ ଗଗନ ବିହାରୀ ଦାସ, ପଦ୍ମଲୋଚନ ମହାନ୍ତି ପ୍ରମୁଖ ଯୋଗ ଦେଇ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଅସ୍ଥିଶଲ୍ୟ ବିଭାଗରେ ୧୦୯ ଜଣ, ଦୃଷ୍ଟି ବାଧିତରେ ୧୫ ଜଣ, ଶ୍ରବଣ ବାଧିତରେ ୨୯ ଜଣ, ମାନସିକ ଅନଗ୍ରସରରେ ୨୦ ଜଣ, ଔଷଧ ୧୬ ଜଣ ପଞ୍ଜିକରଣ (ମୋଟ ୧୮୯ ଜଣ) କରିଥିବା ଅନୁଷ୍ଠାନ ସୂତ୍ରରୁ ପ୍ରକାଶ । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଶେଷଜ୍ଞମାନେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ କରିଥିଲେ ।

## ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର

ଯୋଡା,(ନିପ୍ର): କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ସଭାଗୃହ ପରିସରରେ ମିଳିତ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶୁଣାଣୀ ଶିବିରରେ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ ଯୋଗ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ପ୍ରଧାନ,ପିଡି କୁମାର ନାଗଭୂଷଣ,ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା,ସିଡିଏମଓ ଧନେଶ୍ୱର ସେଠୀ,କେନ୍ଦୁଝର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଭା ଧନ,ବଡବିଲ ତହସିଲଦାର ରାକେଶ ପଣ୍ଡା,ଯୋଡା ବିଡିଓ ଡେନିସ ବେହେରା,ଯୋଡା ବ୍ଲକ ଅଧ୍ୟକ୍ଷ କବୀନ୍ଦ୍ର ନାଏକ ଉପସ୍ଥିତ ରହିଥିଲେ । ଯୋଡ଼ା ବ୍ଲକର ବିଭିନ୍ନ ଗ୍ରାମ ଓ ସହରାଞ୍ଚଳରେ ଥିବା ମୌଳିକ ସମସ୍ୟାକୁ ନେଇ ଭିନ୍ନ ଭିନ୍ନ ଗ୍ରାମରୁ ଆସିଥିବା ଅଭିଯୋଗର ଶୁଣାଣୀ ହୋଇଛି ।

## ଗ୍ରାମାଞ୍ଚଳ ପରିବେଶକୁ ଶୃଙ୍ଖଳିତ ରଖିବା ପାଇଁ ଗୁରୁତ୍ୱ

ନିମାପଡ଼ା, (ନି.ପ୍ର.): ବରିଷ୍ଠ ନାଗରିକ ତଥା ସମାଜର କଲ୍ୟାଣ ନିମନ୍ତେ ଉତ୍ସର୍ଗୀକୃତ ସାମାଜିକ ଅନୁଷ୍ଠାନ ମଧୁ ମକ୍ଷିକା ଫାଉଣ୍ଡେସନ୍ ପ୍ରଥମ ବାର୍ଷିକ ଉତ୍ସବ ଲଙ୍କେଶ୍ୱରୀ ମହିଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନ ପରିଚାଳନା ନିର୍ଦ୍ଦେଶକ ଅଭିମନ୍ୟୁ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବାଣିଶ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ଼ଃ ଜ୍ୟୋତ୍ସ୍ନାରାଣୀ ବସ୍ତିଆ, ଲଙ୍କେଶ୍ୱରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ନିରଞ୍ଜନ ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ବଂଶୀଧର ମଲ୍ଲିକ, ଉପଦେଷ୍ଟା ଘନଶ୍ୟାମ ଚଇନି ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଗ୍ରାମ୍ୟ ଜନ ଜୀବନରେ ଭାଇଚାରା, ମାତୃପିତୃ ଭକ୍ତି, ଶୃଙ୍ଖଳିତ ଯୁବଶକ୍ତି, ସର୍ବତ୍ର ଶାନ୍ତି, ମୈତ୍ରୀ ବାତାବରଣ ବଜାୟ ରଖିବା ଦିଗରେ ଆଗ୍ରହ ପ୍ରକାଶ କରିଥିଲେ । ବରିଷ୍ଠ ନାଗରିକ ରବୀନ୍ଦ୍ର ନାଥ ଦାଶ, ଅସହାୟ ମହିଳା ସୁଶୀଳା ସ୍ୱାଇଁ, ମମତା ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିଶୁ କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଉଚ୍ଚକୋଟୀର ଥିଲା ।

## ଗଙ୍ଗା ମା ଙ୍କ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ

କାଶୀନଗର(ନିପ୍ର): କାଶୀନଗର ସହର ପାର୍ଶ୍ୱର ପ୍ରବାହିତ ହେଉଥିବା ପବିତ୍ର ବଂଶ ଧାରା ନଦୀ ତଟରେ 'ଗଙ୍ଗା ମା'ଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ମହା ଆଡମ୍ବର ସହକାରେ ଆରମ୍ଭ ହୋଇଛି । ପ୍ରଥମ ଦିନରେ ସହରର ଶତାଧିକ ମହିଳା କଳସ ଯାତ୍ରା ରେ ଅଂଶ ଗ୍ରହଣ କରି କାଶୀନଗର ସହର ପରିକ୍ରମା କରି ପ୍ରତ୍ୟେକ ମନ୍ଦିରରେ ଜଳାଭିଷେକ କରିଥିଲେ । ଏହି କାର୍ଯ୍ୟକ୍ରମ ପାଞ୍ଚ ଦିନ ଧରି ଚାଲୁ ରହିବ ଏବଂ ପ୍ରତ୍ୟେକ ଦିନ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଭକ୍ତ ଓ ଶ୍ରାଦ୍ଧାଳୁଙ୍କୁ ଆକୃଷ୍ଟ କରାଯିବ । ଏହି ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ କଟିକା ସାହିର ଯୁବ ପରିଷଦ ତଥା ଏମ କୁର୍ମା ରାଓ ଓ କଟିକା ରାମା ରାଓ ସହଯୋଗ କରିଥିଲେ ।

## ସ୍ୱର୍ଣ୍ଣକାର କମିଟି ଜିଲ୍ଲା କର୍ମକର୍ତ୍ତା ନିର୍ବାଚିତ

ନିମାପଡ଼ା, (ନି.ପ୍ର.): ନିମାପଡ଼ା ବ୍ଲକ୍ ସ୍ୱର୍ଣ୍ଣକାର ଜାତିଆଣ କମିଟି ବୈଠକରେ ପୁରୀ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ପ୍ରତିନିଧିମାନେ ଯୋଗ ଦେଇ ଦେଖା ଦେଇଥିବା ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । ବୟସ୍କଙ୍କ ପାଇଁ ଜୀବନ ବୀମା ସୁବିଧା, ବୟସ୍କଙ୍କୁ ଭତା ମିଳିବା ସମେତ ସବୁ ସମୟରେ ଘରୋଇ ହିଂସାର ବିଲୋପ ପାଇଁ ପ୍ରଶାସନକୁ ଅନୁରୋଧ କରାଯାଇଥିଲା । ରାଜ୍ୟ ସଭାପତି ରମେଶ ଚନ୍ଦ୍ର ସାଥୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ସଭାପତି ଭାବେ ଭବାନୀସେନ ସେନାପତି, ସଂପାଦକ ବ୍ରଜ କିଶୋର ବେହେରା, କୋଷାଧ୍ୟକ୍ଷ ନୀଳମଣି ସାହୁ, ଶ୍ରୀଧର ସାହୁ, ନିତ୍ୟାନନ୍ଦ ସାହୁ, ବ୍ରହ୍ମାନନ୍ଦ ସାହୁ, କୈଳାସ ସେନାପତି, ରବୀନ୍ଦ୍ର ସାହୁ, ବନମାଳି ସାହୁ ପ୍ରମୁଖ ନିର୍ବାଚିତ ହୋଇଥିଲେ ।

# ରାଜ୍ୟରେ ବଢ଼ିଚାଲିଥିବା ହିଂସା ଓ ନାରୀ ନିର୍ଯାତନା ପ୍ରତିବାଦରେ ଏସୟୁସିଆଇର ବିକ୍ଷୋଭ

କଟକ (ନିପ୍ର): ରାଜ୍ୟରେ ବଢ଼ିଚାଲିଥିବା ହିଂସା ଓ ନାରୀ ନିର୍ଯାତନା ପ୍ରତିବାଦରେ ଏସ ୟୁ ସି ଆଇ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ଗତ ନିର୍ବାଚନରେ ରାଜ୍ୟରେ ଡବଲ ଇଞ୍ଜିନ ବିଜେପି ସରକାର ପ୍ରତିଷ୍ଠା ହେବା ପରେ ପରିକଳ୍ପିତ ଓ ଯୋଜନାବଦ୍ଧ ଭାବରେ ଶାସକ ଦଳ ଦ୍ୱାରା ଘୃଣା ଓ ହିଂସାର ପ୍ରଚାର କରାଯିବା ଫଳରେ ରାଜ୍ୟରେ ଗୋଟିଏ ପରେ ଗୋଟିଏ ବିଭତ୍ସ ହତ୍ୟାକାଣ୍ଡ ଓ ନାରୀ ନିର୍ଯାତନା ଭଳି ଘଟଣା ଘଟି ଚାଲିଛି । ନିଜ ଭିଟାମାଟି ଏବଂ ଚାଷ ଜମିକୁ ରକ୍ଷା କରିବାପାଇଁ ଲଢେଇ କରୁଥିବା ସଧାରଣ ଲୋକ , ବିଶେଷ କରି ଆଦିବାସୀ ଓ ଦଳିତଙ୍କ ଉପରେ ପୋଲିସ ପ୍ରଶାସନ ଓ ରାଜ୍ୟ ସରକାର ଅକଥନୀୟ ଅତ୍ୟାଚାର କରୁଥିବା ବେଳେ ଏହି ଧରଣର ଅପରାଧ ରୋକିବା କ୍ଷେତ୍ରରେ ସଂପୂର୍ଣ୍ଣ ନିଷ୍କ୍ରିୟ । ଅପରାଧୀମାନେ ପୋଲିସ ପ୍ରଶାସନ ଓ ଶାସକ ଦଳର ପୃଷ୍ଠ ପୋଷାକତା ଲାଭ କରୁଛନ୍ତି । ଶାସକ ବିଜେପି ଦଳ ଦ୍ୱାରା ସୃଷ୍ଟି




କରାଯାଉଥିବା ବିଷାକ୍ତ ସାମାଜିକ ପରିବେଶରେ ମହିଳା ମାନଙ୍କ ଉପରେ ନିର୍ଯାତନା ଦ୍ରୁତ ବଢ଼ି ଚାଲିଛି । ଏହା ବିରୁଦ୍ଧରେ ଆଜି ଏସୟୁସିଆଇ ( କମ୍ୟୁନିଷ୍ଟ) କଟକ ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ପାର୍ଟି ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ବବି ବଳବନ୍ତରାୟ, ବସନ୍ତ ନାୟକ, ସିଦ୍ଧାର୍ଥ ରଥ, ଦୀପକ୍ ଦାସ, ବିନୋଦ ସେଠୀ,ତରୁଣସେନ୍ ନାୟକ, ଇଶା ଧର, ଶିବାନୀ ସାହୁ, ଶୁଭସ୍ମିତା ସାହୁ, ପ୍ୟାଭେଲ ପ୍ରିୟଦର୍ଶନ, ସ୍ୱାଧୀନ ବେହେରା, ସିପ୍ରା ମହାନ୍ତି, ଜୋସ୍ନାରାଣୀ ଦାସ, ଭାଗ୍ୟଶ୍ରୀ ପ୍ରଧାନ ଝରଣା ଦାସ, ସୁଜାତା ମହାପାତ୍ର ପ୍ରମୁଖ ବିକ୍ଷୋଭରେ ନେତୃତ୍ୱ ନେଇଥିଲେ । ବିକ୍ଷୋଭ ସ୍ଥଳରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା ।

# ଧାମନଗରରେ ଉତ୍କଟ ହେଉଛି ଟ୍ରାଫିକ ସମସ୍ୟା

## ପ୍ରଶାସନ ନିଦ୍ରାବତୀ, ଜନଜୀବନ ଅସ୍ତବ୍ୟସ୍ତ

ଧାମନଗର,(ନିପ୍ର): ଧାମନଗର ସହର ଓ ଏହାର ଆଖପାଖ ଅଞ୍ଚଳରେ ଟ୍ରାଫିକ ବ୍ୟବସ୍ଥା ଏବେ ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି । ବଜାରରେ ଅସମ୍ଭାଳ ଭିଡ଼ ସାଙ୍ଗକୁ ବେଆଇନ ପାର୍କିଂ ଏବଂ ଜବରଦଖଲ ଯୋଗୁଁ ସାଧାରଣ ଲୋକଙ୍କ ଯାତାୟାତ ଏକ ପ୍ରକାର ଦୁର୍ବିସହ ହୋଇପଡ଼ିଛି । ସବୁ ଜାଣି ମଧ୍ୟ ସ୍ଥାନୀୟ ପ୍ରଶାସନ ନିରବଦ୍ରଷ୍ଟା ସାଜିବା ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି । ସୂଚନାନୁଯାୟୀ, ବଜାରର ମୁଖ୍ୟ ରାସ୍ତା ଉପରେ ଦୋକାନୀମାନେ ନିଜର ପସରା ମେଳାଇ ଦେଉଥିବାରୁ ରାସ୍ତା ସଂକୀର୍ଣ୍ଣ ହୋଇଯାଉଛି । ଏହା ବ୍ୟତୀତ, ଅନେକ ସ୍ଥାନରେ ଗାଡ଼ି ମାଲିକମାନେ ନିଜ ଯାନବାହନକୁ ବେଆଇନ ଭାବେ ଘଣ୍ଟା ଘଣ୍ଟା ଧରି ରାସ୍ତା ଉପରେ ରଖୁଛନ୍ତି । ବିଶେଷ କରି ମାଲବାହୀ ଗାଡ଼ିଗୁଡ଼ିକ ରାସ୍ତା ମଝିରେ ଛିଡ଼ା ହୋଇ ମାଲ୍ ଅନଲୋଡ କରୁଥିବାରୁ ପରିସ୍ଥିତି ଅଧିକ ଜଟିଳ ହେଉଛି । ଦୋବଲ ବଜାର ଅଞ୍ଚଳରେ ଡ୍ରେନ ନିର୍ମାଣ ହୋଇଛି ଯାହା ଫଳରେ ରାସ୍ତାରେ ଯାତାୟାତ ପାଇଁ ସ୍ଥାନ ଅଭାବ ପଡୁଛି । ଫଳରେ ଦୈନିକ ହଜାର ହଜାର ଯାତ୍ରୀ ଓ ଯାନବାହନ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ଜାମରେ ଫସି ରହୁଛନ୍ତି । ଧାମନଗର ଦେଇ ଦୈନିକ ଜିଲ୍ଲା ତଥା ଜିଲ୍ଲା ବାହାରକୁ ଶତାଧିକ ଘରୋଇ ଓ ସରକାରୀ ବସ୍ ଯାତାୟାତ କରିଥାଏ । ତେବେ ରାସ୍ତାରେ ଶୃଙ୍ଖଳିତ ଟ୍ରାଫିକ ବ୍ୟବସ୍ଥା ନଥିବାରୁ ବସ୍ ଗୁଡ଼ିକ ଯିବା ଆସିବା ସମୟରେ ବଡ଼ ଧରଣର ଜାମ୍ ସୃଷ୍ଟି ହେଉଛି । ରୋଗୀଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସ ମଧ୍ୟ ଅନେକ ସମୟରେ ଏହି ଭିଡ଼ରେ ଅଟକି ରହୁଥିବା ଦେଖିବାକୁ ମିଳୁଛି । ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁସାରେ, ଏହି ସମସ୍ୟା ବାବଦରେ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା ସ୍ଥାନୀୟ ପ୍ରଶାସନ କିମ୍ବା ପୋଲିସ ବିଭାଗ ପକ୍ଷରୁ କୌଣସି କଠୋର ପଦକ୍ଷେପ ନିଆଯାଉନାହିଁ । ଥାନାରେ ଆବଶ୍ୟକ ଷ୍ଟାପ ନଥିବାରୁ ଟ୍ରାଫିକ ସମସ୍ୟାକୁ ରୋକି ହେଉନାହିଁ ତେବେ ଖୁବ୍ ଶୀଘ୍ର ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ଧାମନଗର ଥାନା ଅଧିକାରୀ ସୁବ୍ରଜିତି ଦାଶ କହିଛନ୍ତି ।

## ଫେଲୋସିପ୍ ସଭାଗୃହରେ ଇଣ୍ଟରସିପ୍ ପ୍ରୋଗ୍ରାମ ଉଦ୍‌ଘାଟିତ

ଭଦ୍ରକ(ନିପ୍ର): ଆଜି ଫେଲୋସିପ୍ ସଭାଗୃହରେ ଚରମ୍ପା କଲେଜ ଓ ପାଳିଆବିନ୍ଧା କଲେଜର ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ଇଣ୍ଟରସିପ୍ ପ୍ରୋଗ୍ରାମ ୧୫ ଦିନ ପାଇଁ ଆରମ୍ଭ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଫେଲୋସିପ୍‌ର ସଭାପତି ଝରଣା ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ । ଏଥିରେ ଫେଲୋସିପ୍‌ର ସଂପାଦକ ଏସ୍.ଏମ୍.ଫାରୁକ, ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତିଙ୍କ ସମେତ ଚରମ୍ପା ମହାବିଦ୍ୟାଳୟର ଅଧ୍ୟାପିକ ସୁକାନ୍ତି ମହାପାତ୍ର ଓ ପାଳିଆବିନ୍ଧା କଲେଜର ଅଧ୍ୟାପିକା ଅନିତା ମଞ୍ଜରୀ ଯୋଗ ଦେଇଥିଲେ । ୭୦ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଏହି ଟ୍ରେନିଂ ଆରମ୍ଭରେ ବରିଷ୍ଠ ଅଭିଭକ୍ତା ଓ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସଂପାଦକ ପବନ ଶର୍ମା, ବିଷୟ ବିଷାରଦ ଭାବେ ମହାତ୍ମା ଗାନ୍ଧୀଙ୍କର ରାଜନୈତିକ ଚିନ୍ତାଧାରା ବିଷୟରେ ତାଙ୍କର ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମକୁ ଲିପ୍‌ସା ନାୟକ ( ପ୍ରୋଗ୍ରାମ ମ୍ୟାନେଜର) ପରିଚାଳନା କରିଥିଲେ । ଗ୍ରୀଷ୍ମ ଛୁଟିରେ ପିଲାମାନଙ୍କୁ ସମସ୍ତ ସୋସିଆଲ ଆକ୍ଟିଭିଟିର ପରିଭାଷା ଜଣିବା ପାଇଁ ଏହି ପ୍ରଶିକ୍ଷଣର ଉଦ୍ଦେଶ୍ୟକୁ ଦୀର୍ଘ ୧୫ ଦିନ ଧରି ଆଗେଇ ନେବା ପାଇଁ ଫେଲୋସିପ୍ ପ୍ରୟାସ କରିଛି । ଏଥିରେ ଶିଶୁ ସମସ୍ୟା,ନାରୀ ସମସ୍ୟା, ସାଇବର କ୍ରାଇମ୍, ତୃତୀୟଲିଙ୍ଗ, କ୍ଲାଇମେଟ୍ ମ୍ୟାନେଜମେଣ୍ଟ ଓ ସ୍ୱାସ୍ଥ୍ୟା ସମ୍ବନ୍ଧୀୟ ବିଷୟରେ ଆଲୋକପାତ କରାଯିବ ।

# ୨୭ ଉଚ୍ଚ ବିଦ୍ୟାଳୟର ଟପର ଛାତ୍ରଛାତ୍ରୀ ସମ୍ମାନିତ



ଶେରଗଡ଼(ନିପ୍ର): ଶେରଗଡ଼ ବ୍ଲକ ଅନ୍ତର୍ଗତ ଧନନ୍ତର ସ୍ଥିତ ପିଏମ୍ ଶ୍ରୀ ନାଥେଶ୍ୱର ଉଚ୍ଚ ବିଦ୍ୟାଳୟରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ୨୭ ଟି ଉଚ୍ଚ ବିଦ୍ୟାଳୟର ମାଟ୍ରିକ ଟପରକୁ ପୁଷ୍ପଗୁଚ୍ଛ, ଉତ୍ତରୀୟ,ତଥା ପୁରସ୍କାର ପ୍ରଦାନ କରାଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆସିକା ସାଂସଦଙ୍କ ପ୍ରତିନିଧି ତଥା ବରିଷ୍ଠ ବିଜେପି ନେତା ଶିଶିର ମିଶ୍ର, ସମ୍ମାନୀତ ଅତିଥି ଡେଙ୍ଗା ପଦର ରଘୁନାଥ ମଠର ମହନ୍ତ ପରମାନନ୍ଦ ଦାସ ଗୋସ୍ୱାମୀ, ଲକ୍ଷ୍ମୀନାରାୟଣ ପଣ୍ଡା ,ଏବିଇଓ ଶୈରନ୍ଧ୍ରି ଦଳେଇ ,, ଭାଜପା ସମ୍ପାଦକ ନୟନୀ ଭାଇ,କୁମାରପାଣି ସରପଞ୍ଚ ଉଦୟ ନାଥ ପ୍ରଧାନ, ପିଉଳ ସରପଞ୍ଚ ଗୁରୁନାଥ ପଲେଇ,ବରମୂଣ୍ଡଳୀ ସରପଞ୍ଚ ପ୍ରତିନିଧି କାଲୁ ସାହୁ,ଅଜିତ କୁମାର ଜେନା ଉପସ୍ଥିତ ଥିଲେ । ବରିଷ୍ଠ ସମାଜସେବୀ ତଥା ଭାଜପା ନେତା ନିରଞ୍ଜନ ଜେନା ସଂଯୋଜନାରେ ଶିକ୍ଷକ ଇନ୍ଦ୍ରମଣି ସ୍ୱାଇଁ ଉପସ୍ଥିତ ଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିଶିର କୁମାର ପ୍ରଧାନ ଉପସ୍ଥିତ ରହି ସହଯୋଗ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଶ୍ରୀ ମିଶ୍ର ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀ ଭଲ ମାର୍କ ପାସ୍ କରିଥିବା ଯୋଗୁଁ ବିଦ୍ୟାଳୟର ପ୍ରଧାନଶିକ୍ଷକମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ସତେଇଶି ବିଦ୍ୟାଳୟରୁ ସତର ବିଦ୍ୟାଳୟ ପାସ୍ ହାର ଶତ ପ୍ରତିଶତ ଥିବା ଯୋଗୁଁ ବିଦ୍ୟାଳୟ ଏପରି ପ୍ରୟାସ ଜାରି ରଖିବାକୁ କହିଥିଲେ ।

## ଧବଳପୁର ପଞ୍ଚାୟତର ଅଭିଯୋଗ ଶୁଣାଣି

ଶେରଗଡ଼(ନିପ୍ର): ଶେରଗଡ଼ ବ୍ଲକ ଅନ୍ତର୍ଗତ ଧବଳପୁର ପଞ୍ଚାୟତର ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ବିଡିଓ ତୃପ୍ତିମୟୀ ଜେନା ଅଧ୍ୟକ୍ଷତାରେ ୨୫ ଟି ଅଭିଯୋଗ ଆସିଥିଲା । ସାମୁହିକ ୯ ଟି ଥିବା ବେଳେ, ୧୬ ଟି ଅଭିଯୋଗ ବ୍ୟକ୍ତିଗତ ଥିଲା । ସମସ୍ତ ଅଭିଯୋଗକୁ ସମ୍ପୃକ୍ତ ବିଭାଗକୁ ସମାଧାନ ନିମନ୍ତେ ପଠାଇ ଦିଆଯାଇଛି । ସିଡ଼ିପିଓ ମମତାଞ୍ଜଳୀ ପଣ୍ଡା, ସହକାରୀ ନିର୍ବାହୀ ଯନ୍ତ୍ରୀ ରଶ୍ମିତା ଶବର, ଅତିରିକ୍ତ ତହସିଲଦାର ଲକ୍ଷ୍ମୀପ୍ରିୟା ନାୟକ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରତ୍ନାକର ଜେନା, ଜଳପରିମଳ ସହକାରୀ ଯନ୍ତ୍ରୀ ଶଶାଙ୍କ ଶେଖର ପାଢ଼ୀ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଧବଳେଶ୍ୱର ପୀଠରେ 'ସୋମନାଥ ସ୍ୱାଭିମାନ ପର୍ବ'

ଆଠଗଡ଼,(ନିପ୍ର): ଆଜି ବାବା ଧବଳେଶ୍ୱରଙ୍କ ପୀଠରେ ଗୁଜୁରାଟର ପ୍ରସିଦ୍ଧ ଜ୍ୟୋତିର୍ଲିଙ୍ଗ ସୋମନାଥ ମନ୍ଦିର ପୁନରୁଦ୍ଧାରର ୭୫ ବର୍ଷ ପୂର୍ତ୍ତି ଅବସରରେ 'ସୋମନାଥ ସ୍ୱାଭିମାନ ପର୍ବ' ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୋମନାଥ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା । ପ୍ରଧାନମନ୍ତ୍ରୀ ମୋଦି ପୂଜାର୍ଚ୍ଚନା ସହ ମନ୍ଦିର ଚୂଡ଼ାରେ ବିଶେଷ ସମର୍ପଣ କରିଥିଲେ । ଭାରତୀୟ ସଂସ୍କୃତି ଓ ଆଧ୍ୟାତ୍ମିକ ଐତିହ୍ୟର ସୁରକ୍ଷା ଦିଗରେ ଏହି କାର୍ଯ୍ୟକ୍ରମ ଏକ ସଶକ୍ତ ବର୍ତ୍ତା ପ୍ରଦାନ କରିଛି । ସିଧା ପ୍ରସାରଣ ସମୟରେ ଧବଳେଶ୍ୱର ପୀଠ ପରିସରରେ ଭକ୍ତିମୟ ଜୟଧ୍ୱନି,ହରହର ମହାଦେବ ଧ୍ୱନିରେ



ପ୍ରକମ୍ପିତ ହୋଇଥିଲା । ଏହି ଅବସରରେ କଟକ ଜିଲ୍ଲା ବିଜେପି ସଭାପତି ରାମ ନାରାୟଣ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ଉନ୍ନୟନ) ଡ. ଇପସିତା ପ୍ରିୟଦର୍ଶିନୀ ମିଶ୍ର, ଆଠଗଡ଼ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ଆଠଗଡ଼ ମଣ୍ଡଳ ଉନ୍ନୟନ ଅଧିକାରୀ ଆକାଶ କୁମାର ପଣ୍ଡା, ସହକାରୀ ଜିଲ୍ଲାପାଳ ମାନସ କୁମାର ବେହେରା, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ରବୀନ୍ଦ୍ର ସରକାର, ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱାଗଟିକା ବେହେରା , ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନାଙ୍କ ସମେତ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ, ସ୍ଥାନୀୟ ଲୋକ ପ୍ରତିନିଧି, ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ । ବଡ଼ ପରଦାରେ ସୋମନାଥ ମନ୍ଦିରର ପୂଜାର୍ଚ୍ଚନା ଦେଖି ଉପସ୍ଥିତ ଶ୍ରଦ୍ଧାଳୁ ଅତ୍ୟନ୍ତ ଭାବବିହ୍ୱଳିତ ହୋଇ ପଡ଼ିଥିଲେ ।

## ରମ୍ଭା ଚନ୍ଦନ ଯାତ୍ରା: ଅନ୍ତିମ ଦିନରେ ଜନ ସମୁଦ୍ର



ରମ୍ଭା(ନିପ୍ର): ପ୍ରବଳ ରୌଦ୍ର ତାପ, ଅସହ୍ୟ ଗୁଳୁଗୁଳିକୁ ଭ୍ରୁକ୍ଷେପ ନ କରି ଦିନବେଳା ଖାଁ ଖାଁ ଦିଶୁଥିବା ବେଳେ ଅପରାହ୍ନ ୫ ଘଣ୍ଟିକା ପରେ ଗହଳି ଚହଳିର ବୃଦ୍ଧି ପାଇବା ସହ ଦକ୍ଷିଣ ଓଡିଶାର ପ୍ରସିଦ୍ଧ ରମ୍ଭା ଚନ୍ଦନ ଯାତ୍ରା ଅନ୍ତିମ ତଥା ସପ୍ତମ ଦିବସରେ ସହର ପ୍ରବଳ ଜନ ସମୁଦ୍ରରେ ବୁଡି ରହିଥିଲା । ଭଉଁରୀ ଯାତ୍ରା ହର୍ଷତୋ ଫୁଲ ସହ ମହା ଆଡ଼ମ୍ବର ସହକାରେ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପ୍ରଭୁ ମଦନ ମୋହନ ଓ ଚନ୍ଦ୍ର ଶେଖରଙ୍କୁ ପାରମ୍ପରିକ ସହକାରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରୁ ପାଲିଙ୍କିରେ ଉଭୟ ଜୀଉଙ୍କୁ କାନ୍ଧେଇ ଚନ୍ଦନ ପୋଖରୀରେ ୨୧ଥର ଚାପ ଖେଳ ପୂର୍ବରୁ ପୋଖରୀକୁ ବାଜା, ମୃଦଙ୍ଗ, ଘଣ୍ଟ, କାହାଳି ଦ୍ୱାରା ଅଣାଯାଇ ପରିସମାପ୍ତି ଘଟିଥିଲା । ସ୍ନାନ ଯାତ୍ରା ଦେଖିବା ପାଇଁ ସଂଖ୍ୟାଧିକ ଦର୍ଶକଙ୍କ ଭିଡ଼ ଜମିଥିଲା । ସାହିବସ୍ତି ପରିଭ୍ରମଣ ସମୟରେ ଶ୍ରୀ ଜୀଉଙ୍କୁ ପୂଜା ସାମଗ୍ରୀ ବଢ଼ାଯାଇ ପୂଜାର୍ଚ୍ଚନା ସାଙ୍ଗକୁ ହୁଳହୁଳିରେ ସହର କମ୍ପି ଉଠୁଥିଲା । ଆୟୋଜିତ ରାଜରାସ୍ତା ପାର୍ଶ୍ୱ ତଥା ସ୍ୱର୍ଣ୍ଣକାତର ଜାଗା ମାନଙ୍କରେ ବହୁ ଉଚ୍ଚତା ସମ୍ପର୍ଣ୍ଣ ତୋରଣ ସାଙ୍ଗକୁ ରଙ୍ଗ ବେରଙ୍ଗର ଆଲୋକସଜ୍ଜା ମେଢ଼ ନିର୍ମାଣ ରାସ୍ତା ପାର୍ଶ୍ୱରେ ଭିନ୍ନ ଧରଣର ତଥା ଆଧ୍ୟାତ୍ମିକବାଦୀ ଓ ଦର୍ଶକ ରୁଣ୍ଡ ହେଉଥିବା ଲକ୍ଷ୍ୟ କରାଯାଇଥିଲା । ଏତଦ ବ୍ୟତୀତ ମାନସିକ ବେଶଧାରୀ, ହନୁମାନ, ରାଧାକ୍ରିଷ୍ଣା ମୂର୍ତ୍ତି, ଭୀମ ଧୃଶାସନ ଯୁଦ୍ଧ, କର୍ଣ୍ଣର୍ଜୁନ, ଦାନବୀର ହରିଶ୍ଚନ୍ଦ୍ର, କାଳୀ ମୂର୍ତ୍ତି ମୁଖ୍ୟ ଆକର୍ଷଣ ପାଲଟିଥିଲା । ଏତଦ ବ୍ୟତୀତ ରାଜପଥ ପାର୍ଶ୍ୱରେ ଅବସ୍ଥାପିତ ବହୁ ଉଚ୍ଚତା ସମ୍ପର୍ଣ୍ଣ ମେଢ଼, କାଳୀ ରଥ, ଶ୍ରୀକୃଷ୍ଣଙ୍କ ବିଶ୍ୱ ରୂପ, ରାମଚନ୍ଦ୍ରଙ୍କ ପଟ୍ଟା ଭିଷେକ, ମହିଷାମର୍ଦ୍ଦିନୀ ଦୁର୍ଗା ଉପରେ ଶ୍ରଦ୍ଧାଳୁ ଓ ଦର୍ଶକଙ୍କ ଦୃଷ୍ଟି ନିବିଧ ରହିଥିବା ଲକ୍ଷ୍ୟ କରାଯାଇଥିଲା । ସହର ଉପକଣ୍ଠରେ ମିନା ବଜାର, ରାମ ଦୋଳି, ମନୋହର ସାମାନ, ରଙ୍ଗ ବେରଙ୍ଗର ସାମଗ୍ରୀ ବିକ୍ରୟ ହୋଇଥିବା ପରିଲକ୍ଷିତ ହୋଇଛି । ବିଶେଷ କରି ଶିଶୁ ମାନଙ୍କ ଅନାବଶ୍ୟକ ସାମଗ୍ରୀ କିଣିବା ପାଇଁ ଅଝଟ ଲାଗି ରହିଥିଲା ।

## ୪୨ ମୌଜା ସାଂସ୍କୃତିକ ମହୋତ୍ସବ

କଟକ (ନିପ୍ର): କଟକ ୪୨ମୌଜା ସାଂସ୍କୃତିକ ମହୋତ୍ସବ କମିଟି ଆନୁକୂଲ୍ୟରେ ଆୟୋଜିତ ୪୨ ମୌଜା ସାଂସ୍କୃତିକ ମହୋତ୍ସବର ୨ୟ ଦିନ ଉତ୍ସବକୁ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଉଦଘାଟନ କରିଥିଲେ । ଏହି ଅବସରରେ ସେ କହିଲେ ଯେ ମହୋତ୍ସବର ଆବଶ୍ୟକତା ଗ୍ରାମାଞ୍ଚଳରେ ରହିଛି । ଏହା ଦ୍ୱାରା ଖୁଚୁରା ବ୍ୟବସାୟୀ ଉପକୃତ ହୋଇପାରିବେ । ଏଭଳି କାର୍ଯ୍ୟକ୍ରମକୁ ସେ ଉଚ୍ଚ ପ୍ରଶଂସା କରିଥିଲେ । ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରସନ୍ନ କୁମାର ପତି, ଅସୀମ ଦାସ, ଅମିତାଭ ବିଶ୍ୱାଳ, ପ୍ରତାପ କୁମାର ପତି, ବିନୋଦ କୁମାର ବେହେରା, ସଂପାଦକ ଦୁର୍ଗାପ୍ରସାଦ ପତି, ନିତ୍ୟାନନ୍ଦ ପତି, ବସନ୍ତ କୁମାର ଭୋଇ, ଅଶୋକ ଭୋଇ ଓ ସୁକଦେବ ପଟ୍ଟନାୟକ ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ ।

## ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର

ଭାପୁର-,(ନିପ୍ର): ଭାପୁର ବ୍ଲକ ସଭାଗୃହ ପରିସରରେ ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିର କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁମିତା ରଥ ଯୋଗଦେଇ ଅଭିଯୋଗ ର ଜନଶୁଣାଣୀ କରିଥିଲେ । କାର୍ଯ୍ୟକ୍ରମରେ,ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦ୍ୱେ ସମ୍ପାଦାର,ଆରକ୍ଷୀ ଉପଖଣ୍ଡ ଅଧିକାରୀ ସୁଦିପ କୁମାର ସାହୁ,ଭାପୁର ତହସିଲଦାର ଲୋପାମୁଦ୍ରା ରଥ ଙ୍କ ସମେତ ଜିଲ୍ଲା ତଥା ବ୍ଲକ ରୁ ବିଭିନ୍ନ ବିଭାଗର ପ୍ରଶାସନିକ ପଦାଧିକାରୀମାନେ ଯୋଗ ଦେଇଥିଲେ । ଭାପୁର ବ୍ଲକରେ ମାଳମାଳ ବିଭିନ୍ନ ସମସ୍ୟା ରହିଥିବାବେଳେ ବ୍ଲକ ପ୍ରଶାସନ ର ପ୍ରଚାର,ପ୍ରସାର ଏବଂ ପଞ୍ଚାୟତ ପ୍ରତିନିଧି ମାନଙ୍କ ସହିତ ସମୁନ୍ୱୟ ଅଭାବରୁ ଏହି ଅଭିଯୋଗ ଶୁଣାଣୀ ଶିବିର ଲୋକଲୋଚନକୁ ଆସି ନ ପାରି ସୀମିତ ରେ ରହିଥିବା ନେଇ ଅଭିଯୋଗ ହୋଇଛି ।

# ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଦ୍ୱାରା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା

## ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକଳ୍ପ ସମାପ୍ତିକୁ ଗୁରୁତ୍ୱ

କେନ୍ଦ୍ରାପଡ଼ା(ନିପ୍ର): ଓଡିଶା ସରକାରଙ୍କ ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବ ସେବା ଏବଂ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଜି ଦିନିକିଆ କେନ୍ଦ୍ରାପଡ଼ା ଗସ୍ତରେ ଆସି ମାର୍ଶାଘାଇ ସ୍ଥିତ ଜଳସେଚନ ବିଭାଗ ଡାକ ବଙ୍ଗଳାଠାରେ ଜିଲ୍ଲାରେ ଚାଲିଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଓ ଯୋଜନାଗୁଡିକର ସମୀକ୍ଷା କରିଥିଲେ । ବୈଠକରେ ମନ୍ତ୍ରୀ ସ୍ୱାସ୍ଥ୍ୟ, କ୍ରୀଡା, ପାନୀୟ ଜଳ, ଦକ୍ଷତା ବିକାଶ,



ଶିକ୍ଷା, ସାମାଜିକ ସୁରକ୍ଷା, ସମାଜ କଲ୍ୟାଣ, ବିଦ୍ୟୁତ୍, ଶିଳ୍ପ ସହ ବିଭିନ୍ନ ବିଭାଗର କାର୍ଯ୍ୟର ବିସ୍ତୃତ ସମୀକ୍ଷା କରିଥିଲେ । ବିଭାଗୀୟ ଅଧିକାରୀମାନେ ନିଜ ନିଜ ବିଭାଗରେ ଚାଲିଥିବା ଉନ୍ନତିମୂଳକ ପ୍ରକଳ୍ପ ଓ ସରକାରୀ ଯୋଜନା ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ମନ୍ତ୍ରୀ ଜିଲ୍ଲାର ସମଗ୍ର ଉନ୍ନତି ପାଇଁ ସମସ୍ତ ଅଧିକାରୀଙ୍କୁ ନିଷ୍ଠାର ସହ କାର୍ଯ୍ୟ କରିବା ସହିତ ସାଧାରଣ ଲୋକଙ୍କ ସମସ୍ୟାକୁ ପ୍ରାଥମିକତା ଭିତ୍ତିରେ ସମାଧାନ କରିବାକୁ ପରାମର୍ଶ ଦେଇଥିଲେ । ସେହିପରି ଚାଲିଥିବା ପ୍ରକଳ୍ପଗୁଡିକୁ ଧାର୍ଯ୍ୟ ସମୟ ମଧ୍ୟରେ ସମାପ୍ତ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ କଡା ନିର୍ଦ୍ଦେଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ମହାକାଳପଡ଼ାର ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ସାଂସଦଙ୍କ ପ୍ରତିନିଧି ଶଶାଙ୍କ ଶେଖର ସେଠୀ, ଜିଲ୍ଲାପାଳ ରଘୁରାମ ଆର. ଆୟର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷା ମୀରାରାଣୀ ମହାନ୍ତି ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

ତିଥି :(ନବମୀ): (ପୂର୍ବଭାଦ୍ର ମୀନ)
ଅମୃତ ବେଳା: ଦିବା ଘ ୭।୩୪ ମଧ୍ୟେ ଘ ୯।୧୦ ଗତେ

## ଆଜିର ଅନୁଚିନ୍ତନ

ହେ ଭରତବଂଶଜ ଅର୍ଜୁନ! ଯେଉଁ ଯେଉଁ ସମୟରେ ଧର୍ମର ହାନି ହୁଏ ଓ ଅଧର୍ମ ବୃଦ୍ଧି ହୁଏ, ସେତେବେଳେ ହିଁ ମୁଁ ନିଜକୁ ସାକାରରୂପରେ ପ୍ରକଟ କରେ।। - ଶ୍ରୀମଦ୍ ଭଗବଦ୍ ଗୀତା

# ତାମିଲନାଡୁ ପାଇଁ ନୈତିକ ଲଢ଼େଇ

ତାମିଲନାଡୁ ମୁଖ୍ୟମନ୍ତ୍ରୀ ଭାବରେ ସୁପରଷ୍ଟାର ଥାଲାପତି ବିଜୟ ଶପଥ ନେଇଛନ୍ତି ଓ ତାଙ୍କ ପ୍ରଥମ କ୍ୟାବିନେଟରେ ଶପଥ ନେଇଥିବା ମନ୍ତ୍ରୀ ସଂଖ୍ୟା ୯ ଜଣ। ଏହି ରାଜ୍ୟରେ ଷ୍ଟାଲିନ ପୁଣି ଫେରିବେ ବୋଲି ଏକାଧିକ ବୁଥବାହୁଡ଼ା ମତରେ କୁହାଯାଇଥିଲା । ମାତ୍ର ରାଜନୀତି ସର୍ବଦା ଅସ୍ଥିର। ଲୋକେ କାହାଙ୍କୁ ନେତା ଭାବେ ଚାହାନ୍ତି ତାହା ଉପରେ ଆକଳନ ସର୍ବଦା ସତ ହୋଇ ନ ଥାଏ,ତାମିଲନାଡୁ ତାହାର ସଦ୍ୟ ପ୍ରମାଣ । ବିଜୟ ଶପଥ ନେବାର କିଛି ଘଣ୍ଟା ପରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତାଙ୍କ ଶୁଭେଚ୍ଛା ପାଇଁ ଧନ୍ୟବାଦ ଜଣାଇବା ବେଳେ ଉଲ୍ଲେଖ କରିଛନ୍ତି 'ଆମର ଏକମାତ୍ର ଲକ୍ଷ୍ୟ ହେଉଛି ଆମ ଲୋକଙ୍କ କଲ୍ୟାଣ ଏବଂ ପ୍ରଗତି। ତାମିଲନାଡୁର ନିରନ୍ତର ଅଭିବୃଦ୍ଧି ପାଇଁ ଆମେ କେନ୍ଦ୍ର ସରକାରଙ୍କ ସକ୍ରିୟ ସମର୍ଥନ ଏବଂ ସହଯୋଗ ଆଶା କରୁଛୁ'।

ହୁଏତ ରାଜ୍ୟବାସୀ ମନେ କରିପାରନ୍ତି ରାଜ୍ୟରେ ସମାନ୍ତରାଳ ଶକ୍ତି କେନ୍ଦ୍ରର ଶାସନ ଚାଲିପାରେ । ତାହାକୁ ସ୍ପଷ୍ଟ କରିବାରେ ସେ କୁଣ୍ଠିତ ହୋଇନାହାନ୍ତି,'ଟିଭିକେରେ କୌଣସି ସମାନ୍ତରାଳ ଶକ୍ତି କେନ୍ଦ୍ର ନାହିଁ। ମୁଁ ଏକମାତ୍ର ମୁଖ୍ୟ'। ଏପରି ବାର୍ତ୍ତା ଜରିଆରେ ବିଜେପି ସହିତ ସୁରକ୍ଷିତ ଦୂରତ୍ୱ ରକ୍ଷା ସଂପର୍କିତ ସଂକେତ ଦେଇଥିବା ମନେ ହୁଏ।

ତାମିଲନାଡୁ ରାଜନୀତିର ଗତିପଥ ସରଳ ନୁହେଁ। ଏହା ପୂର୍ବରୁ ବହୁ ଗୋଷ୍ଠୀ ସଂଘର୍ଷ, ଉତ୍ତରାଧିକାର ସଂଘର୍ଷ ଏବଂ ଆଭ୍ୟନ୍ତରୀଣ ବୃତ୍ତ ଦ୍ୱାରା ଆକୃତି ପାଇଛି। କାଳେ ଦଳ ମଧ୍ୟରେ ଛାୟା ପରାମର୍ଶଦାତା,ଗୁପ୍ତ ଶିବିର କିମ୍ବା ଅନିର୍ବାଚିତ ପ୍ରଭାବଶାଳୀ ଆସିପାରନ୍ତି,ଏପରି କଳ୍ପନାଜଳ୍ପନା ଆଶଙ୍କା କରି ବିଜୟ ଶାସନ ଭାର ଗ୍ରହଣର କିଛି ସମୟ ପରେ ଏନେଇ ସ୍ପଷ୍ଟ କରିବା ତାହା ତାଙ୍କ ଦୃଢ଼ତାକୁ ହିଁ ପରିପ୍ରକାଶ କରେ ।

ସରକାର ହିନ୍ଦୁ, ମୁସଲମାନ ଏବଂ ଖ୍ରୀଷ୍ଟିଆନ ସମସ୍ତଙ୍କ ସମାନ ଭାବରେ ହେବ।ପୁଣି 'ତୁମେ ମୋର ବନ୍ଧୁ ହୁଅ କିମ୍ବା ମୋର ଶତ୍ରୁ, ରାଜ୍ୟର ସମସ୍ତ ୮ କୋଟି ଲୋକ ମୋର ଲୋକ।'ବିଜୟଙ୍କ ଏପରି ଧାଡ଼ିଗୁଡ଼ିକରେ ସିନେମାପ୍ରବଣତା ବା ଭାବପ୍ରବଣତା ଥିବା ବୋଧ ହେଉଥିଲେ ହେଁ ନିଜକୁ ରାଜ୍ୟର ଯେକୌଣସି ସମସାମୟିକ ରାଜନେତାଙ୍କ ଅପେକ୍ଷା ଭଲ ଭାବରେ ବୁଝିପାରିଥିବା ବୋଧ ହୁଏ। ରାଜନୀତିରେ ସେ ନୂଆ ହୋଇଥିଲେ ମଧ୍ୟ ଜନସାଧାରଣଙ୍କଠାରୁ ଧୈର୍ଯ୍ୟ ମାଗିବା ବେଳେ ସ୍ୱୀକାର କରିବାରେ ଭୁଲିଯାଇନାହାନ୍ତି ଯେ ଶାସନ ସ୍ଥିର ହେବା ପାଇଁ ସମୟ ଲାଗେ।

ମଞ୍ଚ ଉପରେ ହିଁ, ସେ ୨୦୦ ୟୁନିଟ୍ ମାଗଣା ବିଦ୍ୟୁତ୍, ଏକ ସ୍ୱତନ୍ତ୍ର ନିଶା ବିରୋଧୀ ଟାସ୍କ ଫୋର୍ସ ଏବଂ ଅନ୍ୟ ଏକ ସମର୍ପିତ ମହିଳା ସୁରକ୍ଷା ବାହିନୀ ଘୋଷଣା କରି ରାଜ୍ୟବାସୀଙ୍କୁ ଆଶ୍ୱସ୍ତି ଦେଇଛନ୍ତି। ଆଲୋଚ୍ୟ ୨୦୦ଶହ ୟୁନିଟ୍ ମାଗଣା ବିଦ୍ୟୁତ୍ ସେହିମାନଙ୍କ ପାଇଁ ଯେଉଁ ଘରୋଇ ଗୃହକର୍ତ୍ତା ଦ୍ୱିମାସିକ ୫ଶହ ୟୁନିଟରୁ କମ୍ ବ୍ୟବହାର କରିଥାନ୍ତି, ଏହା ପୂର୍ବର ପ୍ରଚଳିତ ୧୦୦ୟୁନିଟ୍ ମାଗଣା ସ୍କିମ୍‌ର ଉନ୍ନତିକରଣ କହିଲେ କିଛି ଭୁଲ ହେବ ନାହିଁ । ଏହାଦ୍ୱାରା । ରାଜ୍ୟରୁ ୨ କୋଟିରୁ ଅଧିକ ଗ୍ରାହକ ଉପକୃତ ହେବେ ଏବଂ ସରକାରଙ୍କ ଉପରେ ବାର୍ଷିକ ୧୭୩୦ କୋଟିର ଅତିରିକ୍ତ ଖର୍ଚ୍ଚ ପଡ଼ିବ। ପୂର୍ବ ସରକାର ରାଜ୍ୟ ଉପରେ ୧୦ ଲକ୍ଷ କୋଟି ଟଙ୍କାର ଋଣ ବୋଝ ଲଦି ଦେଇଛନ୍ତି ଏବଂ ରାଜକୋଷ ଖାଲି କରିଛନ୍ତି। ନିକଟରେ ବିଜୟଙ୍କ ଏପରି ଅଭିଯୋଗ ପରେ ଷ୍ଟାଲିନ ଉତ୍ତର ରଖିଥିଲେ ତାମିଲନାଡୁର ଋଣ 'ଅନୁମତିପ୍ରାପ୍ତ ସୀମା' ମଧ୍ୟରେ ରହିଛି। ଏହି ହେତୁ ବିଜୟ ଆଗକୁ ପୂର୍ବ ଘୋଷିତ ପ୍ରତିଶ୍ରୁତି ମୁତାବକ କାର୍ଯ୍ୟ ଆରମ୍ଭ କରିବେ ଏପରି ମନେ କରା ଯାଉଛି।

ମହିଳା ସୁରକ୍ଷା ଏବଂ ନିଶା ନିୟନ୍ତ୍ରଣ ସ୍ପଷ୍ଟ ଭାବରେ ତାମିଲନାଡୁ ନୂତନ ସରକାରଙ୍କ କେନ୍ଦ୍ରୀୟ ବିଷୟବସ୍ତୁ ଭାବରେ ଉଭା ହୋଇଛି। ଉଭୟ ପ୍ରସଙ୍ଗ ସହରାଞ୍ଚଳ ମଧ୍ୟବିତ୍ତ ପରିବାର, ଯୁବ ଭୋଟର ଏବଂ ପିତାମାତାଙ୍କ ସହିତ ଦୃଢ଼ ଭାବରେ ପ୍ରତିଧ୍ୱନିତ ବୋଲି କୁହାଯାଇପାରେ। ବିଶେଷକରି ନିଶା ବିରୋଧୀ ଅଭିଯାନ ଗତ ବର୍ଷକ ଧରି ଟିଭିକେର ସବୁଠାରୁ ଶକ୍ତିଶାଳୀ ରାଜନୈତିକ ବାର୍ତ୍ତା ମଧ୍ୟରୁ ଅନ୍ୟତମ। ତାମିଲନାଡୁର ଭବିଷ୍ୟତ ପାଇଁ ଏକ ନୈତିକ ଲଢ଼େଇ ଭାବରେ ଏହା ପ୍ରସ୍ତୁତ ହୋଇଛି।ଆଗକୁ ଏସବୁ ଦିଗ କେତେଦୂର ପ୍ରଭାବଶାଳୀ ହେଉଛି ତାହା ସମୟ କହିବ। ସୁତରାଂ ଧୈର୍ଯ୍ୟ ରଖିବାକୁ ବିଜୟଙ୍କ ଆରମ୍ଭରୁ ପରାମର୍ଶକୁ ସମୟୋଚିତ ବୋଲି କୁହାଯିବା ଅସଙ୍ଗତ ହେବ ନାହିଁ।

# ଭୋଟ ବ୍ୟାଙ୍କର ଆବରଣ !

## ସୁବାସ ଷଡଙ୍ଗୀ

ପଶ୍ଚିମବଙ୍ଗର ନିର୍ବାଚନ ଫଳାଫଳ ନେଇ ଅନେକ କଥା। କାରଣ ଆଜି ପର୍ଯ୍ୟନ୍ତ ଏପରି ଧାରଣା ଥିଲା ଯେ ମମତା ବାନାର୍ଜୀ ସତେଇଶ ଶତାଂଶ ମୁସଲିମ ଭୋଟରଙ୍କୁ ନେଇ ରାଜନୈତିକ ମଇଦାନ ସହଜରେ ପାର ହୋଇଯାଉଛନ୍ତି। ଏହି କାରଣରୁ ପଶ୍ଚିମବଙ୍ଗରେ ତାଙ୍କର ସତୁରି ଆସନ ଥୁଆ। ଟିଏମସି ନେତାମାନେ ମଧ୍ୟ ଏକଥା ଭଲ ଭାବରେ ଜାଣିଥିଲେ। ତେଣୁ ବାହାସ୍ଫୋଟମାରି କହୁଥିଲେ, ଆମକୁ ହରେଇବା ଏତେ ସହଜ ନୁହେଁ। ସବୁଠାରୁ ବଡ କଥା ହେଲା ଏସଆଇଆରରେ ମୁସଲିମ ଭୋଟରମାନଙ୍କ ନାମ ତାଲିକାରୁ ଜାଣିଶୁଣି କଟାଯାଉଥିବାରୁ, ସବୁ ମୁସଲିମ ଏକାଠି ହୋଇ ମମତାଙ୍କ ଦଳକୁ ଭୋଟ ଦେବେ।

ମାତ୍ର ଭୋଟର ଫଳାଫଳ ଓଲଟା ହେଲା। ଦେଖାଗଲା ମୁସଲିମ ଭୋଟ ଭାଗ ଭାଗ ହୋଇଯାଇଛି। ଫଳରେ ମୁସଲିମ ଅଧ୍ୟୁଷିତ ବିଧାନସଭା କେନ୍ଦ୍ରଗୁଡିକରେ ତୃଣମୂଳ କଂଗ୍ରେସ ପ୍ରାର୍ଥୀ ଜିତି ପାରିନାହାନ୍ତି। ବରଂ ମୁସଲିମ ବିଭାଜନ ହେବା ଫଳରେ ହିନ୍ଦୁ ଭୋଟ ଏକାଠି ହୋଇ ବିଜେପି ଜିତି ପାରିଛି। ଏମିତି ଭାବେ ବିଜେପି ୩୪ ଟି ଆସନରେ ଜିତିଛି। ଏଇ ସବୁ ଆସନଗୁଡିକରେ ମୁସଲିମ ଭୋଟରମାନଙ୍କ ସଂଖ୍ୟା ଅଧିକ।

ଏବେ ଆଉ ଏକ 'ରାଜନୈତିକ ମିଥ୍ୟା' ଭୁଲ ବୋଲି ପ୍ରମାଣିତ ହେଲା। ଅନେକ ମନେ କରନ୍ତି, ମୁସଲିମମାନେ ଏକାଠି ହୋଇ ଏକ 'ମୋନୋଲିଥିକ' ବିଜେପି ବିରୋଧୀ ଭୋଟବ୍ୟାଙ୍କ ହିସାବରେ ବ୍ୟବହୃତ ହୁଅନ୍ତି। ଲୋକସଭା ନିର୍ବାଚନରେ ଜଣାପଡିଲା ହିନ୍ଦୁମାନଙ୍କ ଭଳି ମୁସଲିମମାନେ ମଧ୍ୟ ଶ୍ରେଣୀ, ଗୋଷ୍ଠୀ ଓ ଜାତିରେ ବିଭକ୍ତ। ଏଣୁ ସବୁ ମୁସଲମାନେ ବିଜେପି ବିରୋଧୀ ବୋଲି କୁହାଯାଇପାରିବ ନାହିଁ। ମୁସଲିମମାନେ ସବୁବେଳେ ଏକ ଶକ୍ତିଶାଳୀ ଦଳକୁ ସାହାଯ୍ୟ କରିବାକୁ ଚାହାନ୍ତି, କାରଣ ସେହିଦଳ କ୍ଷମତାକୁ ଆସିଲେ, ସେମାନଙ୍କ ସୁରକ୍ଷା ପାଇଁ କିଛି କରିବ। ଆଗରୁ ମୁସଲିମମାନେ କଂଗ୍ରେସ,ଆୟୁଏମଏଲ,ୟୁଡିଏଫ ଭଳି ଦଳକୁ ସମର୍ଥନ କରିଛନ୍ତି। ଆଉ ଏକ ଭୁଲ ଧାରଣା ହେଲା ମୁସଲିମମାନେ ବିଜେପିକୁ ଭୋଟ ଦିଅନ୍ତି ନାହିଁ। ଗତ ନିର୍ବାଚନରେ ଦେଖାଯାଇଛି, ବିଜେପି ସ୍ଥାନ ବିଶେଷରେ ଛଅରୁ ସାତ ଶତାଂଶ ଭୋଟ ପାଇଛି। ମୁସଲିମମାନେ ଏଥରକ ଏକାଠି ହୋଇ ତୃଣମୂଳକୁ ଭୋଟ ନ ଦେବାର ଅର୍ଥ ହେଲା, ସେମାନେ ମମତାଙ୍କ ଉପରେ ଆଉ ଭରସା କରିପାରୁ ନାହାନ୍ତି। ଏଠାରେ ପ୍ରଶ୍ନ ଉଠିପାରେ ମମତାଙ୍କ ଉପରୁ ଆସ୍ଥା ହରାଇ ମୁସଲିମମାନେ ଗଲେ କୁଆଡେ? ସହଜ ଉତ୍ତର ହେଲା କଂଗ୍ରେସ, ବାମ ଦଳ ଓ ଅନ୍ୟ କିଛି ଦଳକୁ ଉପରେ ସେମାନେ ଭରସା କରିଛନ୍ତି। ଉଦାହରଣ ଭାବେ ହୁମାୟୁନ କବୀରଙ୍କ କଥା କୁହାଯାଇପାରେ। ତାଙ୍କ ଉପରେ ମୁସଲିମ ଭୋଟରମାନେ ଭରସା କରିଛନ୍ତି। ତୃଣମୂଳରୁ ନିଲମ୍ବିତ ହେବା ପରେ ସେ ନିଜର ଏକ ଦଳ ଗଠନ କଲେ। ପୂର୍ବରୁ ସେ ବିଜେପିକୁ ସମର୍ଥନ କରିଥବଲେ। ତାଙ୍କ ବିରୋଧରେ ଏଭଳି ଅଭିଯୋଗ ସତ୍ତ୍ୱେ ମୁସଲିମ ତାଙ୍କୁ ହିଁ ବିଶ୍ୱାସ କଲେ। ଏଣୁ ସେ ଜିତିଲେ।

ଏଥରକ ସବୁଠାରୁ ବଡ କଥା ହେଲା, ମୁସଲିମ ରାଜନୀତି। ଗୋଟିଏ ପଟେ ବିଜେପି ବଙ୍ଗଳାଦେଶୀ, ରୋହିଙ୍ଗିଆମାନଙ୍କ ଅନୁପ୍ରବେଶ ଫଳରେ ରାଜ୍ୟରେ ଅରାଜକତା ଦେଖା ଦେଉଛି ବୋଲି ବାରମ୍ବାର କହୁଛି। ଅଥଚ ତୃଣମୂଳ ଏମାନଙ୍କ ସହଯୋଗ ନେଇ ଭୋଟ ରାଜନୀତିକୁ ଶକ୍ତିଶାଳୀ କରୁଛି। ଅନ୍ୟପକ୍ଷରେ ତୃଣମୂଳ ଏସଆଇଆର, ସିଏଏ,ଏନଆରସିର ଭୟ ଦେଖାଇ ମୁସଲିମ ଭୋଟକୁ ଏପଟ ସେପଟ କରିବାକୁ ଚାହୁଁଥିଲା, ଏବଂ ଏଥିରେ କିଛି ପରିମାଣରେ ସଫଳ ହୋଇଛି। (ପ୍ରଥମ ଭାଗ)

ଭୁବନେଶ୍ୱର, ମୋ-୯୪୩୯୬୫୨୩୨୨

> ''
> କ୍ଷମତା ଲୋଭରେ ଆର୍ ୟୁ ଏଫ୍ ର କ୍ରୁରତା ଖୁବ୍ ବଢି ଯାଇଥିଲା, ମାନବିକତା ସେମାନେ ସଂପୂର୍ଣ୍ଣ ଭୁଲି ଯାଇଥିଲେ । ଛୋଟ ଛୋଟ କୋମଳମତି ବାଳକ/ବାଳିକାଙ୍କ ହାତରେ ବିପଦପୂର୍ଣ୍ଣ ଅସ୍ତ୍ରଶସ୍ତ୍ର ଧରାଇ ବଳ ପୂର୍ବକ ତାଙ୍କ ଦଳରେ ସାମିଲ କରାଇ ଦେଉଥିଲେ । ପିଲାଙ୍କ ସମ୍ମୁଖରେ ତାଙ୍କ ପିତାମାତାଙ୍କୁ ହତ୍ୟା କରି ଦେଉଥିଲେ । ଏହିପରି ଲୋମହର୍ଷଣକାରୀ ଦୃଶ୍ୟ ଦେଖି ପିଲାମାନେ ଭୟଭୀତ ହୋଇ ଆର୍ ୟୁ ଏଫ୍ ନିର୍ଦ୍ଦେଶରେ କାର୍ଯ୍ୟ କରୁଥିଲେ। ପିଲାମାନଙ୍କୁ ନିଶା ସେବନର ଅଭ୍ୟାସ କରାଇ ଦେଉଥିଲେ। ଫଳରେ ସେମାନେ ମାନସିକ ସ୍ତରରେ ହିତାହିତ ଜ୍ଞାନ ହରାଇ କେବଳ ଆର୍ ୟୁ ଏଫ୍‌ର ନିର୍ଦ୍ଦେଶ ମୁତାବକ କାର୍ଯ୍ୟ କରି ଯାଉଥିଲେ । କିଛି କାର୍ଯ୍ୟ ବିଚ୍ୟୁତି ଦେଖିଲେ ପିଲାମାନଙ୍କୁ ନିଆଁରେ ପୋଡି ମାରି ଦେଉଥିଲେ। ମାନବିକତା ବିହୀନ ଆର୍ ୟୁ ଏଫ୍ ଗୋଷ୍ଠୀ ନିର୍ଦ୍ଦୟତାର ଚରମ ସୀମାରେ ପହଞ୍ଚି ଯାଇଥିଲେ । ସିଏରା ଲିଅନ୍ ଦେଶର ଶାସକ ଦୁର୍ନୀତିଗ୍ରସ୍ତ ତଥା ଦୁର୍ବଳ ଥିବାରୁ ଏହାର ମୁକାବଲା କରିବାକୁ ସମର୍ଥ ହୋଇ ପାରୁ ନ ଥିଲେ।

# ଅପରେସନ୍ ଖୁକ୍ରୀ

## ବିଷ୍ଣୁ ପ୍ରସାଦ ଦାସ

ଏରା ଲିଅନ୍ ପଶ୍ଚିମ ଆଫ୍ରିକାର ଏକ ସୁନ୍ଦର ଏବଂ ଛୋଟ ଦେଶ । ଏହାର ଉତ୍ତର ଏବଂ ପୂର୍ବ ପଟେ ଗିନି ଦେଶ , ଦକ୍ଷିଣରେ ଲାଇବେରିଆ ଦେଶ , ପଶ୍ଚିମପଟେ ଆଟଲାଣ୍ଟିକ୍ ମହାସାଗର ଅବସ୍ଥିତ । ଭୌଗୋଳିକ ଦୃଷ୍ଟିରୁ ଦେଖିବାକୁ ଗଲେ ଏହି ଦେଶରେ ଅନେକ ଖଣିଜ ଦ୍ରବ୍ୟ ମିଳେ, ସବୁଠାରୁ ଅଧିକ ହୀରା ପଥର ଏହି ଦେଶରେ ରହିଛି । ସମସ୍ତଙ୍କ ଧାରଣା ହେବ, ଯେଉଁ ଦେଶରେ ହୀରା ତଥା ଅନ୍ୟ ଖଣିଜ ଦ୍ରବ୍ୟ ଭରି ରହିଛି ସେ ଦେଶ ନିଶ୍ଚିତ ଧନୀ ଦେଶ ହୋଇଥିବ । ଦେଶର ନାଗରିକ ଖୁବ୍ ସୁଖ ଶାନ୍ତିରେ ଜୀବନ ବିତାଉ ଥିବେ । କିନ୍ତୁ ଏହା ସମ୍ପୂର୍ଣ୍ଣ ଭୁଲ, ଏହାର ଇତିହାସ ଯଦି ଦେଖିବା ତେବେ ୧୮୦୮ ମସିହାରେ ବ୍ରିଟିଶ ଏହାକୁ ଅଧିକାର କରି ନେଇ ଥିଲା । ସିଏରା ଲିଅନ୍ ଦେଶକୁ ଲୁଟିବା ଛଡା ବ୍ରିଟିଶମାନେ କୌଣସି ଜନ ହିତକର କାର୍ଯ୍ୟ କରି ପାରି ନଥିଲେ । ଶେଷରେ ୧୯୬୧ ମସିହାରେ ସିଏରା ଲିଅନ୍ ସ୍ୱାଧୀନତା ପାଇଲା , ନୂତନ ସରକାର ଆସିଲା କିନ୍ତୁ ଜନତାଙ୍କ ଦୁଃଖ ଯଥା ପୂର୍ବଂ ତଥା ପରଂ ହୋଇ ରହିଲା । ଶାସକ ମାନେ ହୀରା ଏବଂ ଅନ୍ୟାନ୍ୟ ଖଣିଜ ଦ୍ରବ୍ୟ ବିକ୍ରି ଅର୍ଥ ଦେଶର ହିତ ପାଇଁ ଖର୍ଚ୍ଚ ନକରି ନିଜେ ସ୍ୱାହା କରିଦେଲେ। ଜନତା ଖାଦ୍ୟ, ପାନୀୟ, ଶିକ୍ଷା, ସ୍ୱାସ୍ଥ୍ୟ ରୋଜଗାରରୁ ବଞ୍ଚିତ ହେଲେ । ନାଗରିକମାନେ ପଶୁଠାରୁ ହୀନ ଜୀବନ ଯାପନ କରିବାକୁ ଲାଗିଲେ ଯାହାକି ତାଙ୍କ ମନ ଭିତରେ ସରକାରଙ୍କ ବିରୋଧରେ କ୍ଷୋଭ ସୃଷ୍ଟି କରିଥିଲା । ୧୯୯୧ ମସିହାରେ ସିଏରା ଲିଅନ୍‌ର ପଡୋଶୀ ଦେଶ ଲାଇବେରିଆର ଶାସକ ଚାର୍ଲସ୍ ଟେଲର୍ ସିଏରା ଲିଅନର ଖଣିଜ ସମ୍ପଦ ଉପରେ ନଜର ପକାଇ ଥିଲେ। ଚତୁର ଚାର୍ଲସ୍ ଟେଲର୍ ସିଏରା ଲିଅନ୍ ଦେଶର ଏକ ବିଦ୍ରୋହୀ ନେତା ଫୋଡି ସାଙ୍କୋଙ୍କୁ ଅନେକ ପ୍ରକାର ପ୍ରଲୋଭନ ଦେଖାଇ ରିଭୋଲୁନାରି ୟୁନାଇଟେଡ୍ ଫ୍ରଣ୍ଟ ପାର୍ଟି ଗଠନ କଲେ ଯାହାକି ଆର୍ ୟୁ ଏଫ୍ ନାମରେ ପରିଚିତ ହେଲା ।

ଆର୍ ୟୁ ଏଫ୍ ର ଦେଶ ବାସୀଙ୍କ ପାଇଁ ସନ୍ଦେଶ / ଆହ୍ୱାନ ଥିଲା ଯେ, ସେମାନେ ଦେଶର ଦୁର୍ନୀତିଖୋର ଶାସକଙ୍କୁ ଗାଦୀରୁ ହଟାଇ ନୂତନ ସରକାର ଗଠନ କରିବେ ଏବଂ ଜନତାଙ୍କୁ ସମସ୍ତ ପ୍ରକାର ସୁଖ ସୁବିଧା ଯୋଗାଇ ଦେବେ । ଜନତା ତାଙ୍କ କଥାରେ ସହମତି ପ୍ରକାଶ କରି ତାଙ୍କୁ ସମର୍ଥନ କରିବାକୁ ଆରମ୍ଭ କରିଦେଲେ । ସରକାରଙ୍କ ବିରୁଦ୍ଧରେ ବିଦ୍ରୋହ ଚାଲିଲା , ଗୃହ ଯୁଦ୍ଧ ପରିସ୍ଥିତି ଆସି ଯାଇଥିଲା । ପଡୋଶୀ ଦେଶ ଲାଇବେରିଆର କୂଟକ୍ରାନ୍ତ ଦ୍ୱାରା ବିଦ୍ରୋହୀ ଆର୍ ୟୁ ଏଫ୍ ମାନଙ୍କୁ ଆଧୁନିକ ଅସ୍ତ୍ର ଶସ୍ତ୍ର ତଥା ଅର୍ଥ ମଧ୍ୟ ଯୋଗାଇ ଦିଆଯାଉଥିଲା । ଧୀରେ ଧୀରେ ଆର୍ ୟୁଏଫ୍‌ମାନେ ଗୋଟିଏ ଗୋଟିଏ ସ୍ଥାନକୁ ଅକ୍ତିଆର କରି ଚାଲିଥିଲେ । ସରକାରଙ୍କ ବିରୋଧରେ ପ୍ରଚାର କରୁଥିଲେ । ଯଦି କେହି ବିରୋଧ କରୁଥିଲେ ତେବେ ତାଙ୍କୁ ଅସହ୍ୟ ଯନ୍ତ୍ରଣା ଦେଉଥିଲେ ଏପରିକି ହାତ କାଟି ଦେଉଥିଲେ ଯେମିତି ସେହି ବ୍ୟକ୍ତିଟି ଭୋଟ୍ ଦେଇ ପାରିବ ନାହିଁ । କ୍ଷମତା ଲୋଭରେ ଆର୍ ୟୁ ଏଫ୍ ର କ୍ରୁରତା ଖୁବ୍ ବଢି ଯାଇଥିଲା, ମାନବିକତା ସେମାନେ ସଂପୂର୍ଣ୍ଣ ଭୁଲି ଯାଇଥିଲେ । ଛୋଟ ଛୋଟ କୋମଳମତି ବାଳକ/ବାଳିକାଙ୍କ ହାତରେ ବିପଦପୂର୍ଣ୍ଣ ଅସ୍ତ୍ରଶସ୍ତ୍ର ଧରାଇ ବଳ ପୂର୍ବକ ତାଙ୍କ ଦଳରେ ସାମିଲ କରାଇ ଦେଉଥିଲେ । ପିଲାଙ୍କ ସମ୍ମୁଖରେ ତାଙ୍କ ପିତାମାତାଙ୍କୁ ହତ୍ୟା କରି ଦେଉଥିଲେ । ଏହିପରି ଲୋମହର୍ଷଣକାରୀ ଦୃଶ୍ୟ ଦେଖି ପିଲାମାନେ ଭୟଭୀତ ହୋଇ ଆର୍ ୟୁ ଏଫ୍ ନିର୍ଦ୍ଦେଶରେ କାର୍ଯ୍ୟ କରୁଥିଲେ। ପିଲାମାନଙ୍କୁ ନିଶା ସେବନର ଅଭ୍ୟାସ କରାଇ ଦେଉଥିଲେ ଫଳରେ ସେମାନେ ମାନସିକ ସ୍ତରରେ ହିତାହିତ ଜ୍ଞାନ ହରାଇ କେବଳ ଆର୍ ୟୁ ଏଫ୍ ର ନିର୍ଦ୍ଦେଶ ମୁତାବକ କାର୍ଯ୍ୟ କରି ଯାଉଥିଲେ । କିଛି କାର୍ଯ୍ୟ ବିଚ୍ୟୁତି ଦେଖିଲେ ପିଲାମାନଙ୍କୁ ନିଆଁରେ ପୋଡି ମାରି ଦେଉଥିଲେ। ମାନବିକତା ବିହୀନ ଆର୍ ୟୁ ଏଫ୍ ଗୋଷ୍ଠୀ ନିର୍ଦ୍ଦୟତାର ଚରମ ସୀମାରେ ପହଞ୍ଚି ଯାଇଥିଲେ । ସିଏରା ଲିଅନ୍ ଦେଶର ଶାସକ ଦୁର୍ନୀତିଗ୍ରସ୍ତ ତଥା ଦୁର୍ବଳ ଥିବାରୁ ଏହାର ମୁକାବଲା କରିବାକୁ ସମର୍ଥ ହୋଇ ପାରୁ ନଥିଲେ । ଖଣିଜ ସମ୍ପଦରେ ଭରା ଦେଶଟି ସ୍ୱର୍ଗରୁ ନରକରେ ପରିଣତ ହୋଇ ଯାଇଥିଲା । ଅର୍ଥନୀତି ଭୁଶୁଡି ପଡିଥିଲା, ଅରାଜକତା ବଢି ବଢି ଯାଉଥିଲା । ଆର୍ ୟୁ ଏଫ୍‌ମାନେ ହୀରା ଖଣିଗୁଡିକୁ ମଧ୍ୟ ନିଜ ଅକ୍ତିଆରକୁ ନେଇ ଲାଇବେରିଆ ବାଟେ ହୀରା ବାହାରକୁ ରପ୍ତାନି କରି ସେହି ଅର୍ଥରେ ଆଧୁନିକ ହାତ ହତିଆର କିଣୁଥିଲେ । ଦେଖୁ ଦେଖୁ ସିଏରା ଲିଅନ୍ ଦେଶର ଦୁଇ ତୃତୀୟାଂଶ ଆର୍ ୟୁ ଏଫ୍ ଙ୍କ କବ୍‌ଜାକୁ ଚାଲିଗଲା।

ପରିସ୍ଥିତି ଏପରି ବିଗିଡି ଯାଇଥିଲା ଯେ, ବାଧ ହୋଇ ମିଳିତ ଜାତିସଙ୍ଘ ଏଥିରେ ହସ୍ତକ୍ଷେପ କରିଥିଲା । ୧୯୯୯ ମସିହାରେ ମିଳିତ ଜାତିସଙ୍ଘ ଦ୍ୱାରା ସିଆର୍ ଲିଅନ୍‌ର ସରକାର ଏବଂ ବିଦ୍ରୋହୀ ଆର୍ ୟୁ ଏଫ୍ ନେତାଙ୍କ ମଧ୍ୟରେ ଏକ ଶାନ୍ତି ରାଜିନାମା ହେଲା। ଏହାର ଉଦ୍ଦେଶ୍ୟ ହେଉଛି ତୁରନ୍ତ ଗୃହ ଯୁଦ୍ଧ ବନ୍ଦ କରିବା କିନ୍ତୁ ଆର ୟୁ ଏଫ୍ ର ସର୍ତ୍ତ ଥିଲା ତାଙ୍କ ନେତା ଫୋଡ଼ି ସଙ୍କୋଙ୍କୁ ରାଜନୈତିକ ମର୍ଯ୍ୟାଦା ଦିଆଯାଇ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଅବସ୍ଥାପିତ କରାଯାଉ । ତାହାହିଁ ହେଲା ଫୋଡ଼ିଙ୍କୁ ଖୁବ୍ ଦାୟିତ୍ୱ ପୂର୍ଣ୍ଣ ବିଭାଗ ଖଣିଜ ସମ୍ପଦର ରକ୍ଷଣା ବେକ୍ଷଣ ଦାୟିତ୍ୱ ଦିଆଗଲା ଯେପରି କି' ଚୋର ହାତରେ ଚାବିକାଠି ' ଆର୍‌ୟୁଏଫ୍ ସେହି ଦାୟିତ୍ୱ ପାଇଗଲା । ଅକ୍ଟୋବର ୧୯୯୯ ମସିହାରେ ଜାତିସଙ୍ଘ ସିଏରା ଲିଅନ୍‌କୁ ଶାନ୍ତି ସେନା ପଠାଇ ଥିଲା । ଯାହାର ନାମ ୟୁନାଇଟେଡ୍ ନେସନସ୍ ମିଶନ୍ ଇନ୍ ସିଏରା ଲିଅନ୍ ( ୟୁ ଏନ୍ ଏ ଏମ୍ ଏସ୍ ଏଲ୍ ) । ଏହାର ମୁଖ୍ୟ କାର୍ଯ୍ୟ ଥିଲା ଆର୍‌ୟୁଏଫ୍‌କୁ ମାରଣାସ୍ତ୍ର ବ୍ୟବହାରରୁ କ୍ଷାନ୍ତ କରିବା । ବନ୍ଧକ ଥିବା ବ୍ୟକ୍ତିମାନଙ୍କୁ ତୁରନ୍ତ ମୁକ୍ତ କରିବା ତଥା ଦେଶକୁ ପୁନର୍ବାର ଗଣତାନ୍ତ୍ରିକ ପଦ୍ଧତିରେ ଶାସନ କରିବା ପାଇଁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବା । ଶାନ୍ତି ସେନାମାନଙ୍କ ମଧ୍ୟରେ ବାଂଲାଦେଶ, ବୋଲିଭିଆ , କାନାଡ଼ା . ନାଇଜେରିଆ, ଚୀନ, କ୍ରୋଏସିଆ ଇଜିପ୍ଟ , ଗାମ୍ବିଆ, ଜର୍ମାନୀ , ଘାନା, ଭାରତ, ପାକିସ୍ତାନ ଇତ୍ୟାଦି ଅନେକ ଦେଶର ସେନା ସାମିଲ ଥିଲେ । ପ୍ରଥମ ପର୍ଯ୍ୟାୟରେ ପ୍ରାୟ ଛଅ ହଜାର ସୈନିକ ପଠା ଯାଇଥିଲା କିନ୍ତୁ ମିଶନ୍ ଶେଷ ପର୍ଯ୍ୟନ୍ତ ପ୍ରାୟ ୧୭୫୦୦ ସୈନିକ ସେହି କାର୍ଯ୍ୟରେ ନିୟୋଜିତ ଥିଲେ । ସବୁଠାରୁ ଅଧିକ ପ୍ରାୟ ଚାରି ହଜାର ସୈନିକ ଭାରତୀୟ ଥିଲେ। ତେଣୁ ଭାରତୀୟ ସୈନିକ ସେହି ମିଶନ୍‌କୁ ପରିଚାଳିତ କରୁଥିଲେ ବା ନେତୃତ୍ୱ ନେଇଥିଲେ । ଭାରତୀୟ ସୈନିକଙ୍କ ମଧ୍ୟରେ ୫/୮ ଗୋରଖା ରାଇଫଲ୍ , ୧୪ ଏବଂ ୨୩ ମେକାନାଇଜ୍ଡ ଇନ୍ ଫାଣ୍ଟ୍ରି, ଥିଲେ ଏହାକୁ ଇନ୍ ବାଟ୍-୧ ନାମ ଦିଆ ଯାଇଥିଲା। ଭାରତୀୟ ବିମାନ ବାହିନୀର ଏମ୍‌ଆଇ ୩୫ ଏବଂ ଏମ୍ ଆଇ ୧୭ ହେଲିକପ୍ଟର୍ , ୯ ପାରା ସୁଟ୍ ସ୍ୱତନ୍ତ୍ର ସେନା ମୁତୟନ ହୋଇ ଥିଲେ । ଆର୍ ୟୁଏଫ୍ କୌଣସି ପରିସ୍ଥିତିରେ ହାତ ହତିଆର ସମର୍ପଣ କରିବାକୁ ରାଜି ନଥିଲେ, ପରନ୍ତୁ ସେମାନେ ଅଧିକରୁ ଅଧିକ ହିଂସ୍ର ହୋଇ ଯାଇଥିଲେ । ଜାତିସଂଘର ଶାନ୍ତି ସେନାଙ୍କୁ ନିର୍ଦ୍ଦେଶ ଥିଲା ଯେ ସେମାନେ ମନଇଚ୍ଛା କାହାରି ଉପରେ ଗୁଳିଗୋଳା ଚଳାଇପାରିବେ ନାହିଁ । ନିହାତି ଆବଶ୍ୟକ ପଡ଼ିଲେ କେବଳ ନିଜ ଜୀବନ ରକ୍ଷା ପାଇଁ ଗୁଳି ଚଳାଇ ପାରିବେ । ଏହାର ସୁଯୋଗ ନେଇ ଆର୍‌ୟୁଏଫ୍ ଅନ୍ୟ ଦେଶର ଶାନ୍ତି ସେନା ମାନଙ୍କ ଠାରୁ ଜୋର ଜବରଦସ୍ତ ଆଧୁନିକ ଅସ୍ତ୍ରଶସ୍ତ୍ର ଛଡାଇ ନେଇ ସେମାନଙ୍କୁ ବନ୍ଦୀ କରୁଥିଲେ ନିର୍ଯାତନା ଦେଉଥିଲେ ବା ଦେଶ ତ୍ୟାଗ କରିବାକୁ ବାଧ କରୁଥିଲେ । ଭାରତୀୟ ସୈନିକମାନେ କୌଣସି ପରିସ୍ଥିତିରେ ଆର୍‌ୟୁଏଫ ନିକଟରେ ହାର ମାନି ନଥିଲେ । ତାଙ୍କର କର୍ତ୍ତବ୍ୟ ନିଷ୍ଠା ଦେଖି ତାଙ୍କୁ ଦୁଇଟି ସ୍ଥାନରେ ନିୟୋଜିତ କରା ଯାଇଥିଲା । ସିଏରା ଲିଅନନ୍‌ର ଦାରୁ ଏବଂ କେଲୟା ହୁନ୍ ଏହି ଦୁଇଟି ସ୍ଥାନରେ ଆର୍‌ୟୁ ଏଫ୍ ୧୦ ବର୍ଷରୁ ଅଧିକ ସମୟ ଧରି ଖୁବ୍ ସକ୍ରିୟ ଭାବେ ଦମନ ଲୀଳା ଚଳାଉ ଥିଲେ । କେଲୟା ହୁନ୍ ରେ ଲୋକମାନେ ପାନୀୟ ଜଳ, ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ଥିଲେ। ଭାରତୀୟ ଶାନ୍ତି ସେନା ସେଠାରେ ପାନୀୟ ଜଳ ସ୍ୱାସ୍ଥ୍ୟ ସେବା ଯୋଗାଇବା ସହିତ ଛୋଟ ପିଲାଙ୍କୁ ପାଠ ପଢ଼ାଇବାକୁ ଆରମ୍ଭ କରି ଦେଇଥିଲେ ।

**କ୍ରମଶଃ**

କଟକ, ମୋ: ୯୯୩୭୧୭୪୦୯୭

> ''
> ଓଡ଼ିଶା କଥା ଦେଖାଯାଉ। ଆମର ମାତୃତ୍ୱ ହାର ଯଥେଷ୍ଟ ଉଚ୍ଚରେ ରହିଛି ଏବଂ ସନ୍ତାନ ଗର୍ଭସ୍ଥ ହେବା ଦିନ ଠାରୁ ପାଠ ପଢ଼ିବା ପର୍ଯ୍ୟନ୍ତ ଅନେକ ସରକାରୀ ସୁବିଧା ସୁଯୋଗ ସବୁ ରହିଛି। ଏ ସବୁ ସତ୍ତ୍ୱେ ଅନେକ ପରିବାରରେ କୁଣ୍ଠିତ ମାତୃତ୍ୱ ନାହିଁ ନ ଥିବା ପରିବେଶ ସୃଷ୍ଟି କରିଥାଏ। କେଉଁଠି ଦାମ୍ପତ୍ୟ ଜୀବନରେ ଝଡ଼ ଦେଖାଯାଇଥାଏ ତ କେଉଁଠି ପରିବାରର ବୟସ୍କ, ଶାଶୁ ଶ୍ୱଶୁରମାନେ ନିଜ ଭବିଷ୍ୟତ ପିଢିକୁ ଚାହିଁ ବୋହୂ ଉପରେ ଦୋଷାରୋପ କରିଥାନ୍ତି। ଏ ସବୁ ଭିତରେ କୁଣ୍ଠିତ ମାତୃତ୍ୱ ବାସ୍ତବରେ ଏକ ବଡ଼ ବିତର୍କ ସୃଷ୍ଟି କରୁଛି।

# ମାତୃତ୍ୱକୁ ନେଇ କୁଣ୍ଠା

## ଡାକ୍ତର ଶୁଭଶ୍ରୀ ମିଶ୍ର

ମାତୃତ୍ୱ ପ୍ରତିଟି ବିବାହିତ ମହିଳାଙ୍କ ପାଇଁ ଏକ ସ୍ୱପ୍ନ, ଆନନ୍ଦର ଦିବ୍ୟ ଅନୁଭବ କହିଲେ ଅତ୍ୟୁକ୍ତି ହେବନାହିଁ। ଭାରତରେ ଜନସଂଖ୍ୟା ବୃଦ୍ଧିହାରରେ ପରିଲକ୍ଷିତ ଆଞ୍ଚଳିକ ତାରତମ୍ୟ ବର୍ତ୍ତମାନ ଏକ ପ୍ରକାରର ରାଜନୈତିକ ଉତ୍ତେଜନାର ଦିଗ ଆଡ଼କୁ ନେଲାଣି। କହିବାକୁ ଗଲେ ଉତ୍ତର ଓ ଦକ୍ଷିଣ ଦୁଇ ଭାଗରେ ବିଭକ୍ତ ହୋଇଯାଇଛି ଏହି ପ୍ରସଙ୍ଗ। ସ୍ୱାଧୀନତା ପରଠାରୁ ଦେଶରେ କାର୍ଯ୍ୟକାରୀ ହୋଇଥିବା ଜନସଂଖ୍ୟା ନିୟନ୍ତ୍ରଣ ଅଭିଯାନକୁ ଗୁରୁତ୍ୱର ସହ ଗ୍ରହଣ କରି ଦାକ୍ଷିଣାତ୍ୟର ଚାରୋଟି ଯାକ ପ୍ରଗତିଶୀଳ ରାଜ୍ୟମାନେ ସେମାନଙ୍କର ନିଜ ନିଜର ଜନସଂଖ୍ୟାର ବୃଦ୍ଧିହାରରେ ତୀବ୍ର ହ୍ରାସ ଘଟାଇ ସାରିଥିବାବେଳେ ଉତ୍ତର ଭାରତର ରକ୍ଷଣଶୀଳ ରାଜ୍ୟମାନଙ୍କରେ ଉଚ୍ଚହାରରେ ଜନସଂଖ୍ୟା ବୃଦ୍ଧି ଅବ୍ୟାହତ ରହିଛି। ତେଣୁ କେହି କେହି ଯୁକ୍ତିରେ କହିପାରନ୍ତି ଏଥିପାଇଁ ଭାରତ ମାତାଙ୍କର ବାଧ୍ୟ ସନ୍ତାନ ରୂପେ ଦାକ୍ଷିଣାତ୍ୟର ରାଜ୍ୟମାନେ ରାଷ୍ଟ୍ର ଦ୍ୱାରା ପୁରସ୍କୃତ ହେବା କଥା କିନ୍ତୁ ଅବାଧ ଉତ୍ତର ଭାରତୀୟ ରାଜ୍ୟମାନେ ଦଣ୍ଡିତ ହେବା କଥା। କିନ୍ତୁ ବାସ୍ତବ କଥା ତାହା ନୁହେଁ। ଜନସଂଖ୍ୟା ଭିତ୍ତିରେ ଆଗାମୀ ଲୋକ ସଭା ନିର୍ବାଚନୀ କ୍ଷେତ୍ର ପୁନଃନିର୍ଦ୍ଧାରଣ ବା ଯାହାକୁ ଡିଲିମିଟେସନ କୁହାଯାଉଛି ତହିଁରେ ଉତ୍ତର ଭାରତୀୟ ରାଜ୍ୟ ମାନଙ୍କୁ ଅପେକ୍ଷାକୃତ ଅଧିକ ସଂଖ୍ୟକ ଆସନ ଓ ଦକ୍ଷିଣ ଭାରତୀୟ ରାଜ୍ୟ ମାନଙ୍କୁ ଅପେକ୍ଷାକୃତ କମ ସଂଖ୍ୟକ ଆସନ ମିଳିବ। ଅନ୍ୟଟି ହେଲା ଅର୍ଥ କମିଶନ ଜନସଂଖ୍ୟାକୁ ଦେଖି ରାଜ୍ୟମାନଙ୍କୁ ସମ୍ବଳ ଆବଣ୍ଟନ କଲାବେଳେ ଉତ୍ତର ଭାରତୀୟ ରାଜ୍ୟ ମାନଙ୍କୁ ଅପେକ୍ଷାକୃତ ଅଧିକ ଓ ଦକ୍ଷିଣ ଭାରତୀୟ ରାଜ୍ୟମାନଙ୍କୁ ଅପେକ୍ଷାକୃତ କମ୍ ସମ୍ବଳ ମିଳିବ। ଏ ନେଇ ଏକ ପ୍ରକାର ରାଜନୀତି ଜୋରଦାର ହେଲାଣି।

ଏ ସବୁ ଭିତରେ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଏକ ବିଚାର ସିଦ୍ଧାନ୍ତରେ ପହଞ୍ଚିଛନ୍ତି। ତାଙ୍କ ବିଚାରରେ ଜନସଂଖ୍ୟା ବୃଦ୍ଧିରେ ମନ୍ଥରତା ଯୋଗୁଁ ଯଦି ସମସ୍ୟା ସୃଷ୍ଟି ହେଉଛି ତେବେ ଜନସଂଖ୍ୟା ବୃଦ୍ଧିକୁ ଦ୍ରୁତତର କରି ସମସ୍ୟାର ମୂଳୋତ୍ପାଟନ କରାଯାଇପାରିବ। ଏଠାରେ ସୂଚନା ରଖୁ କି ଯେ ସେ ରାଜ୍ୟରେ ଜନସଂଖ୍ୟା ବୃଦ୍ଧିରେ ଏହି ମନ୍ଥରତାର ସୂଚକ ସ୍ୱରୂପ ସେଠାରେ ମହିଳାମାନଙ୍କ ମୁଣ୍ଡ ପିଛା ହାରାହାରି ସନ୍ତାନ ପ୍ରସବ ହାର ଯାହାକୁ ଟୋଟାଲ ଫର୍ଟିଲିଟି ରେଟ କୁହାଯାଏ, ହ୍ରାସ ପାଇ ୧.୫ ଛୁଇଁଲାଣି। ମୋଟ ଲୋକ ସଂଖ୍ୟାର ସ୍ଥିର ରହିବା ନିମିତ୍ତ ଟୋଟାଲ ଫର୍ଟିଲିଟର ମୂଲ୍ୟ ୨.୧ ହେବା ଆବଶ୍ୟକ ହୋଇଥିବାରୁ ଏହି ନିମ୍ନ ଟୋଟାଲ ଫର୍ଟିଲିଟି ରେଟ ସେ ରାଜ୍ୟ ପାଇଁ ନିଶ୍ଚିତ ରୂପେ ଚିନ୍ତାଜନକ। କାରଣ ଏହା ସଂପୃକ୍ତ ସମାଜରେ ସନ୍ତାନ ଜନ୍ମ ପ୍ରତି ମହିଳାମାନଙ୍କର ଅନାଗ୍ରହତାର ପ୍ରତିଫଳନ ରୂପେ ପରିଗଣିତ ହୋଇଥାଏ। ତେବେ ଏହାର ରାଜନୈତିକ ପରିଣତି ସ୍ୱରୂପ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ରାଜ୍ୟରେ ମହିଳାମାନଙ୍କ ଠାରେ ସନ୍ତାନ ଜନ୍ମ ପ୍ରତି ଦେଖାଯାଉଥିବା ଏହି କୁଣ୍ଠାକୁ ଦୂରକରି ଯଥାଶୀଘ୍ର ସମ୍ଭବ ଟୋଟାଲ ଫର୍ଟିଲିଟ ରେଟରେ ଉନ୍ନତି ଘଟାଇ ସେଠାରେ ଜନସଂଖ୍ୟାରେ ଦ୍ରୁତ ବୃଦ୍ଧି ସାଧନ କରି ସମସ୍ୟାର ସମାଧାନ କରିବା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରିବା ଆରମ୍ଭ କରିଦେଇଛନ୍ତି। ରାଜ୍ୟ ସରକାର ବିଭିନ୍ନ ପ୍ରୋତ୍ସାହନ ମଧ୍ୟ ଘୋଷଣା କରିଛନ୍ତି। ଏହି ଘୋଷଣା ଅନୁଯାୟୀ ଦ୍ୱିତୀୟ କିମ୍ବା ତୃତୀୟ ସନ୍ତାନ ଜନ୍ମ ପାଇଁ ଦମ୍ପତିଙ୍କୁ ୨୫୦୦୦ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବା ଠାରୁ ଆରମ୍ଭ କରି ତୃତୀୟ ସନ୍ତାନ ପାଇଁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ମାସିକ ୧୦୦୦ ଟଙ୍କାର ଲେଖାଏଁ ସହାୟତା ଓ ୧୮ ବର୍ଷ ବୟସ ପର୍ଯ୍ୟନ୍ତ ତାକୁ ସରକାରୀ କିମ୍ବା ଆବାସିକ ବିଦ୍ୟାଳୟରେ ମାଗଣା ଶିକ୍ଷା ଦାନ, ପ୍ରସବ



ପରେ କର୍ମଜୀବୀ ଜନନୀଙ୍କୁ ଗୋଟିଏ ବର୍ଷ ପାଇଁ ଛୁଟି ଓ ପିତାଙ୍କୁ ଦୁଇମାସ ପାଇଁ ଛୁଟି ପ୍ରଦାନ, କର୍ମସ୍ଥଳୀ ମାନଙ୍କରେ ଯଥେଷ୍ଟ ସଂଖ୍ୟା ଶିଶୁ ଯତ୍ନ କେନ୍ଦ୍ରମାନ ପ୍ରତିଷ୍ଠା ଆଦି, ରିହାତି ମୂଲ୍ୟରେ କୃତ୍ରିମ ଭ୍ରୂଣ ସଞ୍ଚାର ସୁବିଧା ଆଦି ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ଏଠାରେ ସୂଚିତ କରାଯାଇପାରେ ଯେ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ଏହି ଉଦ୍ୟମକୁ ରାଜ୍ୟର ମହିଳାମାନେ କେତେ ଦୂର ପ୍ରୋତ୍ସାହନ ଲୋଭର ବଶବର୍ତ୍ତୀ ହୋଇ ଏକାଧିକ ସନ୍ତାନ ପ୍ରସବ ପାଇଁ ଆଗଭର ହେବେ ତାହା ଆଗାମୀ ସମୟ କହିବ।

ଆମେ ଆଲୋଚନାର ଅନ୍ୟ ଏକ ବିନ୍ଦୁଟିକୁ ଛୁଉଁଛୁ ତାହା ହେଉଛି ଏହି ବ୍ୟବସ୍ଥା ଦ୍ୱାରା ରାଜ୍ୟର ପ୍ରଜନନ କ୍ଷମ ମହିଳାମାନେ ଦୁଇ ଶ୍ରେଣୀରେ ବିଭକ୍ତ ହେବେ। ଗୋଟିଏ ଶ୍ରେଣୀ ହେଉଛନ୍ତି କର୍ମଜୀବୀ ଅନ୍ୟ ଶ୍ରେଣୀଟି ଗୃହିଣୀ। ଆମେ ଯେତିକି ଜାଣୁ ସମଗ୍ର ଭାରତରେ ଆନ୍ଧ୍ରପ୍ରଦେଶ ଏକ ପ୍ରଗତିଶୀଳ ରାଜ୍ୟ ଭାବେ ପରିଚିତ। ଯେଉଁଠାରେ କର୍ମଜୀବୀ ଶ୍ରେଣୀର ମହିଳାମାନେ ସାଧାରଣତଃ ଶିକ୍ଷିତା ଓ ସ୍ୱଚ୍ଛଳ ହୋଇଥିବାବେଳେ ପାରମ୍ପରିକ ଗୃହିଣୀମାନେ ଅଳ୍ପ ଶିକ୍ଷିତା ଓ ଅସ୍ୱଚ୍ଛଳ ବର୍ଗର ପ୍ରତିନିଧିତ୍ୱ କରିଥାନ୍ତି। ପ୍ରଥମ ବର୍ଗର ମହିଳାମାନେ ଏଭଳି ପ୍ରୋତ୍ସାହନ ଦ୍ୱାରା କେତେ ଯେ ଆକୃଷ୍ଟ ହେବେ ତାହା ନିଶ୍ଚିତ ସନ୍ଦେହଜନକ। ଏଭଳି ବିଶେଷକରି କର୍ମଜୀବୀ ମହିଳାମାନେ କ'ଣ ପାଇଁ ସନ୍ତାନ ଜନ୍ମ ପ୍ରତି ବିମୁଖ ହୋଇଥାନ୍ତି ତାହାର କାରଣ ଖୋଜିବାକୁ ଗଲେ ୨୦୨୩ରେ ଅର୍ଥଶାସ୍ତ୍ରରେ ନୋବେଲ ପୁରସ୍କାର ପାଇଥିବା ବିଶିଷ୍ଟ ଅର୍ଥନୀତିଜ୍ଞା ଗୋଲଡ଼ିନ୍‌ଙ୍କ ମନ୍ତବ୍ୟଟି ଏଠାରେ ଉଲ୍ଲେଖ କରାଯାଇପାରେ। ତାଙ୍କ ତତ୍ତ୍ୱ ବା ମନ୍ତବ୍ୟ ଅନୁଯାୟୀ ସମାଜରେ ଜଣେ ନାରୀ ମାତୃତ୍ୱ ସମ୍ପର୍କିତ ତିନୋଟି ଦଣ୍ଡକୁ ସାମ୍ନା କରିଥାଏ। ପ୍ରଥମଟି ହେଉଛି ମାତୃତ୍ୱ ଦଣ୍ଡ, ପିତୃତ୍ୱ ପୁରସ୍କାର ଓ ନାରୀତ୍ୱକର। ଏହା ସମସ୍ତଙ୍କୁ ବେଶ୍ ଭଲଭାବେ ଜଣାଯେ ପିଲାଟି ଜନ୍ମ କରିବା ପରେ କର୍ମଜୀବୀ ନାରୀମାନେ କର୍ମ କ୍ଷେତ୍ରରେ ସେମାନଙ୍କ ସମୟ ଓ ଶକ୍ତିରେ ହ୍ରାସ ଘଟିଥିବାରୁ ସେମାନଙ୍କର ବ୍ୟବସ୍ଥିତ କ୍ୟାରିୟର ଅଗ୍ରଗତି ଓ ଆୟ ବାଧାପ୍ରାପ୍ତ ହୋଇଥାଏ। ଅନ୍ୟ ପଟରେ ସନ୍ତାନଟିର ବାପାମାନେ ସେଭଳି ପ୍ରତିବନ୍ଧକକୁ ସାମ୍ନା କରିନଥାନ୍ତି। ଫଳରେ ସେମାନେ ନିଜ ବୃତ୍ତିଗତ କ୍ଷେତ୍ରରେ ଆଗେଇ ପାରିଥାନ୍ତି। କାର୍ଯ୍ୟକ୍ଷେତ୍ରରେ ପରିବେଶ ଓ କାର୍ଯ୍ୟର ସଂଗଠନ ସର୍ବଦା ପୁରୁଷ-ଅନୁକୂଳ ଓ ନାରୀ-ପ୍ରତିକୂଳ ହୋଇଥିବାରୁ ବାସ୍ତବରେ ଅନେକ ଅସୁବିଧାକୁ ସାମ୍ନା କରୁଥିବା ନାରୀଟି ଅଧିକ ସନ୍ତାନର ମାଆ ହେବାର ଗୌରବକୁ ବରଂ ଗ୍ରହଣ କରିନଥାନ୍ତି। ଆମର ବର୍ତ୍ତମାନ ସମୟରେ ଦେଖିବାକୁ ଗଲେ ପ୍ରାୟତଃ ଅନେକ କର୍ମଜୀବୀ ମହିଳା ମାତୃତ୍ୱ ଲାଭ କରିବା ପାଇଁ ବିଳମ୍ବିତ କରିଥାନ୍ତି। ସେମାନଙ୍କ ଭିତରୁ ଅନେକ ବରଂ ସରୋଗେଟ ବ୍ୟବସ୍ଥା ଦ୍ୱାରା ମାଆ ହେବା ପାଇଁ ପସନ୍ଦ କରିଥାନ୍ତି। ଓଡ଼ିଶା କଥା ଦେଖାଯାଉ ଆମର ମାତୃତ୍ୱ ହାର ଯଥେଷ୍ଟ ଉଚ୍ଚରେ ରହିଛି ଏବଂ ସନ୍ତାନ ଗର୍ଭସ୍ଥ ହେବା ଦିନ ଠାରୁ ପାଠ ପଢ଼ିବା ପର୍ଯ୍ୟନ୍ତ ଅନେକ ସରକାରୀ ସୁବିଧା ସୁଯୋଗ ସବୁ ରହିଛି। ଏ ସବୁ ସତ୍ତ୍ୱେ ଅନେକ ପରିବାରରେ କୁଣ୍ଠିତ ମାତୃତ୍ୱ ନାହିଁ ନ ଥିବା ପରିବେଶ ସୃଷ୍ଟି କରିଥାଏ। କେଉଁଠି ଦାମ୍ପତ୍ୟ ଜୀବନରେ ଝଡ଼ ଦେଖାଯାଇଥାଏ ତ କେଉଁଠି ପରିବାରର ବୟସ୍କ, ଶାଶୁ ଶ୍ୱଶୁରମାନେ ନିଜ ଭବିଷ୍ୟତ ପିଢିକୁ ଚାହିଁ ବୋହୂ ଉପରେ ଦୋଷାରୋପ କରିଥାନ୍ତି। ଏ ସବୁ ଭିତରେ କୁଣ୍ଠିତ ମାତୃତ୍ୱ ବାସ୍ତବରେ ଏକ ବଡ଼ ବିତର୍କ ସୃଷ୍ଟି କରୁଛି।

ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ, କଟକ,

## ପଦ୍ମପୁରରେ ଯୁଗ୍ମ ଅଭିଯୋଗ ଶୁଣାଣି

ଗୁଣୁପୁର,(ନିପ୍ର): ପଦ୍ମପୁର ବ୍ଲକ ସଦ୍‌ଭାବନା ସଭାଗୃହରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ରାୟଗଡ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲୀପ, ଅତିରିକ୍ତ ଆରକ୍ଷୀ ଅଧିକାରୀ ଗୋସେନର ବାର୍ଲା, ଗୁଣପୁର ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ପଦ୍ମପୁର ବ୍ଲକ ଅଧ୍ୟକ୍ଷା ମଣିମାଳା ଶବର ଯୋଗଦେଇ ସମସ୍ତ ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୨୯ ଟି ଅଭିଯୋଗର ଶୁଣାଣି ହୋଇଥିବା ବେଳେ, ସେଥିରୁ ଟି ୨୬ବ୍ୟକ୍ତିଗତ, ୦୩ଟି ସାମୂହିକ ଦରଖାସ୍ତ ପଞ୍ଜିକରଣ ହୋଇଥିଲା । ଜଣକା ଦଶ ହଜାର ହିସାବରେ ତିନି ଜଣଙ୍କୁ ଜିଲ୍ଲାପାଳ ରେଡ଼କ୍ରସ ପାଣ୍ଠିରୁ ତିରିଶି ହଜାର ଟଙ୍କାର ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ । ଜିଲ୍ଲାପାଳ ସମସ୍ତ ଦରଖାସ୍ତ ଗ୍ରହଣ ପରେ ସେ ଗୁଡିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ନେବା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।



ଏହି ଅଭିଯୋଗ ଶିବିରରେ ଜିଲ୍ଲା ଯୋଗାଣ ଅଧିକାରୀ ଲଳିତ ମୋହନ ପଟ୍ଟନାୟକ, ଅବକାରୀ ନିରୀକ୍ଷକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାବୁଲି ନାୟକ, ଲିଡ଼ ବ୍ୟାଙ୍କ ଅଧିକାରୀ ଦେବେନ୍ଦ୍ର ବାଉରୀ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ ଲୋକନାଥ ଯାଦବ ପଦ୍ମପୁର ତହସିଲଦାର ସୁବଶିଷ ଶତପଥୀଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଉପଖଣ୍ଡ ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ ।

## ଜୁନ ୧ ରୁ ୯ ଯାଏଁ ମହେନ୍ଦ୍ରମେଳା

ପାରଳାଖେମୁଣ୍ଡି,(ନିପ୍ର): ପୂଜ୍ୟ ସାଧୁସନ୍ଥ, ଆଚାର୍ଯ୍ୟ, ଯାଜ୍ଞିକ, ବିଦ୍ୱାନ୍, ଭକ୍ତ ତଥା ସେବକ ମାନଙ୍କ ଆହ୍ୱାନ କ୍ରମେ ଆସନ୍ତା ଜ୍ୟେଷ୍ଠ (ମଳ) କୃଷ୍ଣ ପ୍ରତିପଦା ଇଂରାଜୀ ୦୧.୦୬.୨୦୨୬ ରିଖ (ସୋମବାର) ଠାରୁ ଜ୍ୟେଷ୍ଠ (ମଳ) କୃଷ୍ଣ ନବମୀ ଇଂରାଜୀ ୦୯.୦୬.୨୦୨୬ ରିଖ ମଙ୍ଗଳବାର ପର୍ଯ୍ୟନ୍ତ ନ ଦିନ ବ୍ୟାପୀ ଗଜପତି ଜିଲ୍ଲା ରାୟଗଡ ବ୍ଲକର ପୁରାଣ ପ୍ରସିଦ୍ଧ ତଥା ଭଗବାନଙ୍କ ତପଭୂମୀ ମହେନ୍ଦ୍ରଗିରି ଶିଖରରେ ମହେନ୍ଦ୍ର ମେଳା ଅନୁଷ୍ଠିତ ହେବାକୁ ଯାଉଛି । ଏହି ମେଳା ଲାଗି ସ୍ନାନ ଓ ବିଶ୍ୱଶାନ୍ତି ନବକୁଣ୍ଡୀୟ ହରିହରାତ୍ମକ ମହାଯଜ୍ଞ ମହାସମାରୋହରେ ଅନୁଷ୍ଠିତ ହେବ । ତତ୍‌ସହିତ ଭାରତର ବିଭିନ୍ନ କ୍ଷେତ୍ରରୁ ବହୁ ସାଧୁ ସନ୍ଥ ଓ ଆଚାର୍ଯ୍ୟ ବୃନ୍ଦ ଯୋଗଦେବେ । ସମସ୍ତ ଭକ୍ତବୃନ୍ଦ ଏହି ମହାର୍ଘ ଯଜ୍ଞାନୁଷ୍ଠାନରେ ଯୋଗଦାନ ପୂର୍ବକ ଭଗବତ୍ କୃପାଶ୍ରୀର୍ବାଦ ଲାଭ କରିବା ପାଇଁ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ




ଆହ୍ୱାନ ଦିଆଯାଇଛି । ଏହି ନ ଦିନ ବ୍ୟାପୀ ପ୍ରତିଦିନ ଘୃତଯଜ୍ଞ, ନାମଯଜ୍ଞ, ଜ୍ଞାନଯଜ୍ଞ, ଅନ୍ନଯଜ୍ଞ, ଚତୁର୍ବେଦ ଓ ଭାଗବତ, ରାମଚରିତ ମାନସ ପାରାୟଣ, ସାଧୁସନ୍ଥ ମାନଙ୍କ ଦ୍ୱାରା ଜପ ଇତ୍ୟାଦି ଅନୁଷ୍ଠିତ ହେବ । ତେଣୁ ଏହି ଅବସରରେ ଏଠାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବାର ଆକଳନ କରାଯାଇଛି । ସେମାନଙ୍କ ରହଣୀ, ଭୋଜନ ଆଦି ବ୍ୟବସ୍ଥା କିପରି ସୁରୁଖୁରୁରେ ହେବ ସେଥିପ୍ରତି ଧ୍ୟାନ ଦିଆଯାଇଛି । ସେହିପରି ମହେନ୍ଦ୍ର ଅଞ୍ଚଳର ସଫେଇ ପ୍ରତି ମଧ୍ୟ ଧ୍ୟାନ ଦିଆଯିବ ବୋଲି କୁହାଯାଇଛି । ଏହି ଅବସରରେ ସମସ୍ତଙ୍କୁ ନିବେଦନ କରାଯାଇଛି ଯେ ମହେନ୍ଦ୍ର ଅଞ୍ଚଳରେ ପଲିଥିନ ବ୍ୟବହାର ନ କରିବା ପାଇଁ ।

## ଚନ୍ଦନ ଯାତ୍ରା ଉଦ୍‌ଯାପିତ

ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଅଗ୍ରଣୀ ଆଧ୍ୟାତ୍ମିକ ଅନୁଷ୍ଠାନ ଶ୍ରୀରାମ ଦୟା ପରିଷଦ ଆନୁକୁଲ୍ୟରେ ଆୟୋଜିତ ଚନ୍ଦନ ଯାତ୍ରା ଉଦଯାପନ ଉତ୍ସବ ଅତ୍ୟନ୍ତ ଆନନ୍ଦ ଉଲ୍ଲାସ ଓ ଭକ୍ତିମୟ ପରିବେଶରେ ସମାପନ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ଼ ମୃତ୍ୟୁଞ୍ଜୟ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦୀର୍ଘ ୩୩ ବର୍ଷର ପରମ୍ପରାକୁ ବଜାୟ ରଖାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଶ୍ରୀ ୧୦୮ ଶ୍ରୀ ମହାମଣ୍ଡଳେଶ୍ୱର ଗୋବିନ୍ଦ ଦାଶ ମହାରାଜ ଯୋଗଦେଇ ଉତ୍ସବର ମାହାତ୍ମ୍ୟ ଉପରେ ଆଲୋକପାତ କରିଥିଲେ। ମହାରାଜାଙ୍କ ଦ୍ୱାରା ରାମାୟଣ ପାଠ କରୁଥିବା ସମସ୍ତ ଗାୟକ, ବାୟକ ଓ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ଉପଢୌକନ ସହ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରାଯାଇଥିଲା।

ସୂଚନାଯୋଗ୍ୟ ଯେ, ଏହି ଅନୁଷ୍ଠାନ ବର୍ଷର ୧୨ ମାସରେ ୧୩ ପର୍ବ ପାଳନ କରିବା ସହ ସମାଜସେବା, ଶିକ୍ଷା ଓ ଆଧ୍ୟାତ୍ମିକତା କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରି ଆସୁଛି। ବିଶେଷ କରି ଅନୁଷ୍ଠାନର ସମ୍ପାଦକ ଗଙ୍ଗାଧାର ତ୍ରିପାଠୀ ଦୀର୍ଘ ୪୧ ବର୍ଷ ଧରି ପ୍ରଭୁଙ୍କ ସେବାରେ ନିଜକୁ ସମର୍ପିତ କରି ଏକ ନିଦର୍ଶନ ସାଜିଛନ୍ତି ।ଉକ୍ତ ଉଦ୍‌ଯାପନ ଉତ୍ସବରେ ଲକ୍ଷ୍ମୀଧର ସାମନ୍ତରାୟ, ବରିଷ୍ଠ ସଭ୍ୟ ବେଣୁଧର ଚମ୍ପତିରାୟ, ସମାଜ ସେବୀ ଭୀମ ସେନ ପାଇକରାୟ, ଦିବାକର ସାହୁ, ରମାନାଥ ଦାଶଙ୍କ ସମେତ ପରିଷଦର ସମସ୍ତ କର୍ମକର୍ତ୍ତା ଓ ସଭ୍ୟମାନେ ସକ୍ରିୟ ସହଯୋଗ କରିଥିଲେ।

# ମରାଠିଗୁଡ଼ା - କପିଳପୁର ଗୁର୍ଜିଆ ରାସ୍ତା ଜବରଦଖଲ

## ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଲୋକେ

ଗୁଣୁପୁର,(ନିପ୍ର): ଦୀର୍ଘଦିନ ଧରି ଅଞ୍ଚଳରେ ଦାବି ହୋଇ ଆସୁଥିବା ଗୁଣୁପୁର ପୌରପରିଷଦର ମରାଠିଗୁଡା - କପିଳପୁର ଗୁର୍ଜୀଆ ରାସ୍ତା ଜବରଦଖଲକୁ ହଟାଇବା ପାଇଁ ପୌର ପ୍ରଶାସନ ୩୫ ଜଣଙ୍କୁ ନୋଟିସ୍ ଜାରି କରିଛି। ୪୮ ଘଣ୍ଟା ମଧ୍ୟରେ ଘର ଖାଲି କରିବା ପାଇଁ ନୋଟିସ୍‌ରେ ଉଲ୍ଲେଖ ରହିଛି। ନୋଟିସ୍ ଜାରି ହେବାପରେ ପ୍ରତିକ୍ରିୟାଶୀଳ ହୋଇଛନ୍ତି ଜବରଦଖଲକାରୀ । ଜବରଦଖଲକାରୀମାନେ ଗୁଣୁପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଉପଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେମାନେ ଗରିବ ଗୁରୁବା ଘର ନ ଥିବା ଯୋଗୁଁ ୪ ଡେସିମିଲ୍ ଘରଡିଅ ପଟା ଦେବା ପାଇଁ ଦାବି କରିଛନ୍ତି। ସେମାନଙ୍କ ଘରଡିଅ ନ ଥିବାରୁ ସେମାନେ ସରକାରୀ ଜାଗାରେ କୁଡିଆ କରି ରହୁଥିବା ଦର୍ଶାଇଛନ୍ତି। ତେଣୁ ସେମାନଙ୍କୁ ଘରଡିଅ ପଟା ପ୍ରଦାନ ନ କରିବା ପର୍ଯ୍ୟନ୍ତ ବିସ୍ଥାପିତ ନ କରିବାକୁ ଅନୁରୋଧ କରିଛନ୍ତି।




ଯଦି ପ୍ରଶାସନ ନ ମାନିଲେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି। ଅପରପକ୍ଷେ ଉପଜିଲ୍ଲାପାଳ ସ୍ମାରକପତ୍ର ଗ୍ରହଣ କରିବା ପରେ ତୁରନ୍ତ ସ୍ଥାନ ଖାଲି କରିବା ପାଇଁ ଜବରଦଖଲ କାରୀଙ୍କୁ କଡା ଚେତାବନୀ ଦେଇଛନ୍ତି। ପରଦାପଛରେ ରହି କିଛି ଅଞ୍ଚଳର ମୁଷ୍ଟିମେୟ ନେତା ଓ କୁଜିନେତାମାନେ ସେଠାରେ ରହୁଥିବା ଜବର ଦଖଲକାରୀଙ୍କୁ ଉସୁକାଇ କହିଛନ୍ତି ଯେ ଗଣମାଧ୍ୟମରେ ଖବର ପ୍ରକାଶ ଯୋଗୁଁ ଏଭଳି ସ୍ଥିତି ଉପୁଜିଛି। ଫଳରେ ଜବରଦଖଲକାରୀମାନେ ଗଣମାଧ୍ୟମକୁ ନିନ୍ଦା କରୁଛନ୍ତି।

# ଅଧିକାରୀ ଦର୍ଶାଇ ଟଙ୍କା ଆଦାୟ ଅଭିଯୋଗ: ଜଣେ ଗିରଫ

ରେଢ଼ାଖୋଲ,(ନିପ୍ର): ସରକାରୀ ଅଧିକାରୀ ଦର୍ଶାଇ ବିଭିନ୍ନ ହୋଟେଲ ଓ ଢାବା ଗୁଡିକରୁ ଧମକ ଚମକ ଦେଇ ଟଙ୍କା ଆଦାୟ କରିବା ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି ରେଢ଼ାଖୋଲ ପୋଲିସ । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ଲୁହାପଙ୍କ ଗ୍ରାମ ପଞ୍ଚାୟତ ଅଧୀନ ସାଧୂମୁଣ୍ଡା ସ୍ଥିତ ଏକ ହୋଟେଲ ଖୋଲିଥିବା ସମୟରେ ସମ୍ବଲପୁର ଜିଲ୍ଲା ବରେଇପାଲି ବାସିନ୍ଦା ସିଦ୍ଧାନ୍ତ ସିଂ(୨୫) ତାଙ୍କ ଡ୍ରାଇଭର ସାଗର ବାଡା ଏକ କାର ଓଡ଼ି ୦୩ ଏଇ ୭୬୭୭ ନମ୍ବର ବିଶିଷ୍ଟ ଗାଡି ମାନବ ଅଧିକାର ଫୋରମ୍ ନୀତି ଆୟୋଗ ଜିଲ୍ଲା ଚେୟାରମେନ ଲାଗିଥିବା ବୋର୍ଡରେ ଆସି ହୋଟେଲ ସମ୍ମୁଖରେ ପହଞ୍ଚିଥିଲେ। ହୋଟେଲ ଥିବା କର୍ମଚାରୀ କେଶବ ପ୍ରଧାନଙ୍କୁ ସରକାରୀ ଅଧିକାରୀ



ଦର୍ଶାଇ ଭୟଭୀତ କରାଇ ଗାଳି ଗୁଳଜ ସହିତ ଆକ୍ରମଣ କରି ୪୦ ହଜାର ଟଙ୍କା ଆଦାୟ କରି ଚାଲି ଯାଇଥିଲେ। ପୁଣି ପୁନର୍ବାର ଆସି ହୋଟେଲରେ ଚଢ଼ାଉ କରିଦେବି କହି ଧମକ ଚମକ ଦେଇ ଅନଗୁଳ ଜିଲ୍ଲା ଅଭିମୁଖେ ପଳାଇ ଯାଇଥିଲେ। ଏ ସଂକ୍ରାନ୍ତରେ ହୋଟେଲ ମାଲିକ ଅକ୍ରୁର ସାହୁ ଜାଣିବା ପରେ ରେଢ଼ାଖୋଲ ପୋଲିସକୁ ଜଣାଇଥିଲେ। ଏଥିରେ ତୁରନ୍ତ ରେଢ଼ାଖୋଲ ଥାନା ଅଧିକାରୀ ସନୟ କୁମାର ନାଏକଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରି କିଶୋର ନଗର, ହଣ୍ଡପା ଓ ଜରପଡା ପୋଲିସ କୁ ସୂଚନା ଦେଇଥିଲା। ଏଥିରେ ଜରପଡା ପୋଲିସ ନାକା ବନ୍ଦୀ କରି କାର୍ କୁ ଅଟକ ରଖିଥିଲେ। ଏଥିରେ ଡ୍ରାଇଭର ସାଗର ସୁଯୋଗ ପାଇ ଫେରାର ହୋଇଯାଇଥିଲେ। ରେଢ଼ାଖୋଲ ପୋଲିସ ଟିମ୍ ପହଞ୍ଚି ଅଭିଯୁକ୍ତ ସିଦ୍ଧାନ୍ତ ଙ୍କୁ ଗିରଫ କରିବା ସହିତ କାର ଜବତ କରିଥିଲେ। ରେଢ଼ାଖୋଲ ପୋଲିସ କେସ ନଂ ୮୧/୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଉକ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସନୟ କୁମାର ନାଏକ ସୂଚନା ଦେଇଛନ୍ତି।

# ଓଡ଼ିଶା ଜନତା କଂଗ୍ରେସର ବିଶାଳ ଜନସଭା




ଭବାନୀପାଟଣା,(ନିପ୍ର): ଓଡିଶା ଜନତା କଂଗ୍ରେସ ପାର୍ଟିର ସଂସ୍ଥାପକ ସଭ୍ୟ ମଧୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସ୍ଥିତ ସ୍ଥାନୀୟ ଶ୍ରୀକୃଷ୍ଣ ନଗର ଠାରେ ଏକ ବିଶାଳ ଜନସଭା ସୋମବାର ୧୧ଟା ବେଳେ ଅନୁଷ୍ଠିତ ହୋଇଥିଲା। ଓଡିଶା ଜନତା କଂଗ୍ରେସ ପାର୍ଟିର ସଭାପତି ମହମ୍ମଦ ମୋକିମ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡିଶା ଜନତା କଂଗ୍ରେସ ପାର୍ଟିର ନୂତନ ଅଭିମୁଖ୍ୟ ଓ ଭବିଷ୍ୟତ କାର୍ଯ୍ୟକ୍ରମ ସମ୍ପର୍କରେ ଦିଗଦର୍ଶନ ଦେଇଥିଲେ।

### ଯୁବକଯୁବତୀ ଦଳର ନେତୃତ୍ୱ ନେଇପାରିବେ

କାର୍ଯ୍ୟକ୍ରମ ପ୍ରାରମ୍ଭରେ କଳାହାଣ୍ଡିର ଅନ୍ୟତମ ନେତା ତଥା ନବ ଗଠିତ ଓଡିଶା ଜନତା କଂଗ୍ରେସ ପାର୍ଟିର ସଂସ୍ଥାପକ ସଦସ୍ୟ ମଧୁ ମହାନ୍ତି ଅତିଥି ମାନଙ୍କୁ ସ୍ୱାଗତ ଜଣାଇବା ସହ ଓଜିସି ଦଳରେ ତାଙ୍କର ସମ୍ପୃକ୍ତି ଓ ଦଳ ମାଧ୍ୟମରେ କଳାହାଣ୍ଡିର ସର୍ବାଙ୍ଗୀନ ଉନ୍ନତି ପାଇଁ ତାଙ୍କର ନିରନ୍ତର ପ୍ରଚେଷ୍ଟା ଜାରି ରହିବ ବୋଲି ପ୍ରକାଶ କରିଥିଲେ। କଳାହାଣ୍ଡିର ବେକାର ଯୁବକ ଯୁବତୀଙ୍କ କର୍ମସଂସ୍ଥାନ, ଖଣି ଖାଦାନ, ଜଙ୍ଗଲ ଆଦି ଲୁଣ୍ଠନକୁ ବନ୍ଦ କରିବା ତଥା ମାଆ ଓ ଛୋଟ ପିଲାଙ୍କ ମାନଙ୍କ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉନ୍ନତି ଆଣିବା ଦିଗରେ ଦଳ କାମ କରିବ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ବିରୋଧ କରୁଥିବା ଲୋକଙ୍କ ବନ୍ଦ ଡାକରା ସତ୍ତ୍ୱେ ସଭାରେ ହଜାର ହଜାର ଲୋକଙ୍କ ସମାଗମ ଦେଖି ସଭାପତି ମୋକିମ ମହମ୍ମଦ ଭାବବିହ୍ୱଳ ହେବା ସହିତ ଉପସ୍ଥିତ ଶହଶହ ଗାଡିର ଚାଳକମାନଂକୁ ସେମାନଙ୍କ ସାହସ ଓ ତ୍ୟାଗକୁ କୃତଜ୍ଞତା ଜଣାଇଥିଲେ। ସେ କହିଥିଲେ ଯେ ଆଗାମୀ ଦିନରେ କଳାହାଣ୍ଡି ଭଳି ପବିତ୍ର ମାଟିରେ ଯେପରି ଶହଶହ ସଂଖ୍ୟାରେ ଯୁବକଯୁବତୀ ଦଳର ନେତୃତ୍ୱ ନେଇପାରିବେ ସେ ବିଷୟରେ ଦଳ ସଚେତନ ରହିବ । ମୋର ବନ୍ଧୁ ତଥା ଦଳର ସଂସ୍ଥାପକ ସଭ୍ୟ ମଧୁ ମହାନ୍ତିଙ୍କ ନେତୃତ୍ୱରେ ଏହା କାର୍ଯ୍ୟ କରିବ ।ସଭାକାର୍ଯ୍ୟ ଆରମ୍ଭ ପୂର୍ବରୁ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ଦଳର ନେତାମାନେ ସେମାନଙ୍କ ବକ୍ତବ୍ୟ ରଖିଥିଲେ ।ଦଳର ଅନ୍ୟତମ ସଦସ୍ୟ ଜୟନ୍ତ ନାଏକ ସଭା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମଞ୍ଚରେ ଦଳର ବହୁ ଶୁଭେଚ୍ଛୁଙ୍କ ସହ ସୁନନ୍ଦ ପଟ୍ଟନାୟକ,ରାମ ପାଣିଗ୍ରାହୀ, ଲମ୍ବୋଦର ତାଣ୍ଡି,କାଳିଆ ସରାଫ,ପ୍ରଭାକର ବେହେରା,ପ୍ରକାସ ମଙ୍ଗରାଜ,ଚିତ୍ରସେନ ଜାଲ, ବିଦ୍ୟାଧର ମୁଣ୍ଡ,ପ୍ରଣବ ଭୋକ୍ତା, କଳା କାହ୍ନୁ ସା, ରାଣା ପ୍ରତାପ ନାଏକ ପ୍ରମୁଖ ଯୋଗ ଦେଇଥିଲେ ।

## ମୋବାଇଲ ଟାୱାର ଚଢ଼ି ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ରାୟଗଡା,(ନି:ପ୍ର): ଜଣେ ଯୁବକ ମଦ୍ୟପାନ କରି ଏକ ମୋବାଇଲ ଟାୱାର ଉପରକୁ ଚଢିଯାଇଥିଲେ ।ଏହା ଦେଖିଲା ପରେ ସେଠାରେ ଲୋକଙ୍କ ଭିଡ ଜମି ଯାଇଥିଲା ।ଉକ୍ତ ଯୁବକଙ୍କୁ ଉପସ୍ଥିତ ଲୋକେ ବହୁତ ବୁଝାସୁଝା କରିବା ସତ୍ତ୍ୱେ ସେ କାହା କଥା ଶୁଣିନଥିଲେ ।ଶେଷରେ ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ ।ଖବର ପାଇବାପରେ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଟାୱାର ଉପରକୁ ଚଢ଼ି ଯୁବକ ଜଣଙ୍କୁ ବୁଝାବୁଝି କରି ସୁରକ୍ଷିତ ଅବସ୍ଥାରେ ତାଙ୍କୁ ଉଧାର କରି ତଳକୁ ଆଣିବାରେ ସକ୍ଷମ ହୋଇଥିଲେ ।ଘାଟଣାଟି ରାୟଗଡା ଜିଲ୍ଲା କଲ୍ୟାଣ ସିଂହପୁର କୁମ୍ଭାର ସାହି ନିକଟରେ ଘଟିଥିବା ବେଳେ ଏଭଳି ପଦକ୍ଷେପ ଯୁବକ ଜଣଙ୍କ କାହିଁକି ନେଇଥିଲେ ସେ ବିଷୟରେ କିଛି ସ୍ପଷ୍ଟ ଭାବେ ଜଣାପଡ଼ିନାହିଁ।

## ଛତ୍ରପଡ଼ା ଓ କେନ୍ଦ୍ରାପଡ଼ାରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ

ନିରାକାରପୁର/କେନ୍ଦ୍ରାପଡ଼ା(ନିପ୍ର):ଖୋର୍ଦ୍ଧା ଜିଲ୍ଲା ଛତ୍ରପଡ଼ା ଗ୍ରାମର ଆରାଧଦେବୀ ମା' କ୍ଷେତ୍ରେଶ୍ୱରୀଙ୍କ ପୀଠରେ ଅଷ୍ଟମ ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ଶ୍ରୀରାମଲୀଳା ନାଟକ ପରିବେଷିତ ହୋଇଛି। ଗ୍ରାମବାସୀଙ୍କ ସକ୍ରିୟ ସହଯୋଗରେ ପରିଚାଳିତ ଏହି ଯଜ୍ଞ ଆସନ୍ତା ୧୨ ତାରିଖରେ ପୂର୍ଣ୍ଣାହୁତି ସହ ଉଦ୍‌ଯାପିତ ହେବ ।କେନ୍ଦ୍ରାପଡ଼ା ବ୍ଲକ ଶ୍ୟାମାସୁନ୍ଦରପୁର ପଞ୍ଚାୟତରେ ମାଳିକା ବର୍ଣ୍ଣିତ କନ୍ତିଆ ମଠରେସିଦ୍ଧ ମହାପୁରୁଷ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ପ୍ରସିଦ୍ଧ ଓଳାଶୁଣୀ ମଠ ମହାପୁରୁଷ ଅରକ୍ଷିତ ଦାସଙ୍କର ଏକ ଶାଖା କନ୍ତିଆ ମଠ ଭାବରେ ନାମିତ । ମଠରେ କାଞ୍ଜିପାଣି ପ୍ରସିଦ୍ଧ ।˝ ମାନସିକ ଧାରୀ ସିଦ୍ଧ ମଧୁସୂଦନଙ୍କ ପାଖରେ କାଞ୍ଜିପାଣି ପିଇ ମାନସିକ କରିଥାଆନ୍ତି।

# ଆଦିବାସୀ ସଂସ୍କୃତିର ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ

## ଦୁଲୁକିଲା ଏମଏସଏର ରଙ୍ଗମଞ୍ଚ

ଭବାନୀପାଟଣା,(ନି.ପ୍ର): କଳାହାଣ୍ଡି ଜିଲା ଭବାନୀପାଟଣା ସ୍ଥିତ ମହାବୀର ସାଂସ୍କୃତିକ ଅନୁଷ୍ଠାନ (ଏମଏସଏ)ର ରଙ୍ଗ ମଞ୍ଚରେ ଶନିବାର ଠାରୁ ଚାଲିଥିବା ଆଦିବାସୀ ନୃତ୍ୟ ଓ ସଙ୍ଗୀତ ମହୋତ୍ସବ 'ଡ଼ଙ୍ଗର' ସମାରୋହରେ ଉଦଯାପିତ ହୋଇଯାଉଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିଜୟ ଦିଶାରି, ମୁଖ୍ୟବକ୍ତା ଭାବେ ଥୁଆମୁଲ ରାମପୁର ମା'ମାଣିକେଶ୍ୱରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା,



ଭବାନୀପାଟଣା ପୌରପାଳିକାର ନଗରପାଳ ବିଷ୍ଣୁ ପ୍ରଧାନ, ଓଡିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ.ଚନ୍ଦ୍ରଶେଖର ହୋତା,ଶିକ୍ଷାବିତ୍ ଡ଼.ଅଜୟ ମିଶ୍ର,ସାମାଜିକ କର୍ମୀ ଯୁଗଳ କିଶୋର ପୋଢ଼,ମହାବୀର ସାଂସ୍କୃତିକ ଅନୁଷ୍ଠାନ ସମ୍ପାଦକ ସତ୍ୟ ନାରାୟଣ ସିଂହ ପ୍ରମୁଖ ଯୋଗଦେଇଥିଲେ। ଆଦିବାସୀ ସଂସ୍କୃତିର ସୁରକ୍ଷା ସମସ୍ତଙ୍କର ଦାୟିତ୍ୱ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ସଞ୍ଜୟ କୁମାର ପରିଚାଳନା କରିଥିବାବେଳେ ଶୁଭମ ଅନୁଷ୍ଠାନର ଅଧ୍ୟକ୍ଷ ସୁଶାନ୍ତ କୁମାର ସିଂହ ଧନ୍ୟବାଦ ଦେଇଥିଲେ। ପରେ ରାଜ୍ୟର ବିଭିନ୍ନ ଜିଲାର ସୁନାମଧନ୍ୟ ସାଂସ୍କୃତିକ ଦଳ ଯୋଗଦେଇ ତାଙ୍କର ନୃତ୍ୟ କଳା ପରିବେଷଣ କରିଥିଲେ ।ଏଥିରେ କୋରାପୁଟର ଗଦବା ନୃତ୍ୟ ଓ ରିଂଯୋଡି, କେନ୍ଦୁଝରର ଜୁଆଙ୍ଗ,ନବରଙ୍ଗପୁରର ଢ଼େମସା ଓ ଗଣ୍ଡ ନୃତ୍ୟ,ରାୟଗଡ଼ାର ଡ଼ଙ୍ଗରିଆ କନ୍ଧ,ମୟୁରଭଞ୍ଜ ର ସାନ୍ତାଳୀ,କଳାହାଣ୍ଡିର ଆଦିବାସୀ ନୃତ୍ୟ,ଦଣ୍ଡାଲି,ମାଦଳି ଓ ଥୁଆମୁଲ ରାମପୁର ର ଆଦିବାସୀ ବାଦ୍ୟ ବିଚିତ୍ରା ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଯାହାକି ବେଶ ଚିତାକର୍ଷକ ହୋଇଥିଲା ।ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଉଠିଥିଲା ଏମଏସଏର ରଙ୍ଗ ମଞ୍ଚ। ଅପରାହ୍ନରେ ଓଡ଼ିଶାର ନୃତ୍ୟ ପରମ୍ପରାକୁ ଆଦିବାସୀ ନୃତ୍ୟର ଅବଦାନ ଉପରେ ଏକ ଆଲୋଚନା ଚକ୍ର ମଧ୍ୟ ଅନୁଷ୍ଠିତ ହୋଇଥିଲା।

## ଶ୍ରମିକଙ୍କ ମୃତ୍ୟୁ ନେଇ ଉତ୍ତେଜନା

ରାଉରକେଲା,(ନିପ୍ର): କଲୁଙ୍ଗା ଅଞ୍ଚଳର ଗୋଟିଧାର ପଥର ଖଣିରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଏହି ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ସ୍ଥାନୀୟ ଗ୍ରାମବାସୀମାନେ ଖଣି ପରିଚାଳନା ଉପରେ ଘୋର ଅବହେଳାର ଅଭିଯୋଗ ଆଣିଛନ୍ତି। ମୃତ ଶ୍ରମିକଙ୍କ ପରିବାରକୁ କ୍ଷତିପୂରଣ ସହିତ ଏଥିରେ ଦାୟୀ ବ୍ୟକ୍ତିଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ସୂଚନା ଅନୁସାରେ, ରାଉରକେଲା ପଥର କ୍ରସର ୟୁନିଟ୍ ପାଇଁ ହନୁମାନ କଡମା ଖଣିରେ ପଥର ଉତ୍ତୋଳନ ଏବଂ ପରିବହନ କାର୍ଯ୍ୟ ଚାଲିଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ପଥର ଉତ୍ତୋଳନ ସମୟରେ, ହରମନ ଆଇନ୍ଦ ନାମକ ଜଣେ ସ୍ଥାନୀୟ ଶ୍ରମିକ ଗୁରୁତର ଭାବରେ ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ଖବର ପ୍ରସାରିତ ହେବା ମାତ୍ରେ ବହୁ ସଂଖ୍ୟକ ଗ୍ରାମବାସୀ ଖଣି ସ୍ଥାନରେ ଏକାଠି ହୋଇ ପ୍ରତିବାଦ ପ୍ରଦର୍ଶନ କରିଥିଲେ। ଏଥିସହିତ ଅଭିଯୋଗ କରିଥିଲେ ଯେ ଖଣିରେ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ନଥିବାରୁ ଏହି ଦୁର୍ଘଟଣା ଘଟିଛି। ସେମାନେ ଦାବି କରିଛନ୍ତି ଯେ, ଖଣି ପରିଚାଳନା କର୍ମଚାରୀଙ୍କ ମୌଳିକ ସୁରକ୍ଷା ସୁନିଶ୍ଚିତ କରିବାରେ ବିଫଳ ହୋଇଛନ୍ତି। ଫଳରେ ଏହି ଦୁଃଖଦ ଜୀବନହାନି ଘଟିଛି। ମୃତଦେହକୁ ପୋଷ୍ଟମର୍ଟମ ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାର ଶବାଗାରରେ ରଖାଯାଇଛି।

## ମା' ମାହେଶ୍ୱରୀ ମନ୍ଦିର ଉନ୍ନତିକରଣ ନେଇ ଦାବିପତ୍ର

ରେଢ଼ାଖୋଲ,(ନିପ୍ର): ସମ୍ବଲପୁର ଜିଲ୍ଲା ଓ ଦେବଗଡ଼ ଜିଲ୍ଲା ସିମାବର୍ତ୍ତି ରିଆମାଳ ବ୍ଲକ ଅନ୍ତର୍ଗତ ଦଶଘରିଆ ସ୍ଥିତ ଆରାଧ ଦେବୀ ମା ମାହେଶ୍ୱରୀଙ୍କ ମନ୍ଦିରର ଉନ୍ନତି କରଣ ପାଇଁ ବାମଣ୍ଡା ଡୁମାଳ ପରିଷଦ ପକ୍ଷରୁ ଦାବି କରାଯାଇଛି। ଶୁକ୍ରବାର ଦିନ ସମ୍ବଲପୁର ଜିଲ୍ଲା ନାକଟିଦେଉଳ ସ୍ଥିତ ମିନି ଷ୍ଟାଡିୟମ ଠାରେ ଆହୂତ ଏକ ଶିଳାନ୍ୟାସ ଓ ଉଦଘାଟନ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇ ଥିବା ଅବସରରେ ଗ୍ରାମବାସୀ ଓ ଡୁମାଳ ପରିଷଦ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉଲ୍ଲେଖରେ ଡୁମାଳ ସମ୍ପ୍ରଦାୟର ଇଷ୍ଟଦେବୀ ମା' ମାହେଶ୍ୱରୀଙ୍କ ପ୍ରାଚୀନ ପୀଠ ଦଶଘରିଆ ଗ୍ରାମରେ ଅବସ୍ଥିତ। ଏହି ପବିତ୍ର ପୀଠଟି ପୂର୍ବତନ ଗଡ଼ଜାତ ବାମଣ୍ଡା ରାଜ୍ୟ କାଳରୁ ଏକ ପ୍ରମୁଖ ଆଧ୍ୟାତ୍ମିକ କେନ୍ଦ୍ର ଭାବେ ପରିଚିତ ରହିଆସିଛି। ଦେବଗଡ଼, କୁଚିଣ୍ଡା, ରେଢ଼ାଖୋଲ, ଅନୁଗୋଳ ଓ ପାର୍ଶ୍ୱବର୍ତୀ ଅନେକ ଅଞ୍ଚଳର ହଜାର ହଜାର ଭକ୍ତଙ୍କ ଗଭୀର ଆସ୍ଥା ଓ ଭାବନା ଏହି ପବିତ୍ର ପୀଠ ସହ ଜଡିତ ରହିଛି ।କିନ୍ତୁ ମା'ଙ୍କର ପୁରାତନ ମନ୍ଦିରଟି ଅତ୍ୟନ୍ତ ଜୀର୍ଣ୍ଣ ଓ ଅସୁରକ୍ଷିତ ଅବସ୍ଥାକୁ ପହଞ୍ଚିଥିବାରୁ ଭକ୍ତମାନଙ୍କ ସୁବିଧା ଓ ପୀଠର ମର୍ଯ୍ୟାଦା ରକ୍ଷା ପାଇଁ ପ୍ରାୟ ପାଞ୍ଚ ବର୍ଷ ପୂର୍ବେ ଏକ ନୂତନ ମନ୍ଦିର ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା।

### କଳାକାର ସଙ୍ଘ ପକ୍ଷରୁ କେନ୍ଦୁଝର ଉତ୍ସବ

# କଳା ସଂସ୍କୃତି ଏକ ବିକଶିତ ସମାଜର ପ୍ରତିବିମ୍ବ

କେନ୍ଦୁଝର,(ନିପ୍ର): କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥିତ ସଂସ୍କୃତି ଭବନଠାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କେନ୍ଦୁଝର ଉତ୍ସବ ୨୦୨୬ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ କେନ୍ଦୁଝର ଜିଲ୍ଲା କଳାକାର ସଂଘ ଓ କେନ୍ଦୁଝର ଜିଲ୍ଲା ଆମେଚର ଟାଇକୋଣ୍ଡ ସଂଘ ଦ୍ୱାରା ଆୟୋଜନ କରାଯାଇଥିଲା । କେନ୍ଦୁଝର ଜିଲା କଳାକାର ସଂଘର ସଭାପତି ଆଶିଷ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ କେନ୍ଦୁଝର ଆମେଚର ଟାଇକୋଣ୍ଡ ସଂଘର ସଭାପତି ପ୍ରଦୀପ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ସୁନାମଧନ୍ୟ ଶିକ୍ଷାନୁଷ୍ଠାନ ସିଟିଜି ଗ୍ରୁପର ଅଧ୍ୟକ୍ଷ ରୋଟାରୀଆନ ଡଃ ରାଜେନ୍ଦ୍ର କୁମାର ପଲେଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେ ନିଜ ବକ୍ତବ୍ୟରେ କହିଥିଲେ ଯେ, କଳାକାରମାନଙ୍କ ପ୍ରତିଭା ପରିପ୍ରକାଶ ପାଇଁ କେନ୍ଦୁଝର ଉତ୍ସବ ଭଳି କାର୍ଯ୍ୟକ୍ରମ ଆୟୋଜନ




କରିବା ଯଥାର୍ଥ । ଆଗାମୀ ଦିନରେ ଏଭଳି କାର୍ଯ୍ୟକ୍ରମ ଜାରି ରଖିବାକୁ ସେ ସଂଘକୁ ପରାମର୍ଶ ଦେଇଥିଲେ। ଏଥିସହ ଜିଲାରୁ ଲୋପ ପାଇ ଯାଉଥିବା ଆଦିବାସୀ କଳା ଓ ସଂସ୍କୃତିକୁ ଉଜ୍ଜୀବିତ କରି ରଖିବାରେ ସଂଘର ଏହି ପ୍ରୟାସକୁ ସେ ଭୂୟସୀ ପ୍ରଶଂସା କରି ଥିଲେ। ପୂର୍ବତନ ବିଧାୟକ ପ୍ରାଣବଲ୍ଲଭ ନାୟକ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲାରୁ ଲୋପ ପାଇ ଯାଉଥିବା କଳାସଂସ୍କୃତିକୁ ବଞ୍ଚାଇ ରଖିବାକୁ ହେଲେ ସଂଘ ଆଗାମୀ ଦିନରେ ଏଭଳି କାର୍ଯ୍ୟକ୍ରମ ଜାରି ରଖିବା ଜରୁରୀ ବୋଲି ସେ ମତପୋଷଣ କରିଥିଲେ। ସଭା କାର୍ଯ୍ୟକ୍ରମକୁ ସଂଘର ସମ୍ପାଦକ ନିର୍ମଳ ଚନ୍ଦ୍ର ନାୟକ ସଂଯୋଜନା କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦୁର୍ଯ୍ୟୋଧନ ମୁଦୁଲି ମଞ୍ଚ ପରିଚାଳନା କରିଥିଲେ ଓ ସଂଘର ଯୁଗ୍ମ ସମ୍ପାଦିକା ମାନସୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାମାନଙ୍କ ମଧ୍ୟରେ ଅତିଥି ଭାବେ ଟଙ୍କଧର ନାଏକ , ଚୁମୁକି ମହାରଣା ପ୍ରମୁଖ ଯୋଗ ଦେଇଥିଲେ । ଏହି କେନ୍ଦୁଝର ଉତ୍ସବ ଅବସରରେ ଗୋଣ୍ଡ ପାରମ୍ପରିକ ଖଣ୍ଡା ନୃତ୍ୟ ସଙ୍ଗୀତ ଗୁରୁ ଅର୍ଜୁନ ଚରଣ ନାୟକ , ନୃତ୍ୟ ଗୁରୁଶ୍ରୀ ଗୁରୁ ଦାସ , କଣ୍ଢେଇ ନୃତ୍ୟ ଗୁରୁ ହରିଶ ଚନ୍ଦ୍ର ଓରାମ , ଶିଶୁ ସାହିତ୍ୟିକ କରୁଣାକର ବାରିକ , ସମାଜସେବା ପାଇଁ ପୁଷ୍ପହାସ ପଟ୍ଟନାୟକ, ଭାଷା ସାହିତ୍ୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ହରେକୃଷ୍ଣ ବେଜ, ସ୍ୱେଚ୍ଛାକୃତ ସମାଜ ସେବା ପାଇଁ ରମେଶ ଚନ୍ଦ୍ର ଜେନା, ଶିକ୍ଷାବିତ ପ୍ରଣବ ରାଉତରାୟ , କବୟତ୍ରୀ ସନ୍ତୋଷିନୀ ଦାଶ , ବରିଷ୍ଠ ସାମ୍ବାଦିକ ଦେବାଶିଷ ମିଶ୍ର ଓ ଯୁବ ସାମ୍ବାଦିକ ବିଜୟ କୁମାର ମିଶ୍ର , ଆନ୍ତର୍ଜାତିକ କ୍ରୀଡାବିତ ଓ ପ୍ରଶିକ୍ଷିକ ଦିଗବିଜୟ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ପାର୍ଥସାରଥୀ ସାହୁ ,ଦେବରାଜ ସାହୁ, ରିଧିମା ଲାୟକ, ସ୍ଥିତିପ୍ରଜ୍ଞା ଗିରି, ପୁଷ୍ପିତା ବାରିକ ,ଆସ୍ଥାମଣି ମାଝୀ ,ଶ୍ରେୟାଶ୍ରୀ ଦାସ , କ୍ରୀତିକାବ୍ୟା ଦାସ, ମନୋଜ ପାତ୍ର, ଅମ୍ବିତ ହାଁସଦା,ମାନସ ବାରିକ, ଏମଡି ସକିଲ ଓ ଜିତେନ୍ଦ୍ର ଓରାମ ପ୍ରମୁଖ ସହଯୋଗ କରିଥିଲେ।

## ଶୁକଳ କେନାଲ ବନ୍ଧ ଡାହାଣ ପାର୍ଶ୍ୱ ଶିଳାନ୍ୟାସ

ପିପିଲି,(ନିପ୍ର): ପୁରୀ ଜିଲ୍ଲା ଜଳସେଚନ ଡିଭିଜନ ଅଧୀନ ପିପିଲି ସବ ଡିଭିଜନ ଅଧୀନରେ ଥିବା ଶୁକଳ ଡିଷ୍ଟ୍ରିବ୍ୟୁଟାରୀ କେନାଲ ବନ୍ଧ ଡାହାଣ ପାର୍ଶ୍ୱ ରାସ୍ତା ସମ୍ପ୍ରସାରଣ ନିମନ୍ତେ



ସୋମବାର ଶିଳାନ୍ୟାସ ହୋଇଛି। ସାଂସଦ ଡ଼. ସମ୍ବିତ ପାତ୍ର ଏବଂ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ଏଥିରେ ଯୋଗ ଦେଇ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦୁର୍ଗାଦାସପୁର ପଞ୍ଚାୟତ ସରପଞ୍ଚ. ନୋମିନି ପିପିଲି ଜଳସେଚନ ସବଡିଭିଜନ ସାତଶଂଖ ସେକ୍ସନ ଅଫିସର କନିଷ୍ଠ ଯନ୍ତ୍ରୀ ତନ୍ମୟ କୁମାର ବେହେରା ଯୋଗ ଦେଇ ଥିଲେ। ଏହି କେନାଲ ରାସ୍ତା ନିର୍ମାଣ ନିମନ୍ତେ ସ୍ଥାନୀୟ ଅଞ୍ଚଳ ବାସୀ ବିଧାୟକଙ୍କ ନିକଟରେ ଦାବି କରି ଆସୁଥିଲେ। ବିଭାଗ ଆର ଡି ୫.୮୬୦ ଠାରୁ ଆର ଡି ୮.୯୪୦ କିମି ସମ୍ପ୍ରସାରଣ ନିମନ୍ତେ ପ୍ରାୟ ୧୪୩ ଲକ୍ଷ ଟଙ୍କା ମଂଜୁର କରାଇଥିବା ପ୍ରକାଶ।





ଗୁଜରାଟ: ସୋମନାଥ ଅମୃତ ମହୋତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

# ବଢୁଛି ହନ୍ତା ଭୂତାଣୁ ବିପଦ, ଭାରତରେ ସକ୍ରିୟ ହେଲା ୧୬୫ ଲ୍ୟାବ୍

ନୂଆଦିଲ୍ଲୀ,୧୧।୫: ଏମଭି ହୋଣ୍ଡିୟସ୍ ଜାହାଜରେ ହନ୍ତା ଭାଇରସ୍ ଚିହ୍ନଟ ହେବା ପରେ ହଇଚଇ। ଏହି ଭୂତାଣୁରେ ସଂକ୍ରମିତ କିଛି ଲୋକଙ୍କ ମୃତ୍ୟୁ ମଧ୍ୟ ହୋଇଛି । ଏହାକୁ ନେଇ ବିଭିନ୍ନ ଦେଶ ସତର୍କ ହୋଇଯାଇଛନ୍ତି । ଏହାରି ମଧ୍ୟରେ ଭାରତ ନିଜର ଉଚ୍ଚସ୍ତରୀୟ ବାୟୋ ସର୍ଭିଲାନ୍ସ ପ୍ରଣାଳୀ ସକ୍ରିୟ କରିଦେଇଛନ୍ତି । ଦେଶରେ ଏହି ଭୟଙ୍କର ଭୂତାଣୁ ପ୍ରବେଶ ନକରୁ, ସେଥିପାଇଁ ଆଲର୍ଟ ବି ଜାରି ହୋଇଛି । ଏହି ଜାହାଜରେ ଭାରତୀୟ ନାଗରିକ ମଧ୍ୟ ଥିଲେ । ସ୍ପେନରେ ଥିବା ଭାରତୀୟ ଦୂତାବାସ ନିଶ୍ଚିତ କରିଛି ଯେ, ବିମାନରେ ଥିବା ଦୁଇଜଣ ଭାରତୀୟ ନାଗରିକଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷା ପ୍ରୋଟୋକଲ୍ ଅନୁଯାୟୀ ନେଦରଲ୍ୟାଣ୍ଡ ପଠାଯାଇଛି, ଯେଉଁଠାରେ ସେମାନେ କ୍ୱାରେଣ୍ଟାଇନରେ ଅଛନ୍ତି। ଉଭୟ ଭାରତୀୟ ନାଗରିକଙ୍କ ମଧ୍ୟରେ କୌଣସି ଲକ୍ଷଣ ନାହିଁ। ତଥାପି, ଭାଇରସ୍ ବ୍ୟାପିବାକୁ ରୋକିବା ପାଇଁ ସେମାନଙ୍କୁ ୪୫ ଦିନ ପର୍ଯ୍ୟନ୍ତ ପର୍ଯ୍ୟବେକ୍ଷଣରେ ରଖାଯିବ। ସଂକ୍ରମିତ ମୂଷାର ମଳ ଏବଂ ମୂତ୍ର ସଂସ୍ପର୍ଶରେ ଆସି ମଣିଷକୁ ବ୍ୟାପିଥାଏ ହନ୍ତା ଭାଇରସ୍ । ଏହି ଭାଇରସ୍ ମଣିଷକୁ ସଂକ୍ରମିତ କରେ ନାହିଁ, କିନ୍ତୁ ଏହାର ଅନେକ ପ୍ରକାର ଅଛି। ବୈଜ୍ଞାନିକମାନେ ବିଶେଷ ଭାବରେ ଭାଇରସର ଆଣ୍ଡିଜ୍ ଷ୍ଟ୍ରେନ ବିଷୟରେ ଚିନ୍ତିତ, କାରଣ ଏହି ଷ୍ଟ୍ରେନ ଜଣେ ବ୍ୟକ୍ତିରୁ ଅନ୍ୟ ବ୍ୟକ୍ତିକୁ ବ୍ୟାପିପାରେ। ଏହି କାରଣରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନେକ ଦେଶକୁ ସତର୍କ କରାଇଛି। ଭାରତରେ, ଆଇସିଏମଆର ମଧ୍ୟ ଭାଇରସ୍ ଉପରେ ନଜର ରଖିଛି।ଆଇସିଏମଆର ଏହାର ଭାଇରସ୍ ଗବେଷଣା ଏବଂ ଡାଇଗ୍ନୋଷ୍ଟିକ୍ ଲ୍ୟାବଗୁଡ଼ିକୁ ସକ୍ରିୟ କରିଛି। ସାରା ଦେଶରେ ପ୍ରାୟ ୧୬୫ଟି ଏପରି ଲ୍ୟାବ ଅଛି। ଏହି ଲ୍ୟାବରେ ହନ୍ତା ଭାଇରସ୍ ସଂକ୍ରମିତଙ୍କ ନମୁନା ପରୀକ୍ଷା କରାଯାଇପାରିବ। ଏହି ଲ୍ୟାବଗୁଡ଼ିକୁ ସକ୍ରିୟ କରାଯିବାର କାରଣ ହେଉଛି, ଯଦି ବିଦେଶରୁ ଆସୁଥିବା କୌଣସି ବ୍ୟକ୍ତିଙ୍କ ଠାରେ ଭାଇରସର ଲକ୍ଷଣ ଦେଖାଯାଏ, ତେବେ ସେମାନଙ୍କର ସାମ୍ପଲ ଏହି ଲ୍ୟାବରେ ସହଜରେ ପରୀକ୍ଷା କରାଯାଇପାରିବ। ଯଦି କୌଣସି ବ୍ୟକ୍ତିଙ୍କ ଠାରେ ହନ୍ତା ଭାଇରସ୍ ଥିବା ପ୍ରମାଣ ମିଳେ, ତେବେ ଆଗାମୀ ପରୀକ୍ଷଣ ଏବଂ ଚିକିତ୍ସା ପାଇଁ ସହଜ ହୋଇପାରିବ ।

## ଶୁଭେନ୍ଦୁ ଅଧିକାରୀଙ୍କ ସହଯୋଗୀଙ୍କୁ ହତ୍ୟା ମାମଲା: ୟୁପିରୁ ୩ ଗିରଫ

କୋଲକାତା,୧୧।୫: ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ସହଯୋଗୀ ଚନ୍ଦ୍ରନାଥ ରଥଙ୍କ ହତ୍ୟା ମାମଲାରେ ପୁଲିସକୁ ବଡ଼ ସଫଳତା ମିଳିଛି। ଉତ୍ତର ପ୍ରଦେଶରୁ ତିନି ଜଣଙ୍କୁ ଗିରଫ କରାଯାଇଛି ବୋଲି ସୋମବାର ଦିନ ପୁଲିସ ସୂଚନା ପ୍ରଦାନ କରିଛି। ୬ ମେ' ରାତିରେ ଉତ୍ତର ୨୪ ପରଗଣା ଜିଲ୍ଲାର ମଧ୍ୟମଗ୍ରାମରେ ଘଟିଥିବା ହତ୍ୟାକାଣ୍ଡର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତ ଦଳ(ଏସ୍‌ଆଇଟି) ଦ୍ୱାରା ଏହି ଗିରଫଦାରୀ କରାଯାଇଛି। ପୁଲିସର ସୂଚନା ଅନୁଯାୟୀ, ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ପାଇଁ ତଦନ୍ତକାରୀମାନେ ଡିଜିଟାଲ୍ ପ୍ରମାଣ ଏବଂ ଆନ୍ତଃରାଜ୍ୟ ଲିଙ୍କ୍ ଟ୍ରାକ୍ କରିଥିଲେ। ଗିରଫ ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି, ବିହାରର ବକ୍ସର ଜିଲ୍ଲାର ପାଣ୍ଡିଆପଚ୍ଛିର ବାସିନ୍ଦା ବିଶାଲ ଶ୍ରୀବାସ୍ତବ। ଏହା ସହିତ ଉତ୍ତର ପ୍ରଦେଶର ଅନ୍ୟ ଦୁଇଜଣ ବୋଲି ଚିହ୍ନଟ କରାଯାଇଛି। ତଦନ୍ତକାରୀମାନେ ସନ୍ଦେହ କରୁଛନ୍ତି ଯେ ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣେ ସାର୍ପସୁଟର। ତଦନ୍ତରୁ ଜଣାପଡ଼ିଛି, ଆକ୍ରମଣକାରୀମାନେ ପଶ୍ଚିମବଙ୍ଗ ବାହାରର ଥିଲେ। ବୈଷୟିକ ନିରୀକ୍ଷଣ, ଡିଜିଟାଲ୍ ଟ୍ରାକିଂ ଏବଂ ଅନ୍ୟାନ୍ୟ ସୂଚନା ଆଧାରରେ ଏସ୍‌ଆଇଟିର ସଦସ୍ୟମାନଙ୍କୁ ଉତ୍ତର ପ୍ରଦେଶ ଏବଂ ବିହାର ପଠାଯାଇଥିଲା। ହତ୍ୟା ଯୋଜନା ଏବଂ କାର୍ଯ୍ୟକାରୀ କରିବାରେ ଆଠ ଜଣ ଲୋକ ସାମିଲ ଥିଲେ। ତଦନ୍ତକାରୀମାନଙ୍କ ଅନୁସାରେ ଆକ୍ରମଣକାରୀମାନେ ଚନ୍ଦ୍ରନାଥଙ୍କୁ ଟାର୍ଗେଟ କରିବା ପୂର୍ବରୁ ଗୁପ୍ତଚରୀ କାର୍ଯ୍ୟ କରିଥିଲେ। ସୂଚନାଯୋଗ୍ୟ, ପଶ୍ଚିମବଙ୍ଗର ଉତ୍ତର ୨୪ ପରଗଣାରେ ବୁଧବାର ରାତିରେ ଶୁଭେନ୍ଦୁ ଅଧିକାରୀଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରନାଥ ରଥଙ୍କୁ ଅଜ୍ଞାତ ଆକ୍ରମଣକାରୀମାନେ ନିକଟରୁ ଗୁଳି କରି ହତ୍ୟା କରିଥିଲେ। ହତ୍ୟାରେ ଆକ୍ରମଣକାରୀମାନଙ୍କ ଦ୍ୱାରା ବ୍ୟବହୃତ ଦୁଇଟି ମୋଟରସାଇକେଲ ମଧ୍ୟରୁ ଗୋଟିଏ ପୁଲିସ ଜବତ କରିଛି।

## ରାପିଡୋକୁ ବେଆଇନ ଘୋଷଣା କଲେ ଜାମ୍ମୁ-କାଶ୍ମୀର ସରକାର

ନୂଆଦିଲ୍ଲୀ,୧୧।୫: ଜାମ୍ମୁ ଏବଂ କାଶ୍ମୀର ସରକାର ଆନୁଷ୍ଠାନିକ ଭାବରେ ଆପ୍-ଆଧାରିତ ଟ୍ୟାକ୍ସି ଏବଂ ବାଇକ୍ ସେବା ରାପିଡୋକୁ ଜାମ୍ମୁ କାଶ୍ମୀରରେ ବେଆଇନ ଘୋଷଣା କରିଛନ୍ତି। ଜାମ୍ମୁ କାଶ୍ମୀର ପରିବହନ କମିଶନର ବିଶେଷ ପାଲ ମହାଜନ କହିଛନ୍ତି ଯେ ବାଇକ୍ ଟ୍ୟାକ୍ସି ସେବା ରାପିଡୋ କେନ୍ଦ୍ରଶାସିତ ଅଞ୍ଚଳରେ ବେଆଇନ ଭାବରେ କାର୍ଯ୍ୟ କରୁଛି କାରଣ ଏହାର ଜାମ୍ମୁ କାଶ୍ମୀର ମୋଟର ଯାନବାହନ ଅଧିନିୟମ ନୀତି ଅନୁଯାୟୀ ବୈଧ ଲାଇସେନ୍ସ ନାହିଁ। ମହାଜନ କହିଛନ୍ତି ଯେ ସେବା ବିଷୟରେ ଅନେକ ଅଭିଯୋଗ ପାଇବା ପରେ, କର୍ତ୍ତୃପକ୍ଷଙ୍କୁ ପ୍ଲାଟଫର୍ମ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ବ୍ୟବହାରକାରୀ ଏବଂ ଆରୋହୀମାନଙ୍କୁ ନିଜ ରିସ୍କରେ ଏହାକୁ ବ୍ୟବହାର କରିବାକୁ ଚେତାବନୀ ଦିଆଯାଇଛି। ମହାଜନ ସ୍ପଷ୍ଟ କରିଛନ୍ତି ଯେ ଓଲା ଏବଂ ଉବର ଜାମ୍ମୁ କାଶ୍ମୀରରେ କାର୍ଯ୍ୟ କରିବାକୁ ଅନୁମତି ପାଇଛନ୍ତି କିନ୍ତୁ ଏପର୍ଯ୍ୟନ୍ତ ସେମାନଙ୍କର ସେବା ଆରମ୍ଭ କରିନାହାଁନ୍ତି। ଏହି କମ୍ପାନୀଗୁଡ଼ିକୁ ଜାମ୍ମୁ କାଶ୍ମୀର ମୋଟର ଯାନବାହନ ଅଧିନିୟମ ନୀତି ଅନୁଯାୟୀ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଇଛି, କିନ୍ତୁ ସେମାନେ ସେବା ଆରମ୍ଭ କରିବାରେ ବିଳମ୍ବ କରୁଛନ୍ତି; ଯଦି ସେମାନେ ଶୀଘ୍ର ସେମାନଙ୍କର ସେବା ପୁନଃ ଆରମ୍ଭ ନ କରନ୍ତି, ତେବେ ସେମାନଙ୍କର ଲାଇସେନ୍ସ ପ୍ରତ୍ୟାହାର କରାଯାଇପାରେ।

## ୧୩ ରୁ ୧୫ ମେ' ପର୍ଯ୍ୟନ୍ତ ଚୀନ୍ ଗସ୍ତରେ ଯିବେ ଟ୍ରମ୍ପ



ବେଜିଂ/ୱାସିଂଟନ,୧୧।୫: ଆମେରିକା ଏବଂ ଇରାନ ମଧ୍ୟରେ ଜାରି ରହିଥିବା ଉତ୍ତେଜନା ଏପର୍ଯ୍ୟନ୍ତ ଥମି ନାହିଁ। ଏହି ସମୟରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚୀନ୍ ଗସ୍ତର ତାରିଖ ପ୍ରକାଶ ପାଇଛି। ଚୀନ୍ ବୈଦେଶିକ ମନ୍ତ୍ରଣାଳୟ ଅନୁଯାୟୀ, ଟ୍ରମ୍ପ ୧୩ ମେ'ରୁ ୧୫ ତାରିଖ ପର୍ଯ୍ୟନ୍ତ ଚୀନରେ ରହିବେ ଏବଂ ବେଜିଂରେ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହ ସାକ୍ଷାତ କରିବେ। ଏବେ ପ୍ରଶ୍ନ ଉଠୁଛି ଯେ, ଟ୍ରମ୍ପ ଏବଂ ଜିନପିଙ୍ଗଙ୍କ ମଧ୍ୟରେ ଏହି ବୈଠକ ଇରାନ ସଙ୍କଟର ସମାଧାନ ପାଇଁ କୌଣସି ରାସ୍ତା ଖୋଲିବ କି। ଆମେରିକୀୟ ଅଧିକାରୀଙ୍କ ଅନୁଯାୟୀ, ଏହି ବୈଠକ ସମୟରେ ଟ୍ରମ୍ପ ଇରାନ ଏବଂ ରୁଷକୁ ସହାୟତା ବନ୍ଦ କରିବା ପାଇଁ ଚୀନ୍ ଉପରେ ଚାପ ପକାଇବେ। ଆମେରିକା ଅଭିଯୋଗ କରିଛି ଯେ, ଚୀନ୍ ଏପରି ସାମଗ୍ରୀ ଏବଂ ପ୍ରଯୁକ୍ତିବିଦ୍ୟା ଯୋଗାଇ ଦେଉଛି ଯାହା ସାମରିକ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଛି।

## ପେଟ୍ରୋଲ-ସୁନା ସଞ୍ଚୟ ଅପିଲକୁ ନେଇ ମୋଦିଙ୍କୁ ଘେରିଲେ ରାହୁଲ-ଅଖିଳେଶ

# 'ଏହା ଉପଦେଶ ନୁହେଁ, ବିଫଳତାର ପ୍ରମାଣ'



ନୂଆଦିଲ୍ଲୀ, ୧୧।୫: ଦେଶର ଅର୍ଥବ୍ୟବସ୍ଥା ଏବଂ ବିଦେଶୀ ମୁଦ୍ରା ଭଣ୍ଡାରକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିବା ଏକ ବୟାନ ଏବେ ଦେଶର ରାଜନୈତିକ ମାହୋଲକୁ ଗରମ କରିଦେଇଛି । ପେଟ୍ରୋଲ ବଞ୍ଚାଇବା, ସୁନା କିଣିବା ବନ୍ଦ କରିବା ଏବଂ ବିଦେଶ ଯାତ୍ରା ନକରିବା ପାଇଁ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ଯେଉଁ ଅପିଲ୍ କରିଛନ୍ତି, ତାହାକୁ ନେଇ ବିରୋଧୀ ଦଳ କଡ଼ା ସମାଲୋଚନା କରିଛନ୍ତି । କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏହାକୁ ସରକାରଙ୍କ 'ବିଫଳତା' ବୋଲି କହିଥିବା ବେଳେ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ବିଜେପିକୁ 'ଦେଶ ପାଇଁ ସବୁଠାରୁ ବଡ଼ ସଙ୍କଟ' ବୋଲି ବର୍ଣ୍ଣନା କରିଛନ୍ତି। ତେଲେଙ୍ଗାନାର ହାଇଦ୍ରାବାଦରେ ଏକ ସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ଯେ, ବିଶ୍ୱରେ ଚାଲିଥିବା ପଶ୍ଚିମ ଏସିଆ ସଙ୍କଟ ଯୋଗୁଁ ଯୋଗାଣ ଶୃଙ୍ଖଳା ପ୍ରଭାବିତ ହୋଇଛି ଏବଂ ପେଟ୍ରୋଲ-ଡିଜେଲଠାରୁ ଆରମ୍ଭ କରି ସାର ପର୍ଯ୍ୟନ୍ତ ସବୁକିଛି ମହଙ୍ଗା ହେବାରେ ଲାଗିଛି । ବିଦେଶୀ ମୁଦ୍ରା ବଞ୍ଚାଇବା ପାଇଁ କିଛି ପରାମର୍ଶ ଦେଇଥିଲେ । ପେଟ୍ରୋଲ ଓ ଡିଜେଲ ବଞ୍ଚାଇବା ପାଇଁ ମେଟ୍ରୋ ରେଳ, ଇଲେକ୍ଟ୍ରିକ ବାହନ ଏବଂ କାରପୁଲିଂର ବ୍ୟବହାର କରନ୍ତୁ । କରୋନା ସମୟ ଭଳି ପୁଣିଥରେ 'ୱାର୍କ ଫ୍ରମ୍ ହୋମ୍' ଏବଂ ଭର୍ଚୁଆଲ ମିଟିଂ ଉପରେ ଗୁରୁତ୍ୱ ଦିଅନ୍ତୁ । ଆସନ୍ତା ଏକ ବର୍ଷ ପାଇଁ ସୁନା କିଣିବା ଏବଂ ବିଦେଶ ଯାତ୍ରାକୁ ସ୍ଥଗିତ ରଖନ୍ତୁ । ତେବେ ରାହୁଲ ଗାନ୍ଧୀଙ୍କ ଆକ୍ରମଣ: 'ଏହା ଉପଦେଶ ନୁହେଁ, ବିଫଳତାର ସ୍ୱୀକାରୋକ୍ତି। ସେହିପରି ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ମଧ୍ୟ ବିଜେପି ଉପରେ ପ୍ରବଳ ବର୍ଷିଛନ୍ତି । ସେ କହିଛନ୍ତି ଯେ, ନିର୍ବାଚନ ଶେଷ ହେବା ମାତ୍ରେ ସରକାରଙ୍କୁ 'ସଙ୍କଟ' ମନେ ପଡ଼ିଲା ।

## ମମତାଙ୍କ 'ଲକ୍ଷ୍ମୀ ଭଣ୍ଡାର' ଯୋଜନା ବନ୍ଦ ହେବ ନାହିଁ: ଶୁଭେନ୍ଦୁ ଅଧିକାରୀ

କୋଲକାତା,୧୧।୫:ପଶ୍ଚିବଙ୍ଗର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ସୋମବାର ଅପରାହ୍ନରେ କହିଛନ୍ତି ଯେ, ତାଙ୍କ ଭାରତୀୟ ଜନତା ପାର୍ଟି(ବିଜେପି) ସରକାର ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ(ଟିଏମସି)ଦ୍ୱାରା ପରିଚାଳିତ ପୂର୍ବ ପ୍ରଶାସନ ଦ୍ୱାରା ଆରମ୍ଭ କରାଯାଇଥିବା 'ଲକ୍ଷ୍ମୀର ଭଣ୍ଡାର' ଭଳି କଲ୍ୟାଣକାରୀ କାର୍ଯ୍ୟକ୍ରମଗୁଡ଼ିକୁ ବନ୍ଦ କରିବ ନାହିଁ। ସମସ୍ତ କଲ୍ୟାଣକାରୀ ଯୋଜନା ଜାରି ରହିବ। ଏକ କ୍ୟାବିନେଟ ବୈଠକ ପରେ ମୁଖ୍ୟମନ୍ତ୍ରୀ ସାମ୍ବାଦିକମାନଙ୍କୁ ଏନେଇ ସୂଚନା ପ୍ରଦାନ କରିଛନ୍ତି। ଲକ୍ଷ୍ମୀର ଭଣ୍ଡାର ମମତା ବାନାର୍ଜୀଙ୍କ ସରକାରଙ୍କ ଏକ ପ୍ରମୁଖ କାର୍ଯ୍ୟକ୍ରମ ଥିଲା। ୨୦୨୧ ମସିହାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ସମାଜର ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗର ମହିଳାମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥାଏ। ଏହି ଯୋଜନା ଅନ୍ତର୍ଗତ, ଯୋଗ୍ୟ ହିତାଧିକାରୀ ଅନୁସୂଚିତ ଜାତି କିମ୍ବା ଜନଜାତିର ୨୫ ରୁ ୬୦ ବର୍ଷ ବୟସର ମହିଳାମାନେ ପ୍ରତି ମାସରେ ୧,୨୦୦ ଟଙ୍କା ପର୍ଯ୍ୟନ୍ତ ଭତ୍ତା ପାଆନ୍ତି, ଯେତେବେଳେ ଅନ୍ୟ ବର୍ଗର ମହିଳାମାନେ ମାସିକ ୧,୦୦୦ ଟଙ୍କା ପାଇଥାନ୍ତି। ଏହି ଯୋଜନାକୁ ମମତାଙ୍କ ରାଜନୈତିକ ଏବଂ ନିର୍ବାଚନୀ ରଣନୀତିର ଏକ ମୂଳଦୁଆ ଭାବରେ ଦେଖାଯାଉଥିଲା।

## ନୂଆ ପିଟିସନ ରୁଜୁ ପାଇଁ ସୁପ୍ରିମକୋର୍ଟଙ୍କ ସହମତି

ନୂଆଦିଲ୍ଲୀ,୧୧।୫ : ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଫଳାଫଳକୁ ନେଇ ଏବେ ଆଇନଗତ ବିବାଦ ତୀବ୍ର ରୂପ ନେଇଛି। ଅଖିଳ ଭାରତୀୟ ତୃଣ ମୂଳ କଂଗ୍ରେସ (ଏଆଇଟିଏମସି) ସୋମବାର ସୁପ୍ରିମକୋର୍ଟରେ ଦାବି କରିଛି ଯେ ଭୋଟରଲିଷ୍ଟ ସଘନ ପୁନରୀକ୍ଷଣ (ଏସଆଇଆର)ରେ ନାମ ହଟିବା ପଶ୍ଚିମବଙ୍ଗର କିଛି ବିଧାନସଭା ନିର୍ବାଚନମଣ୍ଡଳିର ଫଳାଫଳକୁ ଅନେକାଂଶରେ ପ୍ରଭାବିତ କରିଛି। ଏଆଇଟିସି ସାଂସଦ ତଥା ବରିଷ୍ଠ ଓକିଲ କଲ୍ୟାଣ ବନ୍ଦୋପଧ୍ୟାୟ ଭାରତର ପ୍ରଧାନ ନ୍ୟାୟାଧୀଶ (ସିଜେଆଇ) ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲ୍ୟା ବାଗଚୀଙ୍କ ପୀଠରେ ଉଲ୍ଲେଖ କରିଛନ୍ତି ଯେ ୩୧ ବିଧାନସଭା ନିର୍ବାଚନମଣ୍ଡଳିରେ ଏଆଇଟିସି ଉପରେ ବିଜେପିର ବିଜୟ ଅନ୍ତର ଭୋଟର ସୂଚୀ ସଂଶୋଧନରେ ହଟିଥିବା ଭୋଟରଙ୍କ ସଂଖ୍ୟା ଠାରୁ କମ୍ ଥିଲା। ତେବେ ନିର୍ବାଚନ ଆୟୋଗ କୋର୍ଟରେ ଏହି ତର୍କକୁ ବିରୋଧ କରିଛନ୍ତି କହିଛନ୍ତି ଏଥି ପାଇଁ ଉଚିତ ଉପାୟ ନିର୍ବାଚନ ପିଟିସନ ଅଟେ ଓ ସମ୍ପର୍କିତ ଚିନ୍ତା, ଯେଉଁଥିରେ ଭୋଟର ଯୋଡିବା ଓ ହଟାଇବା ଅପିଲ ସାମିଲ ଅଛି। ଏପରି ମାମଲାର ସମାଧାନ ନିର୍ବାଚନ ଆୟୋଗଙ୍କ ମାଧ୍ୟମରେ କରାଯାଇ ପାରିବ।୨୦୨୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଭୋଟର ସୂଚୀର ଏସଆଇଆର ସବୁଠୁ ଅଧିକ ଚର୍ଚ୍ଚିତ ପ୍ରସଙ୍ଗ ମଧ୍ୟରେ ଏବେ ଏକ ପାଲଟିଛି, ଯାହା ଭୋଟଗ୍ରହଣ ପୂର୍ବରୁ ଭୋଟର ଆଧାରକୁ ଅନେକାଂଶରେ ବଦଳେଇ ଦେଇଥିଲା।

## ଷ୍ଟାଲିନଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ ବିଜୟ



ନୂଆଦିଲ୍ଲୀ,୧୧।୫: ତାମିଲନାଡୁରେ ନୂଆ ସରକାର ଗଠନ ହେବା ପରେ ମୁଖ୍ୟମନ୍ତ୍ରୀ ବିଜୟ ଆଜି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଡିଏମକେ ମୁଖ୍ୟ ଏମକେ ଷ୍ଟାଲିନଙ୍କୁ ଭେଟିଛନ୍ତି । ଅଲବରପେଟ ସ୍ଥିତ ଷ୍ଟାଲିନଙ୍କ ବାସଭବନରେ ପହଞ୍ଚି ତାଙ୍କ ସହ ଆଲୋଚନା କରିଛନ୍ତି ରାଜ୍ୟର ନୂଆ ମୁଖ୍ୟମନ୍ତ୍ରୀ । ତାମିଲନାଡୁ ବିଧାନସଭା ନିର୍ବାଚନ ପରେ ଦୁଇ ନେତାଙ୍କ ମଧ୍ୟରେ ଏହି ବୈଠକ ହୋଇଛି । ବିଧାନସଭା ନିର୍ବାଚନରେ ଟିଭିକେ ପ୍ରଥମ ଥର ନିର୍ବାଚନ ଲଢି ୧୦୮ ଆସନରେ ବିଜୟୀ ହୋଇଥିଲା । ବିଜୟ ରବିବାର ତାମିଲନାଡୁର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ । ସୂଚନା ଅନୁସାରେ ଏହା ଏକ ସୌଜନ୍ୟ ମୂଳକ ସାକ୍ଷାତ ଥିଲା । ବିଜୟ ନିଜ କାର୍ଯ୍ୟକାଳର ପ୍ରଥମ ଦିନରେ ସର୍ବପ୍ରଥମେ ଷ୍ଟାଲିନଙ୍କ ଘରକୁ ଯାଇଥିଲେ । ଏହି ସାକ୍ଷାତ ଏପରି ସମୟରେ ହୋଇଛି, ଯେତେବେଳେ ନିକଟରେ ଶେଷ ହୋଇଥିବା ନିର୍ବାଚନରେ ଡିଏମକକୁ ଅପ୍ରତ୍ୟାଶିତ ଭାବେ କ୍ଷମତାରୁ ହଟାଇ ଟିଭିକେ ସରକାର ଗଠନ କରିଛି ।

## ଜେଲରୁ ମୁକ୍ତ ହେଲେ ଥାଇଲ୍ୟାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ଥାକସିନ ସିନାୱାତ୍ରା

ବ୍ୟାଂକକ,୧୧।୫: ଥାଇଲ୍ୟାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ଥାକସିନ ସିନାୱାତ୍ରାଙ୍କୁ ସୋମବାର ଜେଲ୍‌ରୁ ମୁକ୍ତ କରିଦିଆଯାଇଛି। ତାଙ୍କୁ ପ୍ୟାରୋଲରେ ଏକ ବର୍ଷ ଦଣ୍ଡର ଶେଷ ୪ ମାସ ଘରେ ପୁରା କରିବାକୁ ଅନୁମତି ଦିଆଯାଇଛି। କୋର୍ଟଙ୍କ ଏହି ନିଷ୍ପତ୍ତି ପରେ ଥାକସିନଙ୍କୁ ୮ ମାସ ଜେଲ୍‌ରେ ବିତାଇବାକୁ ପଡିଛି। ତେବେ ସେ ଜେଲ ଦଣ୍ଡରୁ ବର୍ତ୍ତିବା ପାଇଁ ହସ୍ପିଟାଲରେ ରହିବାର ବାହାନା କରିଥିଲେ। ବ୍ୟାଂକକ୍ କ୍ଲୋଙ୍ଗ ପ୍ରେମ ସେଣ୍ଟ୍ରାଲ ଜେଲ ବାହାରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ଥାକସିନ୍ ଧଳା ପୋଲୋ ଟି-ସାର୍ଟ ଓ ନିଳ ପ୍ୟାଣ୍ଟରେ ଜେଲରୁ ବାହାରକୁ ବାହାରିଛନ୍ତି। ଜେଲ ବାହାରେ ତାଙ୍କ ପରିବାର ଲୋକେ ଓ ରାଜନୈତିକ ସହଯୋଗୀ ତାଙ୍କୁ ସ୍ୱାଗତ କରିଥିବା ବେଳେ ସେ ଗଣମାଧ୍ୟମକୁ ଟାଳି ଯାଇଛନ୍ତି। ଥାକସିନ ସିନାୱାତ୍ରା ଦୂରସଞ୍ଚାର ବ୍ୟବସାୟ ସହ ଜଡିତ। ସେ ୧୯୯୮ ମସିହାରେ ନିଜର ରାଜନୈତିକ ଦଳ ଗଠନ କରିଥିଲେ ଓ ୨୦୦୧ ମସିହାରେ ଥାଇଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ ହୋଇଥିଲେ। ତେବେ ୨୦୦୬ ମସିହାରେ ସେନା ଶାସନକୁ ହାତକୁ ନେଇ ତାଙ୍କ ସରକାର ଭାଙ୍ଗି ଦେଇଥିଲା। ତେବେ ସେନା କାର୍ଯ୍ୟାନୁଷ୍ଠାନ କାଳରେ ଥାକସିନ ବିଦେଶ ଗସ୍ତରେ ଥିଲେ। ଏହା ପରେ ଥାଇ ରାଜନୀତି ପାଖାପାଖି ୨ ଦଶନ୍ଧି ଧରି ସଂକଟ ମଧ୍ୟରେ ଗତି କରିଥିଲା।

## ଦେଶର ପ୍ରଥମ କାର୍ବନ କ୍ୟାପଚର ଲ୍ୟାବ୍‌ର ଶୁଭାରମ୍ଭ

# ସ୍ୱଚ୍ଛ ଉର୍ଜା ଇନୋଭେସନ କ୍ଷେତ୍ରରେ ବଡ଼ ପଦକ୍ଷେପ: ଧର୍ମେନ୍ଦ୍ର ପ୍ରଧାନ



ମୁମ୍ବାଇ,୧୧।୫(ପିଆଇବି): ଭାରତର ପ୍ରଥମ 'ଇଣ୍ଟିଗ୍ରେଟେଡ୍ କାର୍ବନ କ୍ୟାପଚର, ୟୁଟିଲାଇଜେସନ୍ ଏଣ୍ଡ୍ ଷ୍ଟୋରେଜ୍ (ସିସିୟୁଏସ)' ଫିଲ୍ଡ ଲାବୋରେଟୋରୀର ଶୁଭାରମ୍ଭ ବର୍ତ୍ତମାନ ସମୟରେ ପୂର୍ଣ୍ଣ ରୂପେ ସ୍ୱାଗତଯୋଗ୍ୟ । ଏହା ଭାରତର ସ୍ୱଚ୍ଛ ଉର୍ଜା ଇନୋଭେସନ କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ଆଜି ଆଇଆଇଟି ବମ୍ବେ ଠାରେ ଏହି ଲ୍ୟାବର ଶୁଭାରମ୍ଭ କରିବା ସହ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ପଞ୍ଚାମୃତ' ପ୍ରତିଶ୍ରୁତି ଏବଂ ୨୦୭୦ ସୁଦ୍ଧା 'ନେଟ୍ ଜିରୋ' ଲକ୍ଷ୍ୟ ହାସଲ କରିବାରେ ଏହି ପ୍ରଯୁକ୍ତିବିଦ୍ୟା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଜାତୀୟ ଶିକ୍ଷା ନୀତି ଅନୁଯାୟୀ ଶିକ୍ଷାନୁଷ୍ଠାନଗୁଡ଼ିକ କେବଳ ଜ୍ଞାନ ଆହରଣ ନୁହେଁ, ବରଂ ନବସୃଜନ ଓ ଗବେଷଣା ମାଧ୍ୟମରେ ଦେଶର ସାମର୍ଥ୍ୟ ବୃଦ୍ଧି କରୁଛନ୍ତି । ୨୦୪୭ ସୁଦ୍ଧା 'ବିକଶିତ ଭାରତ' ଗଠନ ପାଇଁ ଶିକ୍ଷାବିତ୍, ଶିଳ୍ପ ଜଗତ ଏବଂ ନୀତି ନିର୍ଦ୍ଧାରକଙ୍କ ମଧ୍ୟରେ ସମନ୍ୱୟ ଜରୁରୀ। ଆଇଆଇଟି ବମ୍ବେର ଦ୍ୱାରା ପ୍ରୋତ୍ସାହିତ ଷ୍ଟାର୍ଟଅପ୍ 'ଉର୍ଜାନୋଭାକ'କୁ ଅଭିନନ୍ଦନ ଜଣାଇବା ସହ ଶ୍ରୀ ପ୍ରଧାନ ଏହାକୁ ଭାରତର ବୈଜ୍ଞାନିକ ସାମର୍ଥ୍ୟର ପ୍ରତିଫଳନ ବୋଲି ଅଭିହିତ କରିଛନ୍ତି । ଏହାପରେ କେନ୍ଦ୍ରମନ୍ତ୍ରୀ ଟାଟା ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ (ଟିସ) ର ୯୦ତମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ 'ଗ୍ଲୋବାଲ କଲୋକ୍ୱିଅମ୍-୨୦୨୬'କୁ ସମ୍ବୋଧିତ କରିଥିଲେ । ସେ କହିଥିଲେ, ସାମାଜିକ ବିଜ୍ଞାନ କେବଳ ଏକ ପାଠ୍ୟକ୍ରମ ନୁହେଁ, ବରଂ ସମାଜର ପ୍ରଗତି ଓ ସମାନତା ପାଇଁ ଏକ ଦସ୍ତାବିଜ । ସେ କହିଥିଲେ ଯେ, ଭାରତର ବହୁସଂଖ୍ୟକ ଯୁବଶକ୍ତିଙ୍କ ପାଇଁ ବୁଝିଲା ଭଳି ତଥା ଆନ୍ତର୍ଜାତୀୟ ସ୍ତରର ଶିକ୍ଷା ବ୍ୟବସ୍ଥାର ଆବଶ୍ୟକତା ରହିଛି ।

### ସୌମ୍ୟ ହତ୍ୟା ମାମଲାରେ କ୍ରାଇମବ୍ରାଞ୍ଚ୍ ଡିଜିଙ୍କ ପ୍ରତିକ୍ରିୟା

# ଭିଡ଼ ହିଂସାର ତଥ୍ୟ ମିଳିନି, ପ୍ରମାଣ ମିଳିଲେ ଦଫା ଲାଗିବ



ଭୁବନେଶ୍ୱର(ନିପ୍ର): କ୍ରାଇମବ୍ରାଞ୍ଚ ବାଲିଅନ୍ତା ବର୍ବରତାର ତଦନ୍ତ ଜାରି ରଖିଛି। ଦ୍ୱିତୀୟ ଦିନରେ ଟିମ୍ ଘଟଣାସ୍ଥଳକୁ ଯାଇ ପ୍ରତ୍ୟକ୍ଷଦର୍ଶୀ ଓ ମୃତ ସୌମ୍ୟଙ୍କ ପରିବାର ଲୋକଙ୍କ ବୟାନ ରେକର୍ଡ କରିବ। ଏହା ପୂର୍ବରୁ ବାଲିଅନ୍ତା ଥାନା ପୁଲିସଠାରୁ ତଦନ୍ତକାରୀ ଅଧିକାରୀ 'ଭିଡ଼ ହତ୍ୟା'ର ଟିକିନିଖି ତଥ୍ୟ ସଂଗ୍ରହ କରିଛନ୍ତି । ସେପଟେ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ପ୍ରତିକ୍ରିୟା ରଖି କହିଛନ୍ତି, ଘଟଣାରେ ଦୁଇ ମାମଲା ରୁଜୁ କରାଯାଇଛି । କିଛି ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଛି । ବାକି କିଛି ପ୍ରତ୍ୟକ୍ଷଦର୍ଶୀ ଓ ସୌମ୍ୟଙ୍କ ପରିବାର ଲୋକଙ୍କ ବୟାନ ରେକର୍ଡ କରିବ କ୍ରାଇମବ୍ରାଞ୍ଚ । ସେହିପରି ସୌମ୍ୟଙ୍କ ପୋଷ୍ଟମର୍ଟମ ରିପୋର୍ଟ ଓ ଫରେନସିକ୍ ରିପୋର୍ଟର ତର୍ଜମା ଚାଲିଛି। ସୋସିଆଲ ମିଡିଆ ତଥ୍ୟକୁ ମଧ ତର୍ଜମା କରାଯାଉଛି ବୋଲି କହିଛନ୍ତି କ୍ରାଇମବ୍ରାଞ୍ଚ୍ ଡିଜି ବିନୟ ତୋଷ ମିଶ୍ର । ଏହାଛଡ଼ା ତଦନ୍ତର ସବୁ ଦିଗକୁ ପୁଙ୍ଖାନୁପୁଙ୍ଖ ଭାବେ ତର୍ଜମା କରାଯାଉଛି। ବାଲିଅନ୍ତା ବର୍ବରତା ସମୟରେ ସେଠାରେ ଉପସ୍ଥିତ ଥିବା ସମସ୍ତ ଲୋକଙ୍କୁ ଅପରାଧି ଭାବିବା ଠିକ୍ ନୁହେଁ। ଘଟଣାକୁ ମଧ ଭିଡ଼ ହିଂସା କହିହେବ ନାହିଁ। ସୌମ୍ୟ ହତ୍ୟା ମାମଲା ସେଭଳି କିଛି ତଥ୍ୟ ମିଳିନାହିଁ । ଯଦି ତଦନ୍ତ ବେଳେ ସେଭଳି ପ୍ରମାଣ ମିଳେ, ତେବେ ଅଭିଯୁକ୍ତଙ୍କ ଉପରେ ଭିଡ଼ ହିଂସା ଭଳି ଦଫା ଲାଗିବ ବୋଲି କ୍ରାଇମବ୍ରାଞ୍ଚ ଡିଜି କହିଛନ୍ତି। ସୂଚନାଯୋଗ୍ୟ, ଗତ ୭ ତାରିଖ (ଗୁରୁବାର) ବାଲିଅନ୍ତା ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର କାଜ ନିକଟରେ ସଡକ ଦୁର୍ଘଟଣାକୁ ନେଇ ଦୁଇ ଯୁବତୀଙ୍କ ସହ ଯୁବକଙ୍କ ପାଟିତୁଣ୍ଡ ଓ ପରେ ଅସଦାଚରଣ ଅଭିଯୋଗ ହୋଇଥିଲା। ଏହାକୁ ନେଇ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଜିଆରପି କନଷ୍ଟେବଳ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ । ପୋଲିସ ଆଖି ଆଗରେ ଉତ୍ତ୍ୟକ୍ତ ଲୋକେ ତାଙ୍କୁ ପିଟି ଚାଲିଥିଲେ। ଶେଷରେ ତାଙ୍କର ଜୀବନ ଚାଲିଯାଇଥିଲା। ଏହି ଭିଡ ହତ୍ୟା ସାରା ଓଡିଶାରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ଏବେ ସୁଦ୍ଧା ପୁଲିସ ଏହି ମାମଲାରେ ୧୧ ଜଣଙ୍କୁ ଗିରଫ କରିସାରିଛି। ବାକି ଅଭିଯୁକ୍ତଙ୍କୁ ଖୋଜାଚାଲିଛି। ମୃତ କନଷ୍ଟେବଳ ସୌମ୍ୟଙ୍କ ପରିବାର କମିଶନରେଟ ପୁଲିସର ତଦନ୍ତକୁ ନେଇ ସନ୍ତୁଷ୍ଟ ନଥିଲେ। ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସେମାନେ ଦାବି କରିଥିଲେ। ଶନିବାର ମୁଖ୍ୟମନ୍ତ୍ରୀ ଏହି ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ କ୍ରାଇମ୍ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ସ୍ୱତନ୍ତ୍ର ଟିମ ଗଠନ କରି ତଦନ୍ତ କରିବାକୁ ଏସପିଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### କୋଇଲା ଟ୍ରକ୍ ଧକ୍କାର ୩ ମୃତ୍ୟୁ ମାମଲା

## ଫେରାର ଟ୍ରକ୍ ଡ୍ରାଇଭର ବନ୍ଧାହେଲା

ଭୁବନେଶ୍ୱର(ନିପ୍ର): ଖଣ୍ଡଗିରି ଥାନା ଅନ୍ତର୍ଗତ ୟାରଷ୍ଟେସନ ଓଭରବ୍ରିଜ ଉପରେ ଶୁକ୍ରବାର ମର୍ମନ୍ତୁଦ ଟ୍ରକ୍ ଦୁର୍ଘଟଣାରେ ୩ ଜଣଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ଦୁର୍ଘଟଣା ଘଟାଇଥିବା ଟ୍ରକ ଡ୍ରାଇଭର ଜଣଙ୍କ ଘଟଣା ପରେ ଫେରାର ହୋଇଯାଇଥିଲା। ଖଣ୍ଡଗିରି ପୋଲିସ ମାମଲାର ଗୁରୁତର ସହ ନେବା ସହ ଫେରାର ଥିବା ଟ୍ରକ୍ କୋଇଲା ବୋଝେଇ ଟ୍ରକ୍ ଡ୍ରାଇଭରଙ୍କୁ ସୋମବାର ଗିର କରିଛି। ଗିରଫ ଟ୍ରକ୍ ଡ୍ରାଇଭର ଜଣଙ୍କ ହେଉଛି ସମ୍ପତି ସାହୁ (୪୦) ଓ ତାଙ୍କ ଘର ଅନୁଗୋଳ ଜିଲା ପାଳହଡ଼ାରେ ବୋଲି ଜଣାପଡ଼ିଛି। ପୋଲିସ ଟ୍ରକ୍ ଡ୍ରାଇଭରଙ୍କ ଲାଇସେନ୍ସକୁ ଜବତ କରିଛି। ଏହି ଦୁର୍ଘଟଣାରେ ବର୍ଷାରାଣୀ ବେହେରା,ସିଦ୍ଧାର୍ଥ ରଥ ଓ ଶାଶ୍ୱତ ସୁନ୍ଦରାୟଙ୍କର ମୃତ୍ୟୁ ହୋଇଥିଲା। ଏନେଇ ଶାଶ୍ୱତଙ୍କ ସମ୍ପର୍କୀୟ ବିଣା ସୁନ୍ଦରାୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ସ୍ତ୍ରୀକୁ ଆକ୍ରମଣ: ସ୍ୱାମୀ ଗିରଫ

ବୁଗୁଡ଼ା(ନିପ୍ର): ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ସୋରଡ ଗ୍ରାମରେ ସ୍ତ୍ରୀ ସୈରିନ୍ଦ୍ରୀ ବେହେରା (୫୩)ଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ସ୍ୱାମୀ ମୁରଲି ବେହେରା(୬୩) ଗିରଫ ସହ କୋର୍ଟ ଚାଲାଣ ହୋଇଥିବା ଜଣାଯାଇଛି । ଏ ନେଇ ପୋଲିସ କେସ୍ ନଂ ୨୨୯/୨୬ରେ ଏକ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ସୀତାଂଶୁ ଶେଖର ମାନ୍ଧାତାଙ୍କ ଠାରୁ ପ୍ରକାଶ। ପ୍ରକାଶ ଯେ, ମୁରଲୀ ମଦ ପିଇବା ପାଇଁ ତାଙ୍କ ସ୍ତ୍ରୀ ସୈରିନ୍ଦ୍ରୀଙ୍କୁ ଟଙ୍କା ମାଗିଥିଲେ । ସୈରିନ୍ଦ୍ରୀ ମଦ ପାଇଁ ଟଙ୍କା ଦେବାକୁ ମନା କରିଦେଇଥିଲେ । ଏଥିରେ ମୁରଲୀ ରାଗିଯାଇ ଘରେ ଥିବା ଏକ ଲୁହରଡରେ ସୈରିନ୍ଦ୍ରୀଙ୍କୁ ଆକ୍ରମଣ କରିଥିଲେ । ଏହାକୁ ଅଟକାଇବାକୁ ଯାଇ ସୈରିନ୍ଦ୍ରୀଙ୍କ ବାମ ହାତ କ୍ଷତାକ୍ତ ହୋଇ ପ୍ରବଳ ରକ୍ତସ୍ରାବ ହୋଇଥିଲା । ସେ ଚିତ୍କାର କରି ତଳେ ପଡି ଅଚେତ ହୋଇଯାଇଥିଲେ । ତଥାପି ମୁରଲୀର ରାଗ ଶାନ୍ତ ହୋଇନଥିଲା । ସେ ସୈରିନ୍ଦ୍ରୀଙ୍କ ଛାତି ଉପରେ ବସି ତଣ୍ଟି ଚିପି ମାରିଦେବାକୁ ଉଦ୍ୟମ କରୁଥିବା ବେଳେ ଗାଁ ଲୋକେ ଘରେ ପଶି ତାଙ୍କୁ ସେଠାରୁ ଉଦ୍ଧାର କରିଥିଲେ। ସ୍ୱାମୀଙ୍କ ପରକୀୟା ପ୍ରୀତି ସହିତ ଏଭଳି ହତ୍ୟା ଉଦ୍ୟମକୁ ନେଇ ସ୍ତ୍ରୀଙ୍କ ଅଭିଯୋଗ ପରେ ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡି ଘଟଣାର ତଦନ୍ତ କରି ଅଭିଯୁକ୍ତ ସ୍ୱାମୀକୁ ଗିରଫ ସହ କୋର୍ଟ ଚାଲାଣ କରିଥିବା ଜଣାଯାଇଛି।

## ବିବାଦରେ କୋଟି କୋଟି ଟଙ୍କାର ନିର୍ମାଣାଧୀନ ଉଚ୍ଚ ପାଣିଟାଙ୍କି !

ପିପିଲି(ନିପ୍ର): ପୂର୍ବ ସରକାର ଜନସାଧାରଣମାନଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବା କ୍ଷେତ୍ରରେ ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ 'ବସୁଧା' ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ ବରାଦ କରି ଭୂତଳ ପାଣି ଉଠାଣ, ନଦୀମାନଙ୍କରୁ ଯନ୍ତ୍ରାସ ଦ୍ୱାରା ପାଣି ଯୋଗାଇ ଦେଇ ଆସୁଥିଲା। ଏ ବାବଦରେ କୋଟି କୋଟି ଟଙ୍କା ବ୍ୟୟବରାଦ କରାଯାଇ ପ୍ରତ୍ୟେକ ଗ୍ରାମ ପଞ୍ଚାୟତମାନଙ୍କରେ ୨/୩ ଗୋଟି ପାଣି ଟାଙ୍କି ନିର୍ମାଣ ନିମନ୍ତେ ଠିକାଦାର ଓ ଅଧିକାରୀ ନିଯୁକ୍ତି କରିଥିଲେ। ହେଲେ ଏହି ଦାୟିତ୍ୱରେ ଥିବା ବିଭାଗ କୋଟି କୋଟି ଟଙ୍କା ହଡ଼ପ କରିବା ନେଇ ନିମ୍ନ ମାନର କାର୍ଯ୍ୟ କରିଥିବା ଅଭିଯୋଗ ହେଉଛି। ଏମିତିକି ଅନେକ ସ୍ଥାନରେ କୋଉଠି ଭୁଶୁଡି ପଡିବା ଆଶଙ୍କା ଦେଖାଦେଲାଣି ତ ଅନ୍ୟ କେଉଁଠି



ନିର୍ମାଣଠାରୁ ପରିତ୍ୟକ୍ତ ଅବସ୍ଥାରେ ଅଟକି ରହିଛି । ଏଭଳି ସମ୍ବେଦନଶୀଳ ସମସ୍ୟା ଦେଖିବାକୁ ମିଳିଛି ପୁରୀ ଜିଲ୍ଲା ପିପିଲି ବ୍ଲକରେ । ପିପିଲି ବ୍ଲକ ଜସୁଆପୁର ପଞ୍ଚାୟତ ଡୁମୁକିପୁରଠାରେ ପ୍ରାୟ ଦେଢ଼କୋଟି ବ୍ୟୟବରାଦ ହୋଇଛି। ପାଇପ ଗ୍ରାମାଞ୍ଚଳର ପ୍ରତ୍ୟେକ ସାହିକୁ ସଂଯୋଗ କରାଯାଇଛି । ଏହି ଉଚ୍ଚ ପାଣି ଟାଙ୍କି ନିର୍ମାଣ ସମୟରେ ଜଣେ ବ୍ୟକ୍ତିଙ୍କ ଜବରଦଖଲ ମଧ୍ୟରେ ଥିବାବେଳେ ସେହି ଗ୍ରାମର କିଛି ବ୍ୟକ୍ତି ଜବରଦଖଲ ଛାଡିବାକୁ ବିରୋଧ କରି ଗଣ୍ଡଗୋଳ ଘଟିଥିଲା। ସେହି ଗଣ୍ଡଗୋଳରେ ଉଭୟ ପକ୍ଷରୁ ମାମଲା ଆଗତ ହୋଇଛି। ହେଲେ ଏସବୁ ସମସ୍ୟା ଦେଖି ପିପିଲି ଆରଡବ୍ଲୁଏସଏସ ସହକାରୀ ଯନ୍ତ୍ରୀ ଭୟଭୀତ ହୋଇ ଉଚ୍ଚ ପାଣିଟାଙ୍କି କାର୍ଯ୍ୟକ୍ଷମ ନକରିବାରୁ ଏବେ ଅଞ୍ଚଳବାସୀ । ଗୋରୁଗାଈ ପାଣି ଟୋପିଏ ପାଇଁ ତହଳ ବିକଳ ହେଉଛନ୍ତି । ସେପଟେ ଜଳସ୍ତର ହ୍ରାସ ପାଉଥିବାରୁ ଘରୋଇ ବ୍ୟବହାର ଟ୍ୟୁବୱେଲ ଅଚଳ ହୋଇଛି ।

## ରେଳ ଷ୍ଟେସନ ପରିସରରୁ ଗଞ୍ଜେଇ ଜବତ

ଜଟଣୀ(ନିପ୍ର): ଖୋର୍ଦ୍ଧାରୋଡ଼ ରେଳ ଷ୍ଟେସନ ପରିସରରୁ ଚାରୋଟି ଆଟାଚରେ ଚାଲାଣ ହେଉଥିବା ଚୋରା ଗଞ୍ଜେଇ ଚାଲାଣକୁ ପଣ୍ଡ କରିଛି ରେଳ ସୁରକ୍ଷା ବଳ । ଆରପିଏଫ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଗତକାଲି ରାତିରେ ଏକ ନମ୍ବର ପ୍ଲାଟଫର୍ମ ଦିଗର ବଜାର ପଟ ଗେଟ ନିକଟରେ ଚାରୋଟି ଟ୍ରଲି ବ୍ୟାଗ ଥୁଆ ହୋଇଥିବା ବେଳେ ସନ୍ଦିଗ୍ଧ ଅବସ୍ଥାରେ ଜଣେ ଯୁବକ ସେଠାରେ ଛିଡା ହୋଇଥିଲେ । ସନ୍ଦେହରେ ଡ୍ୟୁଟିରେ ଥିବା ଆରପିଏଫ ଅଧିକାରୀ ଯୁବକଙ୍କୁ ପଚରାଉଚୁରା କରି ବ୍ୟାଗ ଖୋଲିବାକୁ କହିଥିଲେ। ତେବେ ଚାବି ମୋ ପାଖରେ ନାହିଁ ସାଙ୍ଗ ପାଖରେ ଅଛି ଚାବି ଆଣୁଛି କହି ସନ୍ଦିଗ୍ଧ ଯୁବକ ଜଣଙ୍କ ସେଠାରୁ ଚମ୍ପଟ ମାରିଥିଲେ । ଟ୍ରଲି ବ୍ୟାଗ ଚାରୋଟିକୁ ଜିଆରପି ଥାନାକୁ ଅଣାଯାଇ ଖୋଲାଯିବା ପରେ ତନ୍ମଧ୍ୟରେ ପ୍ୟାକେଟ ମଧରେ ଗଞ୍ଜେଇ ରହିଥିବା ଦେଖିବାକୁ ମିଳିଥିଲା । ଜବତ ଗଞ୍ଜେଇ ୪୬ କେଜି ହୋଇଥିବା ବେଳେ ଏ ନେଇ ଜିଆରପି ଥାନାରେ ୪୪/୨୬ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ଅଧିକାରୀ ଏମ ଶଙ୍କର ରାଓ କହିଛନ୍ତି ।

## ନକଲି ପୋଲିସକୁ ବାନ୍ଧିଲା ଅସଲି ପୋଲିସ

ଭୁବନେଶ୍ୱର(ନିପ୍ର): ନିଜ ଗାଡ଼ିରେ ସମ୍ମୁଖରେ ପୋଲିସ ଲେଖିବା ସହ ପାଖରେ ପୋଲିସ ବିଭାଗର ନକଲି ପରଚିୟ ପତ୍ର ରଖି ସାଧାରଣ ଲୋକଙ୍କୁ ଧମକ ଚମକ ଦେଇ ଟଙ୍କା ଆଦାୟ କରୁଥିବା ଜଣେ ଠକକୁ ବାନ୍ଧିଛି ଚନ୍ଦ୍ରଶେଖରପୁର ଥାନା ପୋଲିସ। ଗିରଫ ଠକର ନାମ ଆଦିତ୍ୟ ସେଠୀ (୨୫) ଓ ତାଙ୍କ ଘର ସ୍ଥାନୀୟ ଥାନା ଅନ୍ତର୍ଗତ କାନନ ବିହାରର ଫେଜ୍ ୧ରେ ବୋଲି ଜଣାପଡ଼ିଛି। ଏନେଇ ଚନ୍ଦ୍ରଶେଖରପୁର ଥାନାର ଏସ୍‌ଆଇ ମନୋଜ କୁମାର ସେନାପତିଙ୍କ ଅଭିଯୋଗକ୍ରମେ ଏକ ମାମଲା ରୁଜୁ କରାଯିବା ସହ ଠକ ଆଦିତ୍ୟଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଗିରଫ ଠକ ଆଦିତ୍ୟ ପାଖରୁ ପୋଲିସ ନାମ ଲେଖାଥିବା ଏକ କାର,ନକଲି କାଗଜପତ୍ରକୁ ଜବତ କରାଯାଇଛି।"ସୂଚନାଥାଉ କି, ୧୦ ତାରିଖ ବିଳମ୍ବିତ ରାତିରେ ଚନ୍ଦ୍ରଶେଖରପୁର ଥାନାର ପିସିଆର ଭ୍ୟାନ ପାଟ୍ରୋଲିଂ କରୁଥିବା ସମୟରେ ଏକ ଭ୍ୟାନରେ ଠକ ଆଦିତ୍ୟ ପୋଲିସ ଲେଖାଥିବା ଲୋଗୋ ଲଗାଇ ବୁଲୁଥିବାର ଦେଖିବାକୁ ମିଳିଥିଲା। ତାକୁ ଏନେଇ ପାଟ୍ରୋଲିଂରେ ଥିବା ପୋଲିସ କର୍ମଚାରୀମାନେ ପଚରାଉଚରା କରିବାରୁ ସେ ପ୍ରଥମେ ନିଜକୁ ଅଗ୍ନିଶମ ବିଭାଗର ଏକ ଆଇକାର୍ଡ ଦେଖାଇଥିଲା। ଏହାକୁ ତନଖି କରିବା ପରେ ତାହା ଜାଲ ଥିବା ଜଣାପଡ଼ିଥିଲା। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଠକ ଆଦିତ୍ୟଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

## ବ୍ରାଉନସୁଗର ସହ ଜଣେ ଗିରଫ

ଭୁବନେଶ୍ୱର(ନିପ୍ର): ଭୁବନେଶ୍ୱର ଅବକାରୀ ବିଭାଗର ରେଞ୍ଜ ୨ କର୍ମଚାରୀମାନେ ସୋମବାର ଡୁମୁଡୁମା ଫେଜ୍ ୨ ଅ ଳରେ ବେଆଇନ ବ୍ରାଉନସୁଗର ବିକ୍ରି କରୁଥିବା ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକଙ୍କ ଠାରୁ ଅବକାରୀ କର୍ମଚାରୀମାନେ ୧୧୦ଗ୍ରାମ ବ୍ରାଉନସୁଗର ଜବତ କରିଛି। ଏନେଇ ଏନଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ କରାଯିବା ସହ ରମାକାନ୍ତ ଜେନା (୩୩) ନାମକ ଯୁବକଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଅବକାରୀ ବିଭାଗର ପକ୍ଷରୁ ଏହି ଚଢ଼ଉ ଭବିଷ୍ୟତରେ ମଧ୍ୟ ଜାରି ରହିବ ବୋଲି ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଛନ୍ତି।

## ପିକଅପ ଭ୍ୟାନ ବାଇକ୍ ମୁହାଁମୁହିଁ : ୨ ମୃତ

କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା କୁସୁମୀ ଫାଣ୍ଡି ନିକଟସ୍ଥ ପେଟ୍ରୋଲ ପମ୍ପ ନିକଟରେ ଏକ ପିକଅପ ଭ୍ୟାନ ସହ ବାଇକ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତରଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବୁର୍ଲା ଭୀମସାର ମେଡ଼ିକାଲକୁ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯାଇଛି। ମୃତ ଯୁବକମାନେ ହେଲେ କୁଚିଣ୍ଡା ଥାନା ଭୈନବେଡାର ଚିନ୍ମୟ ଠାକୁର(୨୨) ଓ ଛେପ୍ରବେଡାର ଗଗନ ପାତ୍ର(୩୫)। ଗୁରୁତର ଆହତ ଜଣକ ହେଲେ ଭୈନବେଡାର ଶିଶିର ଠାକୁର(୨୦) ।ଏନେଇ ପୋଲିସ ମହୁଲପାଲି ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଗାଡ଼ି ପାର୍କିଂକୁ କେନ୍ଦ୍ରକରି ଗଣ୍ଡଗୋଳ, ୨ ଆହତ

ପିପିଲି(ନିପ୍ର): ସୋମବାର ମଧ୍ୟାହ୍ନରେ ବିବାହ ଭୋଜିରେ ଯୋଗଦେବାକୁ ଆସିଥିବା ୨ଜଣ ଯୁବକଙ୍କୁ ଗାଡ଼ି ପାର୍କିଂକୁ କେନ୍ଦ୍ରକରି ଆକ୍ରମଣ କରଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣରେ ଯୁବକଙ୍କ ମୁହଁ ଓ ହାତରେ ଆଘାତ ଲାଗିଛି। ଖବର ପାଇ ବଳଙ୍ଗା ଥାନା ଅଧିକାରିଣୀ ସସ୍ମିତା ସାହୁ ଓ ତାଙ୍କ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଆହତ ଯୁବକଙ୍କୁ ମେଡ଼ିକାଲ ନେଇ ଚିକିତ୍ସା କରି ତଦନ୍ତ ଜାରି ରଖିଛି। । ସୂଚନା ମୁତାବକ ସୋମବାର ଏହି ଥାନା ଅନ୍ତର୍ଗତ ବାୟବର ବସ୍ତିରେ ହେଉଥିବା ଏକ ବିବାହ ଭୋଜିରେ ଯୋଗଦେବାକୁ ଭୁବନେଶ୍ୱର ଯଦୁପୁର ଅଞ୍ଚଳର କେତେକ ଯୁବକ ଏକ ଥାର ଗାଡ଼ିରେ ଆସିଥିଲେ। ଯୁବକମାନେ ବଳଙ୍ଗା ବଜାରରେ ଗାଡ଼ି ସାଇଟ କରି ଏକ ଦୋକାନକୁ ଯାଇ କିଛି ସାମଗ୍ରୀ କିଣିଥିଲେ। ସେହି ସମୟରେ ସ୍ଥାନୀୟ ଅଞ୍ଚଳର କିଛି ଯୁବକଙ୍କ ସହିତ ଗାଡ଼ି ପାର୍କିଂକୁ ନେଇ ଯୁବକମାନଙ୍କ ମଧ୍ୟରେ ଯୁକ୍ତି ତର୍କ ହୋଇ ଗଣ୍ଡଗୋଳ ହୋଇଥିଲା। ଗଣ୍ଡଗୋଳରେ ଯୁବକମାନଙ୍କ ମଧ୍ୟରୁ ୨ଜଣ ଆହତ ହୋଇଥିଲେ। ଏନେଇ ଉଭୟ ପକ୍ଷରୁ ଥାନାରେ ୨ଟି ଅଭିଯୋଗ କରାଯାଇଛି । ଅଭିଯୋଗ ଆଧାରରେ ଥାନାରେ ପୃଥକ ପୃଥକ ଭାବେ ୧୪୪/୨୦୨୬ ଏବଂ ୧୪୫/୨୦୨୬ ମାମଲା ରୁଜୁ କରାଯାଇଛି । ଘଟଣାର ସମ୍ବେଦନତା ଦୃଷ୍ଟିରୁ ସନ୍ଧ୍ୟାରେ ଜିଲ୍ଲା ଅତିରିକ୍ତ ଏସପି ସଚିନ ପଟେଲ ଓ ପିପିଲି ଏସଡିପି ଓ ଦେବାଶିଷ ମିଶ୍ର ଥାନାରେ ପହଞ୍ଚି ଥାନା ଆଇଆଇସି ସସ୍ମିତା ସାହୁଙ୍କ ସହିତ ଆଲୋଚନା କରିଛନ୍ତି। ବଳଙ୍ଗାରେ ଭଉଁରୀ ଯାତ୍ରା ପାଇଁ ପୋଲିସ ପକ୍ଷରୁ ୨ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜିତ ରହିଥିଲା ବେଳେ କୌଣସି ଅଘଟଣ ନ ଘଟିବା ପାଇଁ ପୋଲିସ ପକ୍ଷରୁ ଘଟଣା ପ୍ରତି ତୀକ୍ଷ୍ଣ ନଜର ରଖାଯାଇଥିବା ନେଇ ଆଇଆଇସି ସସ୍ମିତା ସାହୁ କହିଛନ୍ତି।

## ଚନ୍ଦନପୁରରୁ ୨ ହଜାର ଲିଟର ପୋଚ ଜବତ

ପୁରୀ,(ନିପ୍ର) ଚନ୍ଦନପୁର ଥାନା ଅନ୍ତର୍ଗତ ତିଆଡିସାହି ଜନୈକଙ୍କ ଘର ପଛପଟୁ ୨ ହଜାର ଲିଟର ପୋଚ ଓ ୨୦ ଲିଟର ଦେଶୀମଦ ଓ ୧ଟି ହଣ୍ଡା ପୋଲିସ ଜବତ କରିଛି । ପୋଲିସକୁ ଦେଖି ପୋଚ ତିଆରେ କରିବା ବ୍ୟକ୍ତି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ନିର୍ଭରଯୋଗ୍ୟ ସୂତ୍ରରୁ ଖବର ପାଇ ଚନ୍ଦନପୁର ଥାନା ପୋଲିସ ଘଟଣାସ୍ଥଳକୁ ଯାଇଥିଲା । ଏ ସମ୍ପର୍କରେ ଚନ୍ଦନପୁର ଥାନାରେ ୧୧୪/୨୬ ରେ ମାମଲା ରୁଜୁ ହୋଇଛି । ଓଡ଼ିଶା ଏକସାଇଜ ଆକ୍ଟ ଓ ବିଏନଏସ ଧାରାରେ ମାମଲା ରୁଜୁ ହୋଇଛି ।

## ଚୋରା ମଦ ଜବତ: ୯ କୋର୍ଟ ଚାଲାଣ



କେନ୍ଦ୍ରାପଡ଼ା(ନିପ୍ର): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ, ରାଜନଗର ଓ ରାଜକନିକା ଥାନା ଅଧିନିସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଛି । ଅଚ୍ଛୁତପୁର ଗ୍ରାମର ପ୍ରଭାତ କୁମାର ମଳିକ (୪୩)ଙ୍କ ଠାରୁ ୪୧ ଲିଟର ବିଦେଶୀ ମଦ, ଆୟତନ ଗ୍ରାମର ରାଜକିଶୋରେ ଧଳ (୪୫)ଙ୍କଠାରୁ ୩୨ ଲିଟର ଦେଶୀ ମଦ, ମହିଷାସୁର ଗ୍ରାମର ତ୍ରିଲୋଚନ ଜେନା (୨୭)ଙ୍କ ଠାରୁ ୨୮ ଲିଟର ବିଦେଶୀ ମଦ, ଏଣ୍ଡୁଳାପୁର ଗ୍ରାମର ରବୀନ୍ଦ୍ର ପ୍ରଧାନ (୩୮)ଙ୍କ ଠାରୁ ୧୬ ଲିଟର ଦେଶୀ ରନ୍ଧା ମଦ, ବଳରାମପୁର ଗ୍ରାମର ତ୍ରିଲୋଚନ ଜେନା (୪୮)ଙ୍କଠାରୁ ୩୬ ଲିଟର ବିଦେଶୀ ମଦ, ମଧୁପୁର ଗ୍ରାମର ଲକ୍ଷ୍ମୀଧର ମହଲ (୫୭)ଙ୍କଠାରୁ ୩୦ ଲିଟର ବିଦେଶୀ ମଦ, ବେଲାରପୁର ଗ୍ରାମର ବଳରାମ ସାହୁ (୫୪)ଙ୍କଠାରୁ ୩୧ ଲିଟର ବିଦେଶୀ ମଦ, ଓଲଢି ଗ୍ରାମର ଲକ୍ଷ୍ମୀପ୍ରିୟା ବେହେରା (୩୫)ଙ୍କ ଠାରୁ ୧୪ ଲିଟର ଦେଶୀ ମଦ ଓ ବେଲାରପୁର ଗ୍ରାମର ଆଦୀପ୍ତ କର (୩୨)ଙ୍କ ଠାରୁ ୨୪ ଲିଟର ଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଛି । ଏମାନଙ୍କ ପାଖରୁ ସମୁଦାୟ ୨୫୨ ଲିଟର ବିଦେଶୀ, ଦେଶୀ ଓ ଦେଶୀ ମଦ ଜବତ କରାଯାଇ ୯ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଉପ ନିରୀକ୍ଷକ କଳ୍ପନା ରାଉତ, ଛାୟାକାନ୍ତ ନାୟକ, ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର ଓ ଅନ୍ୟ କର୍ମଚାରି ସାମିଲ ଥିଲେ ।

### ଗୁଳି ମାରି ଯୁବକଙ୍କୁ ହତ୍ୟା ଘଟଣା

# ଶବ ଶୋଭାଯାତ୍ରା ବେଳେ ଉତ୍ତେଜନା

### ଜୁଆଆଡ୍ଡାରୁ ଟଙ୍କା ସୁନା ଲୁଟକୁ ନେଇ ହତ୍ୟାକାଣ୍ଡ ଘଟିଥିବା ଅନୁମାନ

ରାୟଗଡା(ନିପ୍ର): ରାୟଗଡା ସହର ଇନ୍ଦିରା ନଗର ୩ୟ ଲାଇନରେ ଗୁଳିକାଣ୍ଡ କରି ସ୍ଥାନୀୟ ରେଲି ସାହିର ଯୁବକ ନିଖିଲ ହାଡ଼ିପାକୁ ଅପହରଣ ପରେ ହତ୍ୟା ଘଟଣାରେ ରାୟଗଡା ସହରରେ ଚାପା ଉତ୍ତେଜନା ଲାଗିରହିଛି । ଗତକାଲି ରାତିରେ ଶବ ବ୍ୟବଚ୍ଛେଦ ପରେ ପୁଲିସ ପରିବାରକୁ ଶବ ହସ୍ତାନ୍ତର କରିଥିଲେ । ସୋମବାର ସ୍ଥାନୀୟ ସାହିବାସିନ୍ଦା ଶବକୁ ଧରି ଏକ ବିରାଟ ଶୋଭାଯାତ୍ରାରେ ବାହାରିଥିଲେ। ଶବ ଶୋଭାଯାତ୍ରା ବେଳେ ଉତ୍ତ୍ୟକ୍ତ ସାହିବାସିନ୍ଦା ଟାଉନ ଥାନା ଆଗ ଦେଇ ଶୋଭାଯାତ୍ରା ନେବା ପାଇଁ ଜିଦକରି ପୁଲିସର କଡ଼ନ ଭାଙ୍ଗି ଥାନା ସାମ୍ନା ଦେଇ ମାର୍କେଟ, ସାରଳା ଛକ ହୋଇ ବସଷ୍ଟାଣ୍ଡ ନିକଟସ୍ଥ ଡା. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଆଗରେ ଶବ ରଖି ପ୍ରତିବାଦ କରିଥିଲେ । ଉତ୍ତ୍ୟକ୍ତ ଲୋକେ ଶୋଭାଯାତ୍ରାକାରୀ ମାନେ ରାୟଗଡା ବସଷ୍ଟାଣ୍ଡ ନିକଟରେ ନିଜର ଗୋଟିଏ ବାଇକକୁ ନିଆଁ ଲଗେଇ ଦେଇଥିଲେ । ଉତ୍ତେଜନାକୁ ଦେଖି ମୁତୟନ ହୋଇଥିବା ପୁଲିସ ଓ ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ନିଆଁକୁ ଆୟତ୍ତ କରିଥିଲେ । ମୃତ ନିଖିଲର ବାପା ଶିବା ହାଡ଼ିପା ପୁତ୍ର ନିଖିଲର ହତ୍ୟାକୁ ନେଇ ଗଣମାଧ୍ୟମ ଆଗରେ ପୁଲିସ ବିରୋଧରେ ବର୍ଷିଛନ୍ତି । ଶିବା ଅଭିଯୋଗ କରି କହିଛି ପୁଲିସ ତଦନ୍ତରେ ସହଯୋଗ କରୁନାହିଁ। ଏହି ହତ୍ୟାକାଣ୍ଡରେ ଦଶରୁ ଊର୍ଦ୍ଧ୍ୱ ଅଭିଯୁକ୍ତ ରହିଛନ୍ତି । ସେମାନଙ୍କ ନା ଆମେ ପୁଲିସକୁ କହିଛୁ କିନ୍ତୁ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଯଦି ପୁଲିସ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ ନକରେ ତାହାହେଲେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ କରାଯିବା ନେଇ ଗଣମାଧମକୁ କହିଛି। ସୂଚନାରୁ ଜଣାପଡିଛି ଯେ, କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ଆଲମଣ୍ଡ ଓ ସୀମାନ୍ତ ଅଞ୍ଚଳରେ ଗୋଟିଏ ଜୁଆ ଆଡ୍ଡାରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଏବଂ ଟଙ୍କା ଲୁଟ ହୋଇଥିଲା ଓ ଜୁଆ ଆଡ୍ଡାରୁ ଲୁଟ ହୋଇଥିବା ଯୋଗୁଁ କେହି ଏତଲା ଦେଇ ନଥିଲେ। ଏହି ଲୁଟ ଘଟଣାରେ ମୃତ ନିଖିଲ ଓ ଅନ୍ୟମାନଙ୍କ ହାତ ରହିଥିବା ଚର୍ଚ୍ଚା ଚାଲିଛି।

### ମହେନ୍ଦ୍ରୀ ଜଙ୍ଗଲ ନିକଟରେ ଖୁଲମ ଖୁଲା ଚାଲିଛି

# କୁକୁଡ଼ା ଲଢ଼େଇ ଓ ଖୁଡଖୁଡି ଖେଳ




ନବରଙ୍ଗପୁର(ନିପ୍ର): ଡାବୁଗାଁ ଥାନା ଅନ୍ତର୍ଗତ ମହେନ୍ଦ୍ରି ବସଷ୍ଟାଣ୍ଡ ଓ ଗରୁଡ଼ଗୁଡା ମଧରେ ଥିବା ଚାକୁଣ୍ଡା ଜଙ୍ଗଲ ନିକଟରେ ଚାଲିଛି କୁକୁଡା ଲୋଢ଼ଇ ଓ ଖୁଡଖୁଡି ଜୁଆ ଖେଳ। କିଛି ଅସାଧୁ ବ୍ୟକ୍ତି କୁକୁଡ଼ା ଲଢ଼େଇ, ଖୁଡଖୁଡି, ଜୁଆ ଖେଳ ମାଧମରେ ନିରୀହ ଆଦିବାସୀଙ୍କଠାରୁ ଟଙ୍କା ଲୁଟି ନେଇଥିବା ଦେଖିବାକୁ ମିଳିଛି। ଏହି କୁକୁଡ଼ା ଲଢ଼େଇରେ ନବରଙ୍ଗପୁର ଜିଲ୍ଲାର ଭିନ୍ନଭିନ୍ନ ଅଞ୍ଚଳରୁ ବହୁ ଲୋକ କୁକୁଡ଼ା ଲଢ଼େଇ ଖେଳ ଖେଳିବାକୁ ଆସିଥାନ୍ତି । ପ୍ରତି ସୋମବାର ଓ ଶନିବାର ଅପରାହ୍ନ ୪ ଘଣ୍ଟାଠାରୁ ସନ୍ଧ୍ୟା ୭ ଘଣ୍ଟା ପର୍ଯ୍ୟନ୍ତ କୁକୁଡ଼ା ଲଢ଼େଇ ଓ ଖୁଡଖୁଡି ଜୁଆ ଖେଳ ଚାଲୁଛି । ସବୁଠୁ ଆଶ୍ଚର୍ଯ୍ୟର କଥା ଡାବୁଗାଁ ଥାନାଠାରୁ ମାତ୍ର ତିନି କିଲୋମିଟର ଦୂରରେ ଏହି କୁକୁଡ଼ା ଲଢ଼େଇ ଚାଲିଛି କିନ୍ତୁ ପୋଲିସ ବିଭାଗକୁ କୌଣସି ସୂଚନା ନାହିଁ। କୁକୁଡ଼ା ଲଢ଼େଇ ଖେଳ ସହ ଜୁଆ ଓ ମଦ କାରବାର ଭଳି ନିନ୍ଦନୀୟ ପ୍ରଥାକୁ ପରୋକ୍ଷରେ ଅବକାରୀ ବିଭାଗ ଏବଂ ପ୍ରତ୍ୟେକ୍ଷ ଭାବରେ ଅସାମାଜିକ ଲୋକଙ୍କର ଯୋଗୁଁ ଥମିବା ବଦଳରେ ବଢ଼ିବାକୁ ଲାଗିଛି। ଏହି କୁକୁଡ଼ା ଲଢ଼େଇ ଖେଳକୁ ବନ୍ଦ କରିବା ପିଇଁ ସାଧାରଣରେ ଦାବି ହେଉଛି । ଏହାର ମୁଖ୍ୟ କାରଣ ନିକଟରେ ଏକ ଆଦିବାସୀ ଆଶ୍ରମ ବିଦ୍ୟାଳୟ, ତତ ସାଙ୍ଗେ ସାଙ୍ଗେ ସେହି ସ୍ଥାନରୁ ମାତ୍ର ୧କିଲୋମିଟର ବ୍ୟବଧାନରେ ନିରୀହ ଆଦିବାସୀ ଭାଇଭଉଣୀଙ୍କ ଜନବସତି ରହିଛି। ଖୁଡୁଖୁଡି ଖେଳ ନିକଟରେ ଗଣ୍ଡଗଳ ହେଉଥିବା ଜାଣିବା ପରେ ୧୧୨କୁ ଫୋନ କରାଯାଇଥିଲା କିନ୍ତୁ କୌଣସି ସୂତ୍ରରୁ ଖବରପାଇ ଜୁଆ ମାଫିଆମାନେ ସେହି ସ୍ଥାନରୁ ପଳାଇଥିଲେ। ବିଶେଷ ସୂତ୍ରରୁ ଖବର ମିଳିଛି ଡାବୁଗାଁ ଥାନାଠାରୁ ମାତ୍ର ୪/୫ କିଲୋମିଟର ଦୂରରେ ଏଭଳି ଆଉ କିଛି ସ୍ଥାନରେ ମଧ ଖୁଡୁଖୁଡି ଜୁଆଖେଳ ଏବଂ କୁକୁଡ଼ା ଲଢ଼େଇ ଜୋରସୋରରେ ଚାଲିଛି । ମହେନ୍ଦ୍ରୀ ନିକଟରେ ଚାଲିଥିବା କୁକୁଡ଼ା ଲଢ଼େଇ ବରଦେଇ ଗ୍ରାମର ଜନୈକ ବ୍ୟକ୍ତିମାନେ କିଛି ଅସାଧୁ ସରକାରୀ କର୍ମଚାରୀଙ୍କୁ ମାସକୁ କିଛି ପାଉଣା ଦେଇ ଚଳାଉଥିବା ସୂଚନା ମିଳିଛି। ପୋଲିସର ତଦନ୍ତ ପରେ ସାତ କଣ ତାହା ଜଣାପଡିବ। ମହେନ୍ଦ୍ରୀ ବସଷ୍ଟାଣ୍ଡରୁ କିଛି ଦୂରରେ ଏବଂ ଗରାଦୁଗୁଡା ବିଦ୍ୟାଳୟରୁ ୧କିମି ଦୂରରର ଖୁଲମଖୁଲା କୁକୁଡ଼ା ଲଢେଇ ଚାଲିଥିବା ହେତୁ ପୋଲିସ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ଚାରି ବାଇକ ଜବତ: ଚାରି ଗିରଫ



ଧର୍ମଗଡ଼(ନିପ୍ର): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଅଂଚଳରେ ଦିନକୁ ଦିନ ବାଇକ ଚୋରି ବୃଦ୍ଧି ପାଉଥିବା ବେଳେ ଧର୍ମଗଡ଼ ପୋଲିସ ନିଜର ତତ୍ପରତା ଦେଖାଇଛନ୍ତି । କିଛି ଦିନ ପୂର୍ବେ ଧର୍ମଗଡ଼ ବିଦେଶୀ ମଦ ଦୋକାନଠାରୁ ଗୋଟିଏ ବାଇକ ଚୋରି ହେବା ପରେ ବାଇକ ମାଲିକ ଧର୍ମଗଡ଼ ପୋଲିସ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ଧର୍ମଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକାରିଣୀ ଆଇପିଏସ ସୁଶ୍ରୀ ଭର୍ଷିତା ଅଡେପୁଙ୍କ ତତ୍ତ୍ୱାବଧାନରେ ଏକ ଟିମ ଗଠନ କରି ତଦନ୍ତ ଆରମ୍ଭ କରିଥିଲେ । ଫଳରେ ସୋମବାର ଚାରି ବାଇକ ଉଦ୍ଧାର କରି ଚାରି ଜଣଙ୍କୁ କୋର୍ଟଚାଲାଣ କରିଛନ୍ତି । ବାଇକ ଚୋରି କରିଥିବା ଗିରଫ ଅଭିଯୁକ୍ତ ପଳାସ ଗ୍ରାମର କେଦାର ମେହେର ଓ ନକଟିଗୁଡା ଗ୍ରାମର ସୁମିତ ମେହେର ହୋଇଥିବା ବେଳେ ଉକ୍ତ ବାଇକକୁ ପଳାସ ଗ୍ରାମର ବିମ୍ବାଧର ବୈଠାରୁ ଓ ଗୌଡ଼ ସର୍ଗିଗୁଡା ଗ୍ରାମର ଦେବରାଜ ଭାଟି ଚୋରି ବାଇକୁ ନିଜ ପାଖରେ ରଖିଥିଲେ । ବର୍ତ୍ତମାନ ସୁଦ୍ଧା ମଧ ଅନ୍ୟ ବାଇକ ଚୋରମାନଙ୍କୁ କାବୁ କରିବା ପାଇଁ ତଦନ୍ତ ଜାରି ରହିଥିବା ଆରକ୍ଷୀ ଉପଖଣ୍ଡ ଅଧିକରିଣୀ ପ୍ରକାଶ କରିଛନ୍ତି ।



ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ପ୍ରସଙ୍ଗ: ବାଲିଅନ୍ତା ଓ ବାଲିପାଟଣା ଯୁବକଙ୍କୁ ହତ୍ୟା ବିରୋଧରେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ପୋଲିସ ସେବା ଭବନ ସମ୍ମୁଖରେ ବିକ୍ଷୋଭ (ଫଟୋ- ଦିନଲିପି)

# କମିଶନରେଟ ପୋଲିସ ଅଫିସ୍ ଘେରିଲା କଂଗ୍ରେସ

ଭୁବନେଶ୍ୱର,୧୧/୫(ନିପ୍ର): ରାଜ୍ୟର ଭୁଶୁଡି ପଡ଼ିଥିବା ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ନେଇ ସରକାର ଏବଂ ମୁଖ୍ୟମନ୍ତ୍ରୀଙ୍କ ନିଷ୍କ୍ରିୟତା ବିରୋଧରେ ସୋମବାର ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟି ସଭାପତି ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ ଏବଂ ପିସିସି ସଭାପତିଙ୍କ ଉପସ୍ଥିତିରେ ଭୁବନେଶ୍ୱରସ୍ଥିତ ପୋଲିସ କମିଶନରେଟ କାର୍ଯ୍ୟାଳୟ ଘେରାଓ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ବିଶାଳ ପ୍ରତିବାଦ ଓ ଘେରାଓ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ହଜାର ହଜାର କଂଗ୍ରେସ କର୍ମୀ ଏବଂ ପୋଲିସ କର୍ମଚାରୀଙ୍କୁ ସମ୍ବୋଧିତ କରି ପିସିସି ସଭାପତି ଭକ୍ତ ଚରଣ ଦାସ କହିଲେ, ରାଜ୍ୟରେ ଅପରାଧ କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି, ତା ସହିତ କଂଗ୍ରେସର ମଧ୍ୟ ଲଢେଇ ଜାରୀ ରହିବ । କିନ୍ତୁ ଦୁଃଖର କଥା ଏଭଳି ଅମାନବୀୟ ଭିଡ଼ ହିଂସା ହତ୍ୟା ଘଟୁଥିଲେ ମଧ୍ୟ ଏସବୁର ପ୍ରତିକାର ପାଇଁ ସରକାର କିମ୍ବା ମୁଖ୍ୟମନ୍ତ୍ରୀ କାହା ପାଖରେ ସମୟ ନାହିଁ । ପୋଲିସ ଫୋର୍ସ କ୍ରିମନାଲ ମାନଙ୍କୁ ଘୋଡ଼େଇବାରେ ବ୍ୟସ୍ତ, କ୍ରିମିନାଲ ବିଜେପି, ଆରଏସଏସ ଓ ଭିଏଚପିରେ ମିଶି ଯାଉଛନ୍ତି ଓ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି । ଫଳରେ ସାଧାରଣ ଜନତା ମଧ୍ୟ ସାହସ ପାଇ ଏଭଳି ଭିଡ ହିଂସା କରିବାକୁ ପ୍ରଶ୍ରୟ ପାଉଛନ୍ତି । ଆଜି ଆଦିମ କାଳକୁ ଆଇନ ବ୍ୟବସ୍ଥା ଚାଲି ଯାଇଛି ।ବିଚ ରାସ୍ତାରେ ଲୋକଙ୍କୁ ପିଟିପିଟି ମାରି ଦେଉଛନ୍ତି । ଏ ସରକାରଙ୍କ ବିରୁଦ୍ଧରେ ଯେତେ କହିଲେ ମଧ୍ୟ କମ ପଡ଼ିବ । ସରକାର ନିର୍ଲଜତାର ସୀମା ପାରି ହୋଇ ସାରିଲେଣି ବୋଲି ସଭାପତି ଶ୍ରୀ ଦାସ କହିଥିଲେ । ଖୋର୍ଦ୍ଧା ଜିଲ୍ଲା ସଭାପତି ରାଜୀବ ପଟ୍ଟନାୟକ ରାଜ୍ୟରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ରୂପେ ଭୁଶୁଡ଼ି ଯାଇଛି ଓ ପୋଲିସ ସମ୍ପୂର୍ଣ୍ଣ ରୂପେ ସରକାରୀ ଦଳର ହାତ ବାରିଶି ସାଜି କାମ କରୁଛି ।

# ମା' ମଙ୍ଗଳାଙ୍କ ଭଉଁରୀ ଯାତ୍ରା: ଭକ୍ତିମୟ ହେଲା ପରିବେଶ



କାକଟପୁର,୧୧/୫(ନିପ୍ର): ପ୍ରସିଦ୍ଧ ଶକ୍ତିପୀଠ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ପବିତ୍ର ଭଉଁରୀ ଯାତ୍ରା ଅତ୍ୟନ୍ତ ଆଧାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଚନ୍ଦନ ଯାତ୍ରାର ଶେଷ ପର୍ଯ୍ୟାୟରେ ପାଳିତ ହେଉଥିବା ଏହି ବିଶେଷ ଉତ୍ସବକୁ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଭଉଁରୀ ଯାତ୍ରା ଉପଲକ୍ଷେ ମା'ଙ୍କ ପୀଠରେ ସ୍ୱତନ୍ତ୍ର ନୀତିକାନ୍ତି ସମ୍ପନ୍ନ ହୋଇଥିଲା । ମା ମଙ୍ଗଳାଙ୍କ ସନ୍ଧ୍ୟା ଆଳତୀ ପରେ ମନ୍ଦିର ପରିସରରେ ଥିବା ରାଧାକୃଷ୍ଣଜୀଉଙ୍କୁ ସୁସଜ୍ଜିତ ମଣି ବିମାନରେ ବସାଯାଇ ଘଣ୍ଟ, ଘଣ୍ଟା, ଚାମର ଆଲଟ, ପାରମ୍ପରିକ ବାଦ୍ୟ, ଶଙ୍ଖ, ତୁରୀ ଆଦି ବାଦ୍ୟର ତାଳେ ତାଳେ ଏକ ବିରାଟ ପଟୁଆରରେ ପ୍ରାଚୀ ନଦୀ ସ୍ଥିତ ଚନ୍ଦନ ଘାଟକୁ ନିଆଯାଇ ରାଧାକୃଷ୍ଣଙ୍କୁ ସୁବାସିତ ଜଳରେ ସ୍ନାନ କରିବାପରେ ନୈବେଦ୍ୟ ନୀତି ଅନୁଷ୍ଠିତ ହୋଇଥାଏ । ପରେ ରାଧାକୃଷ୍ଣ ଜୀଉଙ୍କୁ ଏକ ସ୍ୱତନ୍ତ୍ର ନୌକାରେ ବସାଯାଇ ଚାପ କରାଯାଇଥାଏ । ରାଧାକୃଷ୍ଣ ଜୀଉଙ୍କର ଏହି ଜଳକ୍ରୀଡ଼ାକୁ ଶହଶହ ଭକ୍ତମାନେ ପ୍ରାଚୀନଦୀ ଉପତ୍ୟକାରେ ଛିଡ଼ାହୋଇ ଦର୍ଶନ କରିଥାନ୍ତି । ପ୍ରାଚୀନଦୀ ମଧ୍ୟରେ ରାଧାକୃଷ୍ଣଙ୍କ ଏହି ନୌକା ବିହାର ଦୃଶ୍ୟ ଶ୍ରଦ୍ଧାଳୁଙ୍କ ମନରେ ଅପୂର୍ବ ଆନନ୍ଦ ଭରିଦେଇଥିଲା । ବିଶ୍ୱାସ ରହିଛି ଯେ ଏହି ଭଉଁରୀ ଯାତ୍ରା ଦର୍ଶନ କଲେ ମନୁଷ୍ୟ ସମସ୍ତ ପାପରୁ ମୁକ୍ତି ପାଇବା ସହ ପୁଣ୍ୟ ଲାଭ କରିଥାଏ । ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଏହି ନୀତି ଅନୁଷ୍ଠିତ ହେବାପରେ ରାଧାକୃଷ୍ଣ ମନ୍ଦିରକୁ ସ୍ୱପ୍ରତ୍ୟାବର୍ତ୍ତନ କରିଥାନ୍ତି ।

### ରାଜ୍ୟସଭା ନିର୍ବାଚନରେ ଦ୍ୱିତୀୟ ବାଲାଟ୍ ପେପର ଜାରି ପ୍ରସଙ୍ଗ

# ସିଇସିଙ୍କୁ ଭେଟିଲେ ବିଜେଡିର ପ୍ରତିନିଧି ଦଳ

ଭୁବନେଶ୍ୱର, ୧୧/୫(ନିପ୍ର): ଗତ ରାଜ୍ୟସଭା ନିର୍ବାଚନ ସମୟରେ ବିଜେପିର ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଓ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ଅନୈତିକ ଭାବେ ଦ୍ୱିତୀୟ ବାଲାଟ ପେପର ଜାରି କରିଥିଲେ ନିର୍ବାଚନ ଅଧିକାରୀ, ଯାହା ନିର୍ବାଚନର ନୀତି ବିରୋଧୀ । ତେଣୁ ବିଜୁ ଜନତା ଦଳ ଏହାକୁ କଡା ବିରୋଧ କରି ଗତ ଏପ୍ରିଲ ୨୮ ତାରିଖରେ ଭାରତୀୟ ନିର୍ବାଚନ କମିଶନ (ଇସିଆଇ)ଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲା । ଏପ୍ରିଲ ୨୯ ତାରିଖରେ ଭାରତୀୟ ନିର୍ବାଚନ କମିଶସନର ରାଜ୍ୟ ନିର୍ବାଚନ କମିଶନରଙ୍କୁ ନିର୍ଦ୍ଦେଶ ଦେଇ କହିଥିଲେ ବିଜୁ ଜନତା ଦଳ ସହ ଏହି ପ୍ରସଙ୍ଗରେ ତୁରନ୍ତ ଆଲୋଚନା କରାଯାଉ । ଇସିଆଇଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ନିର୍ବାଚନ କମିଶନର ଦେଇଥିବା ନିର୍ଦ୍ଧାରିତ ସମୟରେ ଆଜି ବିଜେଡିର ଏକ ପ୍ରତିନିଧି ଦଳ ରାଜ୍ୟସଭା ନିର୍ବାଚନରେ ଦ୍ୱିତୀୟ ବାଲାଟ ପେପର ବ୍ୟବହାରକୁ ନେଇ ସୃଷ୍ଟି ହୋଇଥିବା ବିବାଦ ସମ୍ପର୍କରେ ରାଜ୍ୟ ନିର୍ବାଚନ କମିଶନଙ୍କୁ ଭେଟିଥିଲେ । ଏହି ପ୍ରତିନିଧିମଣ୍ଡଳୀରେ ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ଉପମୁଖ୍ୟ ସଚେତକ ପ୍ରତାପ ଦେବ, ବିଧାୟକ ଡ଼ ଅରୁଣ କୁମାର ସାହୁ, ସାଂସଦ ଡ଼ ସସ୍ମିତ ପାତ୍ର, ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ଼ ଲେନିନ ମହାନ୍ତି ଓ ଡ଼ ପ୍ରିୟବ୍ରତ ମାଝୀ ସାମିଲ ଥିଲେ ।

# ଓଡ଼ିଶାରେ ଆଇନର ଶାସନ ନାହିଁ, ଜଙ୍ଗଲରାଜ ଚାଲିଛି: ବିଜେଡି



ଭୁବନେଶ୍ୱର , ୧୧/୫(ନିପ୍ର): ରାଜ୍ୟରେ ଦିନକୁ ଦିନ ହିଂସାକାଣ୍ଡ ବୃଦ୍ଧି ପାଇବାରେ ଲାଗିଛି । ଗତ ୨୪ ଘଣ୍ଟାର ଘଟଣାକୁ ଅନୁଧ୍ୟାନ କଲେ, ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଓ ଗୃହ ବିଭାଗର ବିଫଳତା ସମ୍ପୂର୍ଣ୍ଣ ପଦାରେ ପଡିଛି କହି ବିଜେପି ସରକାରକୁ କଡା ସମାଲୋଚନା କରିଛି ବିଜେଡି । ସୋମବାର ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ ରାଜ୍ୟରେ ଆଇନର ଶାସନ ପ୍ରତିଷ୍ଠା କରିବାରେ ସରକାର ବିଫଳ ହୋଇଛନ୍ତି ବୋଲି କହିଛନ୍ତି । ଡ. ମହାନ୍ତି କହିଛନ୍ତି ଯେ, ଆଜିର ଦିନରେ ଓଡିଶାରେ ଆଇନଶୃଙ୍ଖଳା ପରିସ୍ଥିତି ଧ୍ୱଂସ ହୋଇଯାଇଛି । ଡବଲ ଇଞ୍ଜିନ ସରକାରର ଅପାରଗତା ଓ ଉଦାସୀନତା ଯୋଗୁଁ ଗତ ୧ ସପ୍ତାହ ମଧ୍ୟରେ ଢେଙ୍କାନାଳ, ହିଞ୍ଜିଳି, କଣାସ, ବାଲିଅନ୍ତା, ବାଲିପାଟଣାରେ ଜଘନ୍ୟ ଘଟଣା ଘଟିଛି । ସରକାରୀସ୍ତରରେ ନିଷ୍କ୍ରିୟତା ଯୋଗୁଁ ରାଜ୍ୟରେ ପୋଲିସ ବ୍ୟବସ୍ଥା ଦୁର୍ବଳ ହୋଇପଡିଛି । ପୋଲିସ ଷ୍ଟେସନ ଗୁଡିକ ବିଜେପିର କାର୍ଯ୍ୟାଳୟ ପାଲଟିଛି । ଇପ୍ସିତା ସାହୁ କହିଛନ୍ତି ଯେ, ବିଜେପି ନେତାମାନେ ବିଧାନସଭା ଭିତରେ ୨୪ ବର୍ଷର ୫-ଟି ନାଁ ଧରିକି ଘୋଷି ହେଉଛନ୍ତି । ବର୍ତ୍ତମାନ ବିଜେପି ସରକାରରେ ୨୪ ଘଣ୍ଟାରେ ୫ଟି ଛାତି ଥରାଇ ଦେଲା ଭଳି ଘଟଣା ଘଟିଛି । ଭାରତ ଇତିହାସରେ ସ୍ୱାଧୀନତା ପରେ ଏଭଳି ଘଟଣା କେଉଁଠି ଘଟିନଥିବ । ପୋଲିସ ଡିଜି ସ୍ୱୀକାର କରିଛନ୍ତି, ସାଧାରଣ ଜନତା ଅସୁରକ୍ଷିତ ଅନୁଭବ କରୁଛନ୍ତି । ଡିଜିଙ୍କ କଥାରେ ଗୁରୁତ୍ୱ ଅଛି, କାରଣ ଓଡିଶା ଇତିହାସରେ ଏହା ପ୍ରଥମ । ଆମେରିକା ଭଳି ରାଷ୍ଟ୍ର ନିଜ ନାଗରିକଙ୍କୁ ଓଡିଶା ନଯିବା ପାଇଁ ଆଡ଼ଭାଇଜରି ଜାରି କରିଥିଲା । ଏଥିରେ ଦର୍ଶାଇଥିଲା ଓଡିଶାରେ ନାରୀ ଅସୁରକ୍ଷିତ ।

# ବାଙ୍ଗାଲୋରରେ ଯୁବକଙ୍କୁ ହତ୍ୟା, ଶବ ଆଣିବା ପାଇଁ ଜିଲାପାଳଙ୍କୁ ଭେଟିଲେ ବାପା

ଭଦ୍ରକ, ୧୧/୫(ନିପ୍ର): ବାଙ୍ଗାଲୋରରେ ଦୁଇବର୍ଷ ଧରି ପାଇପ୍ ମିସ୍ତ୍ରୀ ଭାବେ କାମ କରୁଥିବା ନାୟକାଣୀଡିହି ଥାନା ଅଂଚଳର ଖେଡୁଆଳପୁର ଗ୍ରାମର ଜଣେ ଯୁବକ ଆକ୍ରମଣର ଶିକାର ହୋଇ ସୋମବାର ମୃତ୍ୟୁ ଘଟିଛି । ମୃତ ଯୁବକଙ୍କ ବାପା ଗ୍ରାମବାସୀଙ୍କ ସହ ପୁଅର ଶବକୁ ନିଜ ଗାଁକୁ ଫେରାଇ ଆଣିବା ପାଇଁ ଅର୍ଥ ଅଭାବରୁ ଜିଲାପାଳଙ୍କୁ ଭେଟିଛନ୍ତି । ଯୁବକଙ୍କୁ ପିଟିପିଟି ମାରିଦେଲେ ତାଙ୍କ ସାଙ୍ଗ ମାନେ । ଏପରି ଏକ ଅଭାବନୀୟ ତଥା ଦୁଖଦଃ ଘଟଣା ଘଟିଛି ସୁଦୂର ବାଙ୍ଗାଲୋର ହ୍ୱାଇଟ ଫିଲଡ ଅଂଚଳରେ । ଭଦ୍ରକ ଜିଲ୍ଲା ବାସୁଦେବପୁର ନାୟକାଣୀଡିହି ଥାନା ଅଧୀନସ୍ଥ ଖେଡୁଆଳପୁର ଗ୍ରାମର ନାରାୟଣ ମଲ୍ଲିକଙ୍କ ପୁଅ ନିରାକାର (୨୪) ସୁଦୂର ବାଙ୍ଗାଲୋରରେ ଜଣେ ପ୍ରବାସୀ ଶ୍ରମିକ ଭାବେ ଏକ ଘରୋଇ କମ୍ପାନୀରେ ପାଇପ୍ ମିସ୍ତ୍ରୀ ଭାବେ କାମ କରୁଥିଲେ । ସେ ବାହାରେ ଖାଦ୍ୟ ଖାଇ କେବଳ କମ୍ପାନୀ ପକ୍ଷରୁ ଯୋଗାଇ ଦିଆଯାଇଥିବା ରୁମରେ ରହୁଥିଲେ । ତେବେ ନ ଖାଇଲେ ମଧ୍ୟ ମାସିକ ଖାଦ୍ୟ ବାବଦକୁ ଟଙ୍କା ଦେବାକୁ ନିରାକାରଙ୍କୁ ତାଙ୍କ ସାଙ୍ଗମାନେ ବାଧ କରୁଥିଲେ । ଏଥିରେ ସେ ପ୍ରତିବାଦ କରିବାରୁ ତାଙ୍କୁ ସେମାନେ ବାଡେଇ ବାଡେଇ ଜୀବନରୁ ମାରି ଦେଇଥିଲେ । ଏହି ଖବର ପିତା ନାରାୟଣ ପାଇବା ପରେ ତାଙ୍କ ପରିବାର ଭାଙ୍ଗି ପଡିଛନ୍ତି । ଏପରିକି ପୁଅର ଶବକୁ କିପରି ସେଠାରୁ ଆଣି ତାଙ୍କ ନିଜ ଗ୍ରାମରେ ସତ୍କାର କରାଯିବ ଏବଂ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, ସେଥିନେଇ ସେ ଭଦ୍ରକ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଏଥିପାଇଁ ସେ ରାଜଘର ପୋଖରୀ ପଂଚାୟତର ସରପଂଚଙ୍କ ସହିତ ଆସି ଜିଲ୍ଲାପାଳଙ୍କୁ ଭେଟି ନିଜର ଗୁହାରି ଜଣାଇବା ସହିତ ଏ ଦିଗରେ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି ।

## ବୁଡ଼ି ଯାଉଥିବା ବେଳେ ୮ ପର୍ଯ୍ୟଟକଙ୍କୁ ଉଦ୍ଧାର

ପୁରୀ, ୧୧/୫(ନିପ୍ର): ପୁରୀ ବେଳାଭୂମିରେ ସୋମବାର ବୁଡି ଯାଉଥିବା ବେଳେ ୮ଜଣ ପର୍ଯ୍ୟଟକଙ୍କୁ ଉଦ୍ଧାର କରାଯାଇଛି । ତେବେ ସେକ୍ଟର ୮ ବାଥିଙ୍ଗ ଯୋନରେ ଝାଡ଼ଖଣ୍ଡର ୩୦ବର୍ଷୀୟ ରକି ଚଟାର୍ଜୀ, ସେହିପରି ସେକ୍ଟର ୩ ବାଥିଙ୍ଗ ଯୋନରେ ଝାଡ଼ଖଣ୍ଡର ୧୮ବର୍ଷୀୟ ଉତ୍ତମ କେଶରୀ ଓ ୧୮ବର୍ଷୀୟ ଅଙ୍କିତ କୁମାର ସା ଏବଂ ସେକ୍ଟର ୮ରେ ପଶ୍ଚିମବଙ୍ଗ ୨୪ ପ୍ରଗଣାର ୨୧ବର୍ଷୀୟ ବିଶାଳ ପରମଣିକ, ୨୨ବର୍ଷୀୟ ମାନସ ପାଲ ଓ ୨୩ ବର୍ଷୀୟ ସୁପ୍ରିୟ ମଣ୍ଡଳଙ୍କୁ ଉଦ୍ଧାର କରାଯାଇଛି । ସେହିପରି ସେକ୍ଟର ୩ରେ ଛତିଶଗଡ଼ର ୨୪ବର୍ଷୀୟ ସନ୍ତୋଷ ଭାଗତ, ୨୩ ବର୍ଷୀୟା ସୋନିଆ ଭାଗତ ଦମ୍ପତିଙ୍କୁ ଲାଇଫଗାର୍ଡ ଓ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଉଦ୍ଧାର କରିଛନ୍ତି । ଆଉ ସମସ୍ତ ଉଦ୍ଧାର ପର୍ଯ୍ୟଟକ ସୁସ୍ଥ ରହିଥିବା ସୂଚନା ମିଳିଛି । ତେବେ ରିପ୍ କରେଣ୍ଟ ଓ ଉଚ୍ଚ ଜୁଆର ଯୋଗୁଁ ପର୍ଯ୍ୟଟକମାନେ ଗଭୀର ସମୁଦ୍ର ଭିତରକୁ ଚାଲିଯାଉଥିବାରୁ ଉପସ୍ଥିତ ଲାଇଫଗାର୍ଡଙ୍କ କଥା ମାନି ସୁରକ୍ଷିତ ସ୍ନାନ କରିବାକୁ ବାରମ୍ବାର ପ୍ରଶାସନ ପକ୍ଷରୁ କୁହାଯାଇଛି ।

## କଣାସ ବର୍ବରତା: ଆତ୍ମସମର୍ପଣ କଲା ହାପି

**ପିପିଲି, ୧୧/୫(ନିପ୍ର):** ପୁରୀ ଜିଲ୍ଲା କଣାସରେ ମାଛ ବଜାରରେ ଯୁବକଙ୍କୁ ଗୋଡାଇ ଗୋଡାଇ ପନିକିରେ ହାଣିବା ଘଟଣାରେ ସୋମବାର ମୁଖ୍ୟ ଅଭିଯୁକ୍ତ ସୁଧାଂଶୁ ମହାପାତ୍ର ଓରଫ୍ ହାପି ଆତ୍ମସମର୍ପଣ କରିଛି । ପୁଲିସର ତତ୍ପରତା ଭିତରେ ହାପି ପୁରୀ କୋର୍ଟରେ ଆତ୍ମସମର୍ପଣ କରିଛି । ଘଟଣାରେ ପୂର୍ବରୁ ପୁଲିସ୍ ୪ ଜଣଙ୍କୁ ଗିରଫ କରିଥିବାବେଳେ ରାୟପୁରରୁ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ରାୟପୁରରୁ ବଳରାମଙ୍କୁ ଗିରଫ କରି ପୁଲିସ୍ କୋର୍ଟଚାଲାଣ କରିଥିବା ସୂଚନା ମିଳିଛି । ଏହି ଘଟଣାରେ ପୁରୀ ଏସ୍‌ପି କଣାସ ଥାନାର ୩ ଏଏସ୍ଆଇଙ୍କୁ ମଧ୍ୟ ବଦଳି କରିଛନ୍ତି । ଜୁମର ବିଶ୍ୱାଳ, ସଞ୍ଜୟ ପାଟଶାଣୀ ଓ ସନ୍ତୋଷ ଉଦୟସିଂହଙ୍କୁ ଅସ୍ତରଙ୍ଗ, କାକଟପୁର ଓ କୃଷ୍ଣପ୍ରସାଦ ଥାନାକୁ ବଦଳି କରାଯାଇଛି । ମିଳିଥିବା ସୂଚନା ଅନୁସାରେ କଣାସ ଥାନା ଦୋକନ୍ଦା ଗାଁର ମୃତ୍ୟୁଞ୍ଜୟ ଭାରିମଲଙ୍କୁ ଶନିବାର ଗୋଲାବଜାର ମାଛ ମାର୍କେଟ ନିକଟରେ କିଛି ଦୁର୍ବୃତ୍ତ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ୩ରୁ ୬ ଜଣ ଦୁର୍ବୃତ୍ତ ଏକ ଧାରୁଆ ପନିକିରେ ମୃତ୍ୟୁଞ୍ଜୟଙ୍କୁ ନିର୍ମମ ଭାବେ ହାଣିବା ପରେ ତାଙ୍କ ଉପରେ ଗାଡ଼ି ଚଢ଼ାଇ ଦେଇଥିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ପଡ଼ି ରହିଥିବାବେଳେ ବଜାରରେ ଦୁର୍ବୃତ୍ତମାନେ ଆତଙ୍କ ଖେଳାଇଥିଲେ । ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା ।

# ୧୨ ପ୍ରତିଭାଧାରୀ ମହିଳାଙ୍କୁ ଶାନ୍ତିସ୍ତୁପ ସମ୍ମାନ

ଭୁବନେଶ୍ୱର, ୧୧/୫(ନିପ୍ର): ମାସିକ ଓଡ଼ିଆ ଖବରକାଗଜ ଶାନ୍ତିସ୍ତୁପର ପଂଚମ ସ୍ୱନକ୍ଷତ୍ର ଉତ୍ସବ ସୋମବାର ସନ୍ଧ୍ୟାରେ ସ୍ଥାନୀୟ ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି । ଶାନ୍ତିସ୍ତୁପର ସମ୍ପାଦକ ରଞ୍ଜନ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିବା ସହ ରାଜ୍ୟବାସୀଙ୍କ ସାମାଜିକ ଓ ରାଜନୈତିକ ଜୀବନରେ ଶାନ୍ତିସ୍ତୁପ ତାର ପ୍ରଭାବ ବିସ୍ତାର କରିଚାଲିଛି ବୋଲି ମତବ୍ୟକ୍ତ କରିଥିଲେ । ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଡ. ଅରବିନ୍ଦ ଢାଲି ମୁଖ୍ୟବକ୍ତା ଭାବେ ଯୋଗଦେଇ ନିଜର ସୁଚିନ୍ତିତ ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୂତି ଭୂଷଣ କର, ପୂର୍ବତନ ବିଧାୟକ ଡଃ ଦିଲ୍ଲୀପ ଶ୍ରୀଚନ୍ଦନ, ବରିଷ୍ଠ ସାମ୍ବାଦିକ ଚୌଧୁରୀ ଅମିତାଭ ଦାସ, ପ୍ରକାଶକ ତଥା ଉଦ୍ୟୋଗପତି ଅମିତ ମଲ୍ଲିକ, ସଂସ୍କୃତି ଗବେଷକ ଭାଗ୍ୟଲିପି ମଲ୍ଲ, ବିଶିଷ୍ଟ ସଂଳାପକାର ତଥା ଶିକ୍ଷାବିତ୍ ଡଃ ରଜନୀ ରଞ୍ଜନ ଦାଶ, ସମାଜସେବୀ ସୁଚିସ୍ମିତା ପୃଷ୍ଟି ପ୍ରମୁଖ ଯୋଗଦେଇ ଆମେ ଡିଜିଟାଲ ଦୁନିଆରେ ରହୁଛେ ଓ ସମାଜର ପ୍ରତ୍ୟେକ କ୍ଷେତ୍ରରେ ଡିଜିଟାଲ ଗଣମାଧ୍ୟମର ଭୂମିକା ରହିଛି, ମାତ୍ର ଖବରକାଗଜର ସବୁବେଳେ, ସବୁ ସମୟରେ ଗୁରୁତ୍ୱବହନ କରିଆସିଛି । ସମାଜରେ ଅବହେଳିତ ଓ ନିଷ୍ପେଷିତ ଭାବେ ଜୀବନ ବିତାଉଥିବା ସାଧାରଣ ଜନତାଙ୍କ ସମସ୍ୟାକୁ ଲୋକଲୋଚନକୁ ଆଣିବାରେ ଶାନ୍ତିସ୍ତୁପ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ଶାନ୍ତିସ୍ତୁପର ସମ୍ପାଦକ ରଞ୍ଜନ କୁମାର ମହାପାତ୍ର ମତବ୍ୟକ୍ତ କରିଥିଲେ । ଏଥିସହିତ ସାଧାରଣ ଜନତାଙ୍କ ସ୍ୱରକୁ ସରକାରଙ୍କ ନିକଟରେ ପହଞ୍ଚାଇବା ପାଇଁ ଶାନ୍ତିସ୍ତୁପ ତାର କାର୍ଯ୍ୟ ଜାରି ରଖିବ ବୋଲି ଶ୍ରୀ ମହାପାତ୍ର କହିଥିଲେ । ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୨ଜଣ ପ୍ରତିଭାଧାରୀ ମହିଳାଙ୍କୁ ଶାନ୍ତିସ୍ତୁପ ସମ୍ମାନରେ ସମ୍ମାନିତ କରାଯାଇଥିଲା ।

## ରଥଖଳାରେ ଅଭାବନୀୟ ଘଟଣା: ସହଯୋଗୀ ମହାରଣା ଆହତ

ପୁରୀ, ୧୧/୫(ନିପ୍ର): ରଥଖଳାରେ ଅଭାବନୀୟ ଘଟଣା । ରଥ ନିର୍ମାଣ ସମୟରେ ବାରସୀ ବାଜି ଯିବାରୁ ସହଯୋଗୀ ମହାରଣା ଆହତ ହୋଇଛନ୍ତି । ରଥ କାଠ ହାଣୁଥିବା ସମୟରେ ନନ୍ଦିଘୋଷ ରଥର ଜଣେ ସହଯୋଗୀ ମହାରଣାଙ୍କ ଗୋଡ଼ରେ ବାରସୀ ବାଜି ଯିବାରୁ ସେ ଆହତ ହୋଇଥିବା ଜଣାପଡ଼ିଛି । ଆହତ ମହାରଣା ଜଣକ ହେଉଛନ୍ତି ନନ୍ଦିଘୋଷ ରଥ ଚାଳିର ଜଗନ୍ନାଥ ମହାରଣା । ତେବେ ତୁରନ୍ତ ସ୍ୱାସ୍ଥ୍ୟକର୍ମୀମାନେ ଜଗନ୍ନାଥଙ୍କୁ ଚିକିତ୍ସା ଯୋଗାଇଥିଲେ । ଏହାପରେ ପୁଣି ହାତରେ ବାରସୀ ଧରି ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ ଜଗନ୍ନାଥ । ମହାପ୍ରଭୁଙ୍କ କାର୍ଯ୍ୟ ବେଳେ ସାମାନ୍ୟ ଅସାବଧାନତା ହେଲେ ଏଭଳି ଘଟଣା ଘଟିଥାଏ । ଏଣୁ ରଥ ନିର୍ମାଣ ସମୟରେ ଅତି ସତର୍କତା ଅବଲମ୍ବନ କରି ରଥ ନିର୍ମାଣ କାର୍ଯ୍ୟ କରିଥାଉ ବୋଲି କହିଛନ୍ତି ଆହତ ହୋଇଥିବା ଜଗନ୍ନାଥ ।



ଲିଙ୍ଗରାଜ ମନ୍ଦିରଠାରେ ଆୟୋଜିତ ସୋମନାଥ ସ୍ୱାଭିମାନ ପର୍ବ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ (ଫଟୋ-ଦିନଲିପି)

## ସେମିଫାଇନାଲରେ ତରେଇକେଲା

କୁଚିଣ୍ଡା,୧୧/୫(ନିପ୍ର): ସମ୍ବଲପୁର ଜିଲ୍ଲା ବାମରା ହାଇସ୍କୁଲ ନିକଟସ୍ଥ ମିନି ଷ୍ଟାଡିୟମରେ ରବିବାର ସନ୍ଧ୍ୟାରେ ସପ୍ତମ ନାଇଟ୍ କ୍ରିକେଟ୍ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି । ବାମରା ରାଇଫଲ୍ କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ଆହୋଜିତ ହୋଇଥିା ଏହି ପାଞ୍ଚଦିନିଆ ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ଜିଲ୍ଲାର ୧୬ଟି ଟିମ ଏଥିରେ ଅଂଶଗ୍ରହଣ କରିଛନ୍ତି । ବାମରା ଅଗ୍ନିଶମ ବିଭାଗ ଅଧିକାରୀ ପବିତ୍ର ନାଏକ ମୁଖ୍ୟଅତିଥି, ଅବସରପ୍ରାପ୍ତ ସେନା ଅଧିକାରୀ କ୍ୟାପଟେନ ମହେନ୍ଦ୍ର ପୃଷେଠ, ଅଗ୍ନିକ ବିଜୟ ରାଉତ ଓ ନୀରଜ ଡୁଙ୍ଗଡୁଙ୍ଗ ସମ୍ମାନିତ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ । ଉଦଘାଟନୀ ମ୍ୟାଚ୍‌ରେ ତରେଇକେଲା ଟିମ ଉତ୍ତମ ପ୍ରଦର୍ଶନ କରି କେଚ୍ଛୁପାଣି ଟିମକୁ ୫୪ ରନ୍‌ରେ ପରାସ୍ତ କରି ବିଜୟୀ ହୋଇଥିଲା ।

### ଗୋଳବାଇବାସୀଙ୍କ ପାଇଁ ପ୍ରହସନ ସାଜିଛି ସରକାରୀ ଯୋଜନା

# ବସଷ୍ଟପ୍ ଅଛି, ବସ୍ ଚଳାଚଳ କରୁନି



ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ଦାବିପତ୍ର ପ୍ରଦାନ

ନିରାକାରପୁର, ୧୧/୫(ନିପ୍ର) : ଖୋର୍ଦ୍ଧା ଜିଲ୍ଲାର ଅନ୍ୟତମ ପ୍ରମୁଖ ଅଞ୍ଚଳ ଗୋଳବାଇ ଶାସନ ଗ୍ରାମପଞ୍ଚାୟତରେ ଗମନାଗମନ ଓ ଭିତ୍ତିଭୂମିର ବିକାଶ ପାଇଁ ହୋଇଥିବା ସରକାରୀ ଯୋଜନା ଏବେ ଲୋକଙ୍କ ପାଇଁ ପ୍ରହସନ ସାଜିଛି । ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ପାଇଁ ଗୋଳବାଇବାସୀଙ୍କ ପକ୍ଷରୁ ସ୍ଥାନୀୟ ବିଧାୟକଙ୍କ ଜରିଆରେ ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସୂଚନା ଅନୁଯାୟୀ, ଗୋଳବାଇ ଅଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପୂର୍ବ ସରକାରଙ୍କ ସମୟରେ ଲକ୍ଷଲକ୍ଷ ଟଙ୍କା ବ୍ୟୟରେ ଏକ ଭବ୍ୟ ବସଷ୍ଟପ୍ ନିର୍ମାଣ କରାଯାଇଥିଲା । ମାତ୍ର ବାସ୍ତବ କ୍ଷେତ୍ରରେ ଏଠାରୁ ଏପର୍ଯ୍ୟନ୍ତ 'ମୁଖ୍ୟମନ୍ତ୍ରୀ ବସ ସେବା' କିମ୍ବା କୌଣସି ଘରୋଇ ବସ ଚଳାଚଳ କରୁନାହିଁ । ଦୀର୍ଘଦିନ ଧରି ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିବା ଏହି ବସଷ୍ଟପ୍ ଏବେ ଗୋରୁଗାଈଙ୍କ ଆଶ୍ରୟସ୍ଥଳୀ ପାଲଟିଥିବା ବେଳେ ସନ୍ଧ୍ୟା ହେଲେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀରେ ପରିଣତ ହେଉଛି । ଫଳରେ ସାଧାରଣ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କେବଳ ବସ ସେବା ନୁହେଁ, ବରଂ ଅନ୍ୟ ଦୁଇଟି ପ୍ରମୁଖ ସମସ୍ୟା ପ୍ରତି ମଧ୍ୟ ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଗୋଳବାଇ ହାଇସ୍କୁଲର ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ବହୁମୂଲ୍ୟ ଜମିକୁ ସୁରକ୍ଷିତ ରଖିବା ପାଇଁ ଏକ ଦୀର୍ଘ ପାଚେରୀ ନିର୍ମାଣ କରିବାକୁ ଅଞ୍ଚଳବାସୀ ନିବେଦନ କରିଛନ୍ତି । ସେହିପରି ଗୋଡ଼ିପଡ଼ାଠାରେ ଥିବା ଟୋଲଗେଟ୍ ଦେଇ ଗୋଳବାଇ ପଞ୍ଚାୟତବାସୀଙ୍କ ଯାତାୟାତ କରୁଥିବା ବିଭିନ୍ନ ବ୍ୟକ୍ତିଗତ ଯାନଗୁଡ଼ିକୁ ସମ୍ପୂର୍ଣ୍ଣ ଦେୟମୁକ୍ତ କରିବାକୁ ଦାବି ହୋଇଛି । ନୂତନ ଜନକଲ୍ୟାଣକାରୀ ସରକାର ଗଠନ ହୋଇଥିବାରୁ, ଏହି ଦୀର୍ଘବର୍ଷର ସମସ୍ୟାଗୁଡ଼ିକର ସ୍ଥାୟୀ ସମାଧାନ ହେବ ବୋଲି ଗ୍ରାମବାସୀ ଆଶା ପ୍ରକଟ କରିଛନ୍ତି । ସାଂସଦ ଏହି ସମ୍ବେଦନଶୀଳ ପ୍ରସଙ୍ଗ ପ୍ରତି ଗଭୀର ଦୃଷ୍ଟି ନିକ୍ଷେପ କରିବାକୁ ପଞ୍ଚାୟତବାସୀ ଅନୁରୋଧ କରିଛନ୍ତି । ଏହି ଅବସରରେ ଗୋଳବାଇ ପଞ୍ଚାୟତର ରଶ୍ମିକାନ୍ତ କଳସ, ରମାକାନ୍ତ ଜେନା, ନିରଞ୍ଜନ ସ୍ୱାଇଁ, ଚନ୍ଦ୍ରକାନ୍ତ କହଳସିଂ, ସନ୍ତୋଷ କୁମାର ମଙ୍ଗରାଜ,ପ୍ରଫୁଲ୍ଲ କୁମାର ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

## ସିଏମଏଙ୍କୁ ଉଦ୍‌ବୋଧନ ଦେଲେ ଇରେଡା ସିଏମଡି




**ଭୁବନେଶ୍ୱର, ୧୧/୫(ପିଆଇବି):** ଦି ଇନଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ ଦ୍ୱାରା ଭୁବନେଶ୍ୱରରେ ଆୟୋଜିତ ପୂର୍ବ ଭାରତ ଆଞ୍ଚଳିକ ଛାତ୍ର ସମ୍ମିଳନୀ - 'ଜ୍ଞାନୋତ୍ଥାନ ୨୦୨୬'କୁ ସମ୍ବୋଧନ କରିଛନ୍ତି ଭାରତୀୟ ନବୀକରଣୀୟ ଶକ୍ତି ବିକାଶ ସଂସ୍ଥା ଲିମିଟେଡ୍ (ଇରେଡା)ର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର ଦାସ । ଭାରତର ବାର ବର୍ଷର ନବୀକରଣୀୟ ଶକ୍ତି ଅଗ୍ରଗତି କଥା ପ୍ରକାଶ କରି ଶ୍ରୀ ଦାସ କହିଥିଲେ ଯେ ଭାରତର ନବୀକରଣୀୟ ଶକ୍ତି କ୍ଷମତା ବାର୍ଷିକ ୧୧ ପ୍ରତିଶତ ହାରରେ ଅଭିବୃଦ୍ଧି ହାସଲ କରି ୨୦୧୩-୧୪ ଆର୍ଥିକ ବର୍ଷରେ ୭୬ ଗିଗାୱାଟରୁ ୨୦୨୫-୨୬ ଆର୍ଥିକ ବର୍ଷ ସୁଦ୍ଧା ୨୭୫ ଗିଗାୱାଟରେ ପହଞ୍ଚିଛି । କେବଳ ୨୦୨୫-୨୬ ଆର୍ଥିକ ବର୍ଷରେ ୫୪.୫୯ ଗିଗାୱାଟ୍ କ୍ଷମତା ସ୍ଥାପନ କରାଯାଇଛି । ୨୦୩୦ ଲକ୍ଷ୍ୟର ପାଞ୍ଚବର୍ଷ ପୂର୍ବରୁ ୫୦ ପ୍ରତିଶତ ଅଣ-ଜୀବାଶ୍ମ କ୍ଷମତା ହାସଲ ସହ ଭାରତ ବିଶ୍ୱର ୩ୟ ବୃହତ୍ତମ ନବୀକରଣୀୟ ବଜାରରେ ପରିଣତ ହୋଇଛି । ସେ ଉଲ୍ଲେଖ କରିଛନ୍ତି ଯେ ଇରେଡାର ଋଣ ବହି ବାର୍ଷିକ ହାରାହାରି ୨୭ ପ୍ରତିଶତ ହାରରେ ବୃଦ୍ଧି ପାଇ ୨୦୨୦-୨୧ରେ ୨୭,୮୫୦ କୋଟି ଟଙ୍କାରୁ ୨୦୨୫-୨୬ରେ ୯୩,୦୫୧ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ସେ ଏହାକୁ ଇରେଡାର ନବସୃଜନ ସଂସ୍କୃତିକୁ ଶ୍ରେୟ ଦେଇଛନ୍ତି, ଯେଉଁଥିରେ ଋଣଗ୍ରହୀତାଙ୍କ ପାଇଁ କାର୍ଯ୍ୟକାଳ ହ୍ରାସ କରି ଜୈବଶକ୍ତି, ସବୁଜ ହାଇଡ୍ରୋଜେନ୍ ଇତ୍ୟାଦି ଉଦୀୟମାନ କ୍ଷେତ୍ରରେ ଆଗୁଆ ଫାଇନାନ୍ସିଂ ଅନ୍ତର୍ଭୁକ୍ତ । ସେ ଏହା ମଧ୍ୟ କହିଥିଲେ ଯେ ଏହା ଦ୍ୱାରା ଅଙ୍ଗାରକ ନିର୍ଗମନ ହ୍ରାସ ପାଇ ପରିବେଶ ସୁରକ୍ଷା ହେବା ସହ ଅନେକ ପ୍ରକାରର ପରୋକ୍ଷ ନିଯୁକ୍ତି ସୃଷ୍ଟି କରିଛି । ଇରେଡାର ଏକ ସଫଳତା କଥା ଉଲ୍ଲେଖ କରି ସେ କହିଥିଲେ ଯେ ନଭେମ୍ବର ୨୦୨୩ରେ ଇରେଡାର ଆଇପିଓ ତୃତୀୟ ଉଦ୍ୟମରେ ସଫଳ ହେବା ସହ ୩୮.୮ ଗୁଣ ଓଭରସବସ୍କ୍ରାଇବ ହୋଇଥିଲା । ଏହା ଦ୍ୱାରା ନଭେମ୍ବର ୨୦୨୩ରୁ ନଭେମ୍ବର ୨୦୨୪ ମଧ୍ୟରେ ଏହା ଦେଶର ଦ୍ୱିତୀୟ ବୃହତ୍ତମ ମୂଲ୍ୟ ସୃଷ୍ଟିକାରୀରେ ପରିଣତ ହୋଇଥିଲା । ଇକୋନୋମିକ ଟାଇମ୍ସ ଅନୁସାରେ ଏହି ତାଲିକାରେ ଏକମାତ୍ର ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଭାବେ ଇରେଡା ରହିଥିଲା । ବିଫଳତା ପରେ ଉପରକୁ ଉଠିବା ପ୍ରକୃତ ସଫଳତାକୁ ଦର୍ଶାଏ ବୋଲି ସେ କହିଥିଲେ ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ | ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ